A Daily Odia Newspaper
SEITHO ARAMBHA
RNI No : ORIORI/2006/21585, Vol. : 19, Issue : 107
Sunday, 22 June 2025, Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୨୨ ଜୁନ, ୨୦୨୫, ପୃଷ୍ଠା : ୮, ମୂଲ୍ୟ : ୨ଟଙ୍କା
Seitho Arambha Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଜୁନ୍ ୨୭ ପର୍ଯ୍ୟନ୍ତ ଓଡ଼ିଶାରେ ବର୍ଷା !

ଭୁବନେଶ୍ୱର, ୨୧/୦୬(ଆ.ପ୍ର):ଜୁନ୍ ୨୭ ପର୍ଯ୍ୟନ୍ତ ଓଡ଼ିଶାରେ ବର୍ଷା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଗତି କରି ଝାଡ଼ଖଣ୍ଡ ନିକଟରେ ଦୁର୍ବଳ ହୋଇଛି । ଏହା ଦ୍ୱାରା ଝାଡ଼ଖଣ୍ଡ ଏବଂ ସଂଲଗ୍ନ ଅଂଚଳ ନିକଟରେ ଏକ ଲଘୁଚାପ କ୍ଷେତ୍ର ପରିଣତ ହୋଇଛି । ଏହା ଆସନ୍ତା ୨୪ ଘଣ୍ଟା ପରେ ଆହୁରି ଦୁର୍ବଳ ହେବ କିନ୍ତୁ ଓଡ଼ିଶାରେ ବର୍ଷା ୨୭ ଜୁନ୍ ପର୍ଯ୍ୟନ୍ତ ଜାରି ରହିବ । ଫଳରେ ଜୁନ୍ ୨୭ରେ ଅନୁଷ୍ଠିତ ହେବାକୁ ଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଚଳିତ ବର୍ଷ ବର୍ଷାରେ ଭିଜିବା ସମ୍ଭାବନା ସୃଷ୍ଟି ହୋଇଛି । ଜୁନ୍ ୨୪ ରୁ ଜୁନ୍ ୨୬ ମଧ୍ୟରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ । ପାଣିପାଗ ବିଶେଷଜ୍ଞଙ୍କ ଅନୁଯାୟୀ, ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଶା କରାଯାଇଥିବା ବର୍ଷା ଅପେକ୍ଷା ୫ ପ୍ରତିଶତ ଅଧିକ ବର୍ଷା କରିଛି । ୨ଟି ଜିଲ୍ଲାରେ ଅଧିକ ପରିମାଣରେ ବର୍ଷା ହୋଇଛି । ୬ଟି ଜିଲ୍ଲାରେ ଆଶା ଅନୁଯାୟୀ ବର୍ଷା ହୋଇଛି ଏବଂ ୧୫ଟି ଜିଲ୍ଲାରେ ପୂର୍ବାନୁମାନ ଅନୁଯାୟୀ ବର୍ଷା ହୋଇଛି । ବର୍ତ୍ତମାନ ରାଜ୍ୟରେ ବିଶେଷ ବର୍ଷାର ସମ୍ଭାବନା ନାହିଁ । ଆସନ୍ତା ୩ ଦିନ କାଁ ଭାଁ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହୋଇପାରେ । ମାତ୍ର ବଡ଼ ବର୍ଷା କିମ୍ବା ବିସ୍ତୃତ ଅଂଚଳ ଭିଜିବାର ସମ୍ଭାବନା ନାହିଁ । ଉତ୍ତର ଓଡ଼ିଶାର କିଛି ଜାଗାରେ ଘଡ଼ଘଡ଼ି, ୩୦-୪୦ କିମି ବେଗରେ ପବନ ଆଶଙ୍କା ନେଇ ସତର୍କ ସୂଚନା ଜାରି କରାଯାଇଛି । ଭୁବନେଶ୍ୱର ପାଣିପାଗ କେନ୍ଦ୍ର ଅନୁସାରେ ବର୍ତ୍ତମାନ ବର୍ଷା ପ୍ରକୋପ କମ୍ ରହିବ । ତେବେ ୨୪ରୁ ବର୍ଷା ପରିମାଣ ସାମାନ୍ୟ ବଢ଼ିବା ସହ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହୋଇପାରେ । ଏପରିକି ଉତ୍ତର ଓଡ଼ିଶାର କିଛି ଜିଲ୍ଲାର ସ୍ଥାନେ ସ୍ଥାନେ ୨୪ରୁ ପ୍ରବଳ ବର୍ଷା ଆଶଙ୍କା ଅଛି । ୨୬ରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇପାରେ । ଶୁକ୍ରବାର ଦିନତମାମ ରାଜ୍ୟରେ ବିଶେଷ ବର୍ଷା ନଥିଲା । ଭୁବନେଶ୍ୱର ସମେତ ଅନେକ ସ୍ଥାନରେ ପାଗ ଆଂଶିକ ମେଘୁଆ ଥିଲେ ମଧ୍ୟ ପାଗ ଶୁଖିଲା ଥିଲା । ସୁନ୍ଦରଗଡ଼ରେ କାଁ ଭାଁ ହାଲୁକା ବର୍ଷା ହୋଇଥିଲା । ବୌଦ୍ଧ ଓ କୋରାପୁଟ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ୍ ଟପିଥିଲା । ଉପକୂଳ ଓଡ଼ିଶାରେ ଭୁବନେଶ୍ୱର ୩୩.୧ ଓ କଟକ ୩୩.୮ ଡିଗ୍ରୀ ଥିବା ବେଳେ ଗୁଳୁଗୁଳି ପ୍ରକୋପ ଅଧିକ ଥିଲା ।

୨୦୩୬ ପାଇଁ ମୋହନ ସରକାରଙ୍କ ମେଗା ପ୍ଲାନ୍

ଭୁବନେଶ୍ୱର, ୨୧/୦୬(ଆ.ପ୍ର):ପଛୁଆ ରାଜ୍ୟ ଓଡ଼ିଶାରୁ ବିକଶିତ ଓଡ଼ିଶା । ଦୀର୍ଘ ୧୦୦ ବର୍ଷର ଯାତ୍ରା ଭିତରେ ୨୦୩୬ରେ ଓଡ଼ିଶା କେଉଁଠି ଥିବା । ଦଶନ୍ଧି ଦଶନ୍ଧି ଧରି ଦାରିଦ୍ର୍ୟ, ଅନାଟନ, ଅପସୃଷ୍ଟିର ଅପବାଦର ବୋଝ ମୁଣ୍ଡାଇଥିବା ଓଡ଼ିଶାକୁ ଶିଖରରେ ପହଁଚାଇବା ପାଇଁ ୨୦୩୬ ଭିଜନର ନକ୍ସା ପ୍ରସ୍ତୁତ କରିଛନ୍ତି ଡବଲ ଇଞ୍ଜିନ ସରକାର । ଆଉ ଜନତା ମୈଦାନରେ ମୋଦୀ ଓ ମୋହନ ଆଙ୍କିଛନ୍ତି ବିକାଶର ରଙ୍ଗୀନ କାନଭାସ୍ । ୨୦୩୬, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନକୁ ୧୦୦ ବର୍ଷ । ସ୍ୱପ୍ନର ଓଡ଼ିଶାକୁ ଆପଣ କେମିତି ଦେଖିବାକୁ ଚାହାଁନ୍ତି, ଦେଶର ଶ୍ରେଷ୍ଠ ରାଜ୍ୟ ଭିତରେ କେଉଁଠି ଥିବ ଆମ ରାଜ୍ୟର ସ୍ଥିତି । ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଚିତ୍ର କେଉଁ ସ୍ତରରେ ପହଁଚିଥିବ । ଏଭଳି ପ୍ରଶ୍ନ ପ୍ରଶ୍ନ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ମନରେ ଉଙ୍କି ମାରୁଛି । ୨୦୨୫ରୁ ୨୦୩୬ର ସୁନେଲି ନକ୍ସା ପ୍ରସ୍ତୁତ କରିଛନ୍ତି ଡବଲ୍ ଇଞ୍ଜିନ ସରକାର । ମୋହନ-ମୋଦୀ ଶୁକ୍ରବାର ଜନତା ମୈଦାନରେ ଆୟୋଜିତ ସରକାରଙ୍କର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପୁସ୍ତିକାର ଉନ୍ମୋଚନ କରିଛନ୍ତି । ଆଉ ରାଜ୍ୟବାସୀଙ୍କ ଆଗରେ ରଖିଛନ୍ତି ବିକଶିତ ଓଡ଼ିଶାର ନକ୍ସା । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ଗମନାଗମନ, ଭିତ୍ତିଭୂମିକୁ ଏଥିରେ ଦିଆଯାଇଛି ବିଶେଷ ଗୁରୁତ୍ୱ । ଭିଜନ ୨୦୩୬: ସରକାରଙ୍କ ସ୍ୱପ୍ନ -ଓଡ଼ିଶାର ଉତ୍ପାଦନ ବୃଦ୍ଧି ଲାଗି ସମସ୍ତଙ୍କ ପାଇଁ ଜଳସେଚନ ବ୍ୟବସ୍ଥା-ସମସ୍ତଙ୍କ ପାଇଁ ବାସଯୋଗ୍ୟ ଘର-ଆରୋଗ୍ୟ ଓଡ଼ିଶା ମାଧ୍ୟମରେ ସୁଲଭ, ଶସ୍ତା ସ୍ୱାସ୍ଥ୍ୟସେବା -ସବୁଜ ଓଡ଼ିଶା ପାଇଁ ଜଳବାୟୁ ପ୍ରଭାବ, ଜୀବିକା ଓ ବିକାଶ ଲକ୍ଷ୍ୟରେ ଜଙ୍ଗଲ ସୃଷ୍ଟି -ବିକଶିତ ଓଡ଼ିଶା ପାଇଁ ପରବର୍ତ୍ତୀ ପିଢ଼ିର ଭିତ୍ତିଭୂମି ଗଠନ -ଓଡ଼ିଆ ଅସ୍ମିତାକୁ ଆଗକୁ ନେବାକୁ ଓଡ଼ିଆ ଶାଶ୍ୱତ ଆତ୍ମାର ସମ୍ମାନ - ୨୦୩୬ ସୁଦ୍ଧା ଓଡ଼ିଶା ଅର୍ଥନୀତିର ଆକାର ୫୦ହଜାର କୋଟି ଡଲାର -୨୦୪୭ ୧.୫ ଲକ୍ଷ କୋଟିରେ ଅର୍ଥନୀତିକୁ ପହଂଚାଇବାକୁ ଲକ୍ଷ୍ୟ ସେହିପରି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରକୁ ମଧ୍ୟ ବଡ଼ ପ୍ରାଥମିକତା ଦେଇଛନ୍ତି ଡବଲ୍ ଇଞ୍ଜିନ ସରକାର । ଫୋକସରେ ଶିକ୍ଷା ଓ ନିଯୁକ୍ତି - ୨୦୪୭ ସୁଦ୍ଧା ୬୦ ପ୍ରତିଶତରୁ ଅଧିକ ସ୍ନାତକଙ୍କୁ ଚାକିରି - ୨୦୩୬ ସୁଦ୍ଧା ଓଡ଼ିଶାର ୨ଟି ବିଶ୍ୱବିଦ୍ୟାଳୟକୁ ବିଶ୍ୱର ଶ୍ରେଷ୍ଠ ତାଲିକାରେ ସ୍ଥାନ ଦେବା -ସମସ୍ତ ୩୧୪ ବ୍ଲକରେ ଆଇଟିଆଇ ପ୍ରତିଷ୍ଠା -୨୦୪୭ ସୁଦ୍ଧା ଅତିକମରେ ବାର୍ଷିକ ୧ ଲକ୍ଷ ଯୁବକ ଯୁବତୀଙ୍କୁ ବିଦେଶରେ ନିଯୁକ୍ତି -୨୦୩୬ ସୁଦ୍ଧା ବାର୍ଷିକ ୨୫ ହଜାର ନିଯୁକ୍ତି ୨୦୩୬ ସୁଦ୍ଧା ଉଡ଼ାନ୍ ଯୋଜନାରେ ଓଡ଼ିଶାରେ ୫ଟି ନୂଆ ବିମାନ ବନ୍ଦର ପ୍ରତିଷ୍ଠା ସହ ରାଜ୍ୟରେ ପରିବହନ ଭିତ୍ତିଭୂମିରେ ବିକାଶ ପାଇଁ ଅନେକ ଯୋଜନା ଆଣିବେ ମୋହନ ମାଝୀ ସରକାର ।

ବିଶ୍ୱବ୍ୟାପୀ ଅସ୍ଥିରତା ମଧ୍ୟରେ ଯୋଗ ଏକ ପଜ୍ ବଟନ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୧/୦୬(ନ୍ୟୁ.ଏ): ଶନିବାର ସାରା ବିଶ୍ୱରେ ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ଥିମ ରହିଛି ଏକ ପୃଥିବୀ ଏକ ସ୍ୱାସ୍ଥ୍ୟପାଇଁ ଯୋଗ । ଏହି ଅବସରରେ ଅନ୍ଧ୍ର ପ୍ରଦେଶର ବିଶାଖାପାଟନମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଯୋଗ ଏକ ଶକ୍ତିଶାଳୀ ଅସ୍ତ୍ର । ବିଶ୍ୱବ୍ୟାପୀ ଅସ୍ଥିରତା ମଧ୍ୟରେ ମାନବତାକୁ ଟିକେ ନିଶ୍ୱାସ୍ ମାରିବାକୁ, ସନ୍ତୁଳନ ରକ୍ଷା କରିବାକୁ ଯୋଗ ଗୋଟେ ପଜ୍ ବଟନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦୀ ଗତ ଦଶନ୍ଧିରେ ସାରା ବିଶ୍ୱରେ ଯୋଗର ସଫଳ ଯାତ୍ରା ବିଷୟରେ ଉଲ୍ଲେଖ କରିଥିଲେ । ସେହି ଐତିହାସିକ ମୁହୂର୍ତ୍ତକୁ ମନେ ପକାଇଥିଲେ ଯେତେବେଳେ ଭାରତ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବରେ ମାନ୍ୟତା ଦେବା ପାଇଁ ମିଳିତ ଜାତିସଂଘ ସାଧାରଣ ସଭାରେ ପ୍ରସ୍ତାବ ଦେଇଥିଲା । ବହୁତ କମ୍ ସମୟ ମଧ୍ୟରେ ୧୭୫ଟି ଦେଶ ଭାରତର ପ୍ରସ୍ତାବକୁ ସମର୍ଥନ କରିଥିବା ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି "ଆଜିର ଦୁନିଆରେ ଏପରି ସମର୍ଥନ ମିଳିବା ସାଧାରଣ କଥା ନୁହେଁ । ଏହା କେବଳ ଏକ ପ୍ରସ୍ତାବକୁ ସମର୍ଥନ ନଥିଲା, ଏହା ମାନବତାର ମଙ୍ଗଳ ପାଇଁ ବିଶ୍ୱର ଏକ ସାମୂହିକ ପ୍ରୟାସ ଥିଲା । ହେଲେ ଦୁର୍ଭାଗ୍ୟର କଥା ଯେ ଆଜି ସାରା ବିଶ୍ୱ କୌଣସି ନା କୌଣସି ସମସ୍ୟା ଦେଇ ଗତି କରୁଛି । ଅନେକ ସ୍ଥାନରେ ଅଶାନ୍ତି ଏବଂ ଅସ୍ଥିରତା ବଢୁଛି । ଏପରି ପରିସ୍ଥିତିରେ, ଯୋଗ ଆମକୁ ଶାନ୍ତି ପାଇଁ ଦିଗଦର୍ଶନ ଦିଏ । ମାନବଜାତିକୁ ଶାନ୍ତିରେ ନିଶ୍ୱାସ ମାରିବା, ସନ୍ତୁଳନ ବଜାଇ ରଖିବା ଓ ମନକୁ ସ୍ଥିର ରଖିବା ପାଇଁ ଯୋଗ ହେଉଛି ଏକ ପଜ୍ ବଟନ । ଆସନ୍ତୁ ଏହି ଯୋଗ ଦିବସକୁ ମାନବତା ପାଇଁ ଓମ୍ ଜୋଡ଼ିବାକୁ ଯୋଗକୁ ପ୍ରାରମ୍ଭିକ ମାଧ୍ୟମ ଭାବରେ ନେବା, ଯେଉଁଠାରେ ଆନ୍ତରିକ ଶାନ୍ତି ସମଗ୍ର ଶାନ୍ତିର ମାର୍ଗ ହୋଇଯିବ ।" ସେ ଆହୁରି କହିଛନ୍ତି "ଆଜି, ୧୧ ବର୍ଷ ପରେ, ଆମେ ଦେଖୁଛୁ ଯେ ଯୋଗ ବିଶ୍ୱର କୋଟି କୋଟି ଲୋକଙ୍କ ଜୀବନଶୈଳୀର ଏକ ଅଂଶ ପାଲଟିଛି । ଯେତେବେଳେ ମୁଁ ଦେଖେ ଯେ ଆମର ଦିବ୍ୟାଙ୍ଗ ବନ୍ଧୁମାନେ ଯୋଗ ଶାସ୍ତ୍ର ପଢ଼ନ୍ତି, ବୈଜ୍ଞାନିକମାନେ ମହାକାଶରେ ଯୋଗ କରୁଛନ୍ତି ସେତେବେଳେ ମୁଁ ଗର୍ବିତ ଅନୁଭବ କରେ ।

ସୁବର୍ଣ୍ଣରେଖାରେ ବନ୍ୟା : ବିଭିନ୍ନ ପଂଚାୟତ ପ୍ରଭାବିତ

ଭୋଗରାଇ, ୨୧/୦୬(ଆ.ପ୍ର):ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଖାଳଝରି ସ୍ଲୁଇସ୍ ଗେଟ୍‌ରେ ଫାଟ ସୃଷ୍ଟି ହୋଇଛି । ଫଳରେ ୩ଟି ଗେଟ୍ ଦେଇ ଗାଁରେ ପଶିଲା ବନ୍ୟାପାଣି । ସମ୍ପୂର୍ଣ୍ଣ ଭାଙ୍ଗିଲେ ଭୋଗରାଇର ୧୮ଟି ପଂଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବ । ଗେଟ୍‌ରେ ଫାଟ ଦେଖି ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି । ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଭୋଗରାଇ ବ୍ଲକରେ ବିଭିନ୍ନ ସ୍ଥାନରେ ପାଣି ପଶିଛି । ଫଳରେ ସ୍ଥାନୀୟ ଲୋକ ଭୟଭୀତ ଥିବା ବେଳେ ନାତିନ୍ଦ । ପଂଚାୟତ ଖାଳଝରି ଠାରେ ଥିବା ସ୍ଲୁଇସ୍ ଗେଟ୍‌ରେ ଫାଟ ସୃଷ୍ଟି ହୋଇ ୩ଟି ଗେଟ୍ ଦେଇ ଗାଁରେ ପଶିଲା ବନ୍ୟାଜଳ । ଏହାକୁ ନେଇ ଲୋକ ମାନେ ଚିନ୍ତାରେ ଥିବା ବେଳେ ଏପର୍ଯ୍ୟନ୍ତ ଜଳସେଚନ ବିଭାଗ ଆଖିବୁଜି ବସିଛି । ତେବେ ଖୁବ୍‌ଶୀଘ୍ର ଏହାକୁ ଠିକ୍ କରାନଗଲେ ଗେଟ୍ ସମ୍ପୂର୍ଣ୍ଣ ଭାଙ୍ଗିଗଲେ ୧୮ଟି ପଂଚାୟତ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ବୋଲି ଆଶଙ୍କା କରାଯାଉଛି । ସେପଟେ ସୁବର୍ଣ୍ଣରେଖା ନଦୀ ରାଜଘାଟ ନିକଟରେ ବିପଦ ସଙ୍କେତ ଉପରେ ବନ୍ୟାପାଣି ପ୍ରବାହିତ ହେଉଛି । ସେପଟେ ଗାଁ ଗାଁରେ ପଶୁଛି ବନ୍ୟାପାଣି । ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟା ଜଳ ପ୍ରବାହିତ ହେବା ଫଳରେ ଭୋଗରାଇ ବ୍ଲକ୍‌ର ଖଡ଼ାବଡ଼ିଆ, କୁଳହା, ବାଙ୍କିଁଶ ଖଣ୍ଡା ଗ୍ରାମରେ ବନ୍ୟା ପାଣି ପଶିଛି । ରାସ୍ତା ଉପରେ ୪ ଫୁଟର ପାଣି ପ୍ରବାହିତ ହେଉଛି । ଭୋଗରାଇ ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଂଚାୟତ ଜଳମଗ୍ନ ହେବା ସହ ବ୍ୟାପକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ପିଲାଛୁଆ, ଗୃହ ପାଳିତ ପଶୁକୁ ନେଇ ନଦୀବନ୍ଧରେ ସାହାରା ନେଉଛନ୍ତି ଲୋକେ । ସେପଟେ ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟା ଆସିବା ପରେ ଭୋଗରାଇ ବ୍ଲକର କୁଳହା ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି । ଶୁକ୍ରବାର ଠାରୁ ଘର ଭିତରେ ପାଣି ପଶିଥିବା ବେଳେ ଏ ପର୍ଯ୍ୟନ୍ତ ଲୋକ ଖାଦ୍ୟ ଖାଇ ନାହାନ୍ତି । ବନ୍ୟାରେ କିଛି ଆସବାବପତ୍ର ଭାସିଯାଇଥିବା ବେଳେ ନିଜ ପରିଶ୍ରମର ଫଳ ଧାନକୁ ଖଟ ଉପରେ ରଖି ବସିଛନ୍ତି ଲୋକ । ଆଉ କିଛି ପରିବାରର ଘର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବା ବେଳେ ଛାତ ଉପରେ ୨୪ ଘଣ୍ଟା ହେଲାଣି ନିଜ ନିଜର ଆସବାବପତ୍ର ନେଇ ବସିଛନ୍ତି ।

ଡାଇରିଆ ସ୍ଥିତିର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୦୬(ଆ.ପ୍ର):ଡାଇରିଆ ସ୍ଥିତିର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ । ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଯେଉଁଥିରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତି ରହିବେ । ଖବର ଅନୁଯାୟୀ, ଗତ କିଛି ଦିନ ହେଲା ରାଜ୍ୟରେ ଡାଇରିଆ ସ୍ଥିତି ଅଣାୟତ ରହିଥିଲା । ହେଲେ ସମୟକ୍ରମେ ଏବେ ଡାଇରିଆ ସ୍ଥିତିରେ ସୁଧାର ଆସିଛି । ତଥାପି କିଛି ଅଂଚଳରେ ସଂକ୍ରମଣ ଅଧିକ ରହିଛି । ତେବେ କିପରି ସେହି ଅଂଚଳରେ ପଦକ୍ଷେପ ନିଆଯାଇଛି । ତାକୁ ନେଇ ମୁଖ୍ୟମନ୍ତ୍ରୀ ଡାକିଛନ୍ତି ସମୀକ୍ଷା ବୈଠକ । ଶନିବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିବ ଡାଇରିଆ ସମୀକ୍ଷା ବୈଠକ । ଯେଉଁଥିରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ ।

ଏକାଗ୍ରତା ଓ ସ୍ଥିରତା ଆଣେ ଯୋଗ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୦୬(ଆ.ପ୍ର): ଯୋଗ ଅବସରରେ ସାରା ବିଶ୍ୱ ପାଳୁଛି ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ । ଏହିକ୍ରମରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଯୋଗ ଦିବସ ପାଳନ କରିଛନ୍ତି । କଳିଙ୍ଗ ଷ୍ଟାଡିୟମ୍‌ରେ ଯୋଗ ଦିବସ ପାଳିଛନ୍ତି ମୁଖ୍ୟମନ୍ତ୍ରୀ । ଯୋଗ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତର ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ଯୋଗ । ଯୋଗ ଦ୍ୱାରା ସବୁ ସମ୍ଭବ ହେବ । ପିଲାଠାରୁ ବୟସ୍କ ଯାଏଁ ସଭିଏ ଯୋଗ କରନ୍ତି । କାହିଁକି ନା ଯୋଗ ଦ୍ୱାରା ଏକାଗ୍ରତା ଓ ସ୍ଥିରତା ଆସିଥାଏ । ଏହାସହିତ ଲୋକଙ୍କୁ ଚାପମୁକ୍ତ ରଖିଥାଏ ଯୋଗ । ଆଗକୁ ବିଦ୍ୟାଳୟରେ ଯୋଗ ଶିକ୍ଷାକୁ ସାମିଲ କରାଯିବ । ୨୦୧୫ରୁ ସାରା ବିଶ୍ୱରେ ଯୋଗ ଦିବସ ଆରମ୍ଭ ହୋଇଥିଲା । ସଂକ୍ରମଣ ସହ ଲଢ଼ିବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଯୋଗ ଦିବସ ପାଳନ ହେଉଛି । ୨୦୧୪ ମସିହା ସେପ୍ଟେମ୍ବର ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଜାତିସଂଘରେ ସାରା ବିଶ୍ୱକୁ ଯୋଗ ଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଏହାପରେ ମାତ୍ର ତିନି ମାସ ମଧ୍ୟରେ ୧୭୫ ଦେଶର ସମର୍ଥନ ସହ ଜୁନ୍ ୨୧ ତାରିଖରୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଆସୁଛି । ୨୦୧୫ ମସିହା ଜୁନ୍ ୨୪ ତାରିଖରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଆସୁଛି । ଯାହା ଆଜି ୧୧ ବର୍ଷରେ ପାଦ ଥାପିଛି । ସେ ପୁଣି କହିଥିଲେ ଯେ, ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରୁଛୁ । ଆମର ସ୍କୁଲ, କଲେଜ, ଛାତ୍ରାବାସ ଏବଂ କ୍ରୀଡା କେନ୍ଦ୍ର ମାଧ୍ୟମରେ ଆମେ କର୍ମଶାଳା ଆୟୋଜନ କରୁଛୁ ଏବଂ ସଚେତନତା ସୃଷ୍ଟି କରୁଛୁ ।

ବଢ଼ିଲା ଓମ୍‌ଫେଡ୍ କ୍ଷୀରର ଦାମ୍

ଭୁବନେଶ୍ୱର, ୨୧/୦୬(ଆ.ପ୍ର):ଏକ ବଡ଼ ନିଷ୍ପତ୍ତି କ୍ରମେ ରାଜ୍ୟ ସରକାର ଓମ୍‌ଫେଡ୍ କ୍ଷୀର ଦର ବଢ଼ାଇଛନ୍ତି । ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ (OMFED) ଟୋନ୍ଡ ମିଲ୍କ ଓ ପ୍ରିମିୟର ମିଲ୍କ ଲିଟର ପିଛା ୨ ଟଙ୍କା ବଢାଇଥିବା ବେଳେ ଗୋଲ୍ଡ ମିଲ୍କ ଲିଟର ପିଛା ୪ ଟଙ୍କା ବୃଦ୍ଧି ଘଟିଛି । ଆଜିଠାରୁ ଓମଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମଫେଡର ନୂଆ ଦର । ସୂଚନା ଅନୁସାରେ ଟୋନ୍ଡ ଓ ପ୍ରିମିୟମ କ୍ଷୀର ଲିଟରେ ୨ ଟଙ୍କା ବୃଦ୍ଧି ପାଇଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି । ସେହି ହିସାବରେ ପୂର୍ବରୁ ଅଧ ଲିଟର ୨୩ ଟଙ୍କାରେ ବିକ୍ରି ହେଉଥିବା ଟୋନ୍ଡ ମିଲ୍କ ଏବେ ୨୪ ଟଙ୍କା ଏବଂ ଲିଟର ୪୮ ଟଙ୍କାରେ ବିକ୍ରି ହେବ । ସେହିପରି ପ୍ରିମିୟର ମିଲ୍କ ଅଧ ଲିଟର ଯାହା ୨୬ ଟଙ୍କା ଥିଲା ତାହା ୨୭ ଟଙ୍କା ହୋଇଛି ଏବଂ ଲିଟର ମୂଲ୍ୟ ୫୪ ଟଙ୍କା ହୋଇଛି । ଗୋଲ୍ଡ ପ୍ଲସ ୪୫୦ ମିଲିଲିଟର ପୂର୍ବେ ୨୮ ଟଙ୍କା ଥିଲା, ଯାହା ଏବେ ୩୦ ଟଙ୍କାକୁ ବୃଦ୍ଧି ଘଟିଛି । ସେହି ହିସାବରେ ୯୦୦ ମିଲିଟିର ଗୋଲ୍ଡ ପ୍ଲସ ମିଲ୍କ ଦର ୬୦ ଟଙ୍କା ହୋଇଛି । ତେବେ ଗୋଲ୍ଡ ମିଲ୍କ ଦର ଅପରିବର୍ତ୍ତିତ ରହିଛି । କାରଣ ଏହି କ୍ଷୀର ବଜାରକୁ ସେତେ ଉପଲବ୍ଧ ରହୁ ନାହିଁ କିମ୍ବା ଆଉ ଉତ୍ପାଦନ ହେଉନି । ଏହି କ୍ଷୀର ଲିଟରେ ପିଛା ଦର ୫୬ ଟଙ୍କା ରହିଛି । ଉଲ୍ଲେଖନୀୟ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ କ୍ଷୀର ମୂଲ୍ୟ ବଢ଼ିବ ବୋଲି କୁହାଯାଇଥିଲା, କିନ୍ତୁ ସେତେବେଳେ ଏହା ବଢ଼ିନଥିଲା । ଏହା ସହିତ ସରକାର ଦୁଗ୍ଧ ଚାଷୀମାନଙ୍କୁ ଅତିରିକ୍ତ ୩ ଟଙ୍କା ପ୍ରଦାନ କରିବେ ବୋଲି ସରକାର କହିଥିଲେ ।

DSPL-135

ଓଡ଼ିଶା ଶାସନ

ଡ଼ାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0210/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

ଖଣ୍ଡପଡ଼ାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଖଣ୍ଡପଡ଼ା, ୨୧/୦୬ (ଆ.ପ୍ର) : ଆଜି ହେଉଛି ଜୁନ୍ ୨୧ ତାରିଖ । ଯୋଗମୟ ସାରା ବିଶ୍ୱ । ଯୋଗ ହେଉଛି ବିଶ୍ୱକୁ ଭାରତର ଅନନ୍ୟ ଅବଦାନ । ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ପାଳୁଛି ସାରା ବିଶ୍ୱ । ଏହି ଅବସରରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଇଣ୍ଡୋର ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ପଂଚାୟତ ସମିତି ଏବଂ ଖଣ୍ଡପଡ଼ା ବିଜ୍ଞାପିତ ଅଂଚଳ ପରିଷଦର ମିଳିତ ଉଦ୍ୟମରେ ବିଶ୍ୱ ଯୋଗ ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଏନ୍ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ବିଡ଼ିଓ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଖଣ୍ଡପଡ଼ା ବ୍ଲକ ଏବିଡିଓ ଝାଡେଶ୍ୱର ଦାସ, ଯୁବ ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ବିଭିନ୍ନ ବିଭାଗର କର୍ମଚାରୀ, ଅଂଚଳବାସୀ ଏହି ଦିବସରେ ସାମିଲ ହୋଇଥିଲେ । ଯୋଗଗୁରୁ ଜିତେନ୍ଦ୍ର କୁମାର କାଟିଆ ଯୋଗ କିଭଳି କରିବାକୁ ହୁଏ ସୂଚନା ଦେଇଥିବା ବେଳେ ବିଡ଼ିଓ ଅଙ୍କୁର ଅଭିଳାଷ ସୁସ୍ଥ ଶରୀର ଗଠନ କରିବାକୁ ହେଲେ ଯୋଗ ସମସ୍ତେ କରିବା ଦରକାର ବୋଲି କହିଥିଲେ । ସେହିପରି ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ କି ନିରୋଗ ରହିବା ପାଇଁ ହେଲେ ଯୋଗ କରିବା ନିତ୍ୟାନ୍ତ ଆବଶ୍ୟକ । ପରିଶେଷରେ ଖଣ୍ଡପଡ଼ା ଏନ୍ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ପ୍ରତିଦିନ ଯୋଗାଭ୍ୟାସ କରିବା ନେଇ ଶପଥ ପାଠ କରାଇଥିଲେ ଏବଂ ଯୋଗଗୁରୁଙ୍କ ଭାରତ ମାତାକି ଜୟ ଜୟ ଗାନରେ ଇଣ୍ଡୋର ଷ୍ଟାଡିୟମ ପରିସର ପ୍ରକମ୍ପିତ ହୋଇଉଠିଥିଲା । ସେହିପରି ଖଣ୍ଡପଡ଼ା ଅଂଚଳର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ପଠାଣି ସାମନ୍ତ ମହାବିଦ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି । ତେବେ ପ୍ରକାଶ ଥାଉକି ଯୋଗ ଦିବସ ପାଇଁ ପ୍ରତିବର୍ଷ ଏକ ଭିନ୍ନ ଥିମ୍ ସ୍ଥିର ହୋଇଥାଏ । ଚଳିତ ବର୍ଷର ଥିମ୍ ହେଉଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ।

ଯୋଗ ଦିବସ ପାଳନ କଲେ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଚିଲିକା/ବାଣପୁର, ୨୧/୦୬ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଣପୁର ସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନଡ଼ୋର ଷ୍ଟାଡିୟମ ଠାରେ ଚଳିତ ବର୍ଷ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମାନ୍ୟବର ମନ୍ତ୍ରୀ ପୂର୍ତ୍ତ ଆଇନ ଅବକାରୀ ବିଭାଗ ତଥା ଚିଲିକା ବିଧାୟକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ରହି ମିଳିତ ଭାବେ ଯୋଗାଭ୍ୟାସ କରିଥିଲେ । ତାଙ୍କର ଉଦବୋଧନରେ କହିଥିଲେ ଯେ ଏହି ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫, 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ, 'ବିକାଶର ସମନ୍ୱିତ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଥିବା ବେଳେ ଏହା 'ସର୍ବେ ସନ୍ତୁ ନିରାମୟ' ଅର୍ଥାତ୍ ସମସ୍ତେ ରୋଗ ମୁକ୍ତ ହୁଅନ୍ତୁ ଓ ଭାରତୀୟ ନୀତିଆଦର୍ଶକୁ ଆହରଣ କରି ମାନବ ସମାଜ ଯୋଗସାଧନା ପ୍ରତି ଧ୍ୟାନ ଦେଇ ନିରୋଗ ଜୀବନ ଯାପନ ଅତିବାହିତ କରନ୍ତୁ । ଏକ ନିରାମୟ ଏବଂ ସୁସ୍ଥ ଶରୀର ପାଇଁ ଯୋଗ ନିତ୍ୟାନ୍ତ ଆବଶ୍ୟକ । ପ୍ରତିଦିନ ଯୋଗ କରିବା ଦ୍ୱାରା ମାନସିକ ସ୍ଥିରତା ଆସିବା ସହ ବୌଦ୍ଧିକ ବିକାଶ ହୋଇଥାଏ । ସମସ୍ତେ ନିୟମିତ ଭାବେ ଯୋଗାଭ୍ୟାସ କରି ନିଜେ ସୁସ୍ଥ ରହିବା ସହ ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ସଂକଳ୍ପ ନେବା ଉଚିତ୍ । ଏହି ଅବସରରେ ଖୋର୍ଦ୍ଧାର ଉପ ଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ବାଣପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀମତୀ ଶୀତଲ୍ ଅଗ୍ରୱାଲ, ବାଣପୁର ତହସିଲଦାର ଶ୍ରୀ ଟି.ପଦ୍ମନାଭ ଦୋରା, ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ବୃନ୍ଦ, ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ରହି ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିଲେ ।

ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ

ରାମନଗୁଡ଼ା, ୨୧/୦୬ (ଆ.ପ୍ର) : ଓଡ଼ିଶା ସରକାରଙ୍କର ନିର୍ଦ୍ଦେଶ କ୍ରମେ ଗତ ତା ୧୨/୬/୨୦୨୫ ରିଖ ଠାରୁ ୧୯/୬/୨୦୨୫ ରିଖ ମଧ୍ୟରେ ରାମନଗୁଡ଼ା ବ୍ଲକ ଅଧୀନରେ ତିନି ଗୋଟି ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଯାଇଅଛି । ଗତ ତା ୧୩/୬/୨୦୨୫ ରିଖରେ ନିଲାମଗୁଡ଼ା ପଂଚାୟତ ଅଧିନସ୍ଥ ରାଜ ବିକ୍ରମ୍ପୁର ଗ୍ରାମ, ୧୮/୬/୨୦୨୫ ତାରିଖରେ ବୃନ୍ଧିଧାମୁନି ପଂଚାୟତ ଅଧିନସ୍ଥ ଗୁରୁଗୁଡ଼ାଇ ଗ୍ରାମ ଓ ୧୯/୬/୨୦୨୫ ତାରିଖରେ ଗୁଲୁନ୍ଥି ପଂଚାୟତ ଅଧିନସ୍ଥ ଗୁଲୁଁଥି ଗ୍ରାମରେ ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହେଇଥିଲା । ଏହି ତିନୋଟି ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିରରେ ସର୍ବମୋଟ ୧୫୪ ଗୋଟି ଗାଈ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଉପଯୁକ୍ତ ଔଷଧ ମାଗଣାରେ ବଂଟନ କରାଯାଇଥିଲା । ଏହି ତିନୋଟି ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିରରେ ସର୍ବ ମୋଟ ୯୦ ଜଣ ଚାଷୀ ଉପକୃତ ହୋଇଥିଲେ । ଏହି ତିନୋଟି ପ୍ରାଣୀ ଚିକିତ୍ସା ଶିବିରରେ ରାମନଗୁଡ଼ା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ଡ଼ାକ୍ତର କୃଷ୍ଣାନନ୍ଦ ବେହେରା ଓ ରାମନାଗୁଡ଼ା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାର ଅଧିକାରୀ ଡ଼ାକ୍ତର ପାର୍ଥସାରଥୀ ସ୍ୱାଇଁ ଯୋଗଦାନ କରି ପ୍ରାଣୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀ ହିସାବରେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଉପନିର୍ଦ୍ଦେଶକ ଡାକ୍ତର ବିରଂଚି ନାରାୟଣ ମିଶ୍ର ଯୋଗଦାନ କରିଥିଲେ । ତତ୍ ସହିତ ଗୁଡ଼ାରୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ଡ଼ାକ୍ତର ସନତ୍ ଜେନା ଯୋଗଦାନ କରି ଗାଈ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିରେ ସ୍ଥାନୀୟ ପ୍ରାଣୀ ଧନ ନୀରିକ୍ଷକ କରୁଣାକର ଶବର, ଅମରେନ୍ଦ୍ର ପଣ୍ଡା, ମୋହିନୀ କାଡରାକା ଓ କେଦାରନାଥ ଗମାଙ୍ଗ ସହଯୋଗ କରିଥିଲେ । ସର୍ବ ଶେଷରେ ଉପସ୍ଥିତ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

ଅଣ ଗେଜେଟେଡ଼ ବନସେବା ସମୂହ ଛୁଟି ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପାପଡାହାଣ୍ଡି, ୨୧/୦୬ (ଆ.ପ୍ର) : ନବରଙ୍ଗପୁର ଚରଙ୍କ ବନ ଠାରେ ଓଡ଼ିଶା ଅଣ-ଗେଜେଟେଡ୍ ବନସେବା ସଂଘର ଏକ ଜରୁରୀକାଳୀନ ବୈଠକ ସଭାପତି ମନୟ ରଞ୍ଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଡ଼ିଭିଜନର ବନରକ୍ଷୀ ସ୍ୱର୍ଗତ ପ୍ରହଲ୍ଲାଦ ପ୍ରଧାନଙ୍କ ହତ୍ୟାର ପ୍ରତିବାଦ କରି ଉଦିଷ୍ଟ ବୈଠକରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ବୈଠକ ଆଭିମୁଖ୍ୟ ଓ କାର୍ଯ୍ୟସୂଚୀ ସମ୍ବନ୍ଧେ ସାଧାରଣ ସମ୍ପାଦକ ପ୍ରଭାତ କୁମାର ବିଷୋୟୀ ଅବଗତ କଲାପରେ ବିଭିନ୍ନ ଆଲୋଚନା ହୋଇଥଲା ଦୀର୍ଘ ୧୫ ବର୍ଷ ଧରି ବିଭାଗର ବ୍ୟବସ୍ଥା ଓ କାର୍ଯ୍ୟଶୈଳୀର ଉନ୍ନତି ପାଇଁ ସଂଘ ଦାବି କରିଆସୁଥିଲେ ମଧ୍ୟ ସରକାରଙ୍କ ଉଦାସିନତା ପାଇଁ ତିନିଗୋଟି ଦାବି ଉପସ୍ଥାପନ ସହ ଏକଦୁର୍ବାର ଆନ୍ଦୋଳନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଗଲା । ଦାବି ଗୁଡିକ ହେଲା ଗତ ଜୁନ ୨୩ ତାରିଖ ରାତ୍ରିରେ ଢେଙ୍କାନାଳ ଡ଼ିଭିଜନର ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କୁ ଯେଉଁଭଳି ଢଭ ଯଙ୍କଂର ହତ୍ୟା କରାଗଲା, ତାକୁ ସଂଘ ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଅଛି । ଫାଷ୍ଟଟ୍ରାକ୍ କୋର୍ଟରେ ସଂପୃକ୍ତ କେସ୍ ବିଚାର କରାଇ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବାକୁ ଦାବି କରାଗଲା । ସରକାର ଏକ 'ଫରେଷ୍ଟ କମିଶନ' ଗଠନ କରି ଓଡ଼ିଶା ବନବିଭାଗରେ ସଂରଚନା-ପୁନର୍ଗଠନ, ସୁରକ୍ଷା ବ୍ୟବସ୍ଥା, କ୍ୟାଡ଼ର ପରିମାର୍ଜନ, ନିଯୁକ୍ତି ପ୍ରକ୍ରିୟା ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସମ୍ବନ୍ଧେ ବିଚାର କରି, ସରକାରଙ୍କୁ ଦୁଇମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଦାବି କରାଗଲା । ପଞ୍ଜିକୃତ ସଂଘ କିପରି କମିଶନରଙ୍କ ନିକଟରେ ନିଜ ପକ୍ଷ ରଖିବେ ସେ ବ୍ୟବସ୍ଥା ପାଇଁ ଅନୁରୋଧ କରାଗଲା । ସମସ୍ତ ବନାକ୍ଷେତ୍ର ଅଧିକାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୋଲିସ୍ ଭଳି "Salary Package Insurance" ପ୍ରଦାନ କରିବାକୁ ଦାବି କରାଗଲା । ଉଲ୍ଲେଖ କରାଯାଇଥିବା ତିନିଦଫା ଦାବି ସମ୍ବନ୍ଧେ ସରକାରୀ ଜୁନ ୨୧ ତାରିଖ ସୁଦ୍ଧା ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ନିମ୍ନ ସାରଣୀ ମୁତାବକ ସାମୂହିକ ଆନ୍ଦୋଳନ କରାଯିବ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଗଲା. ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମେମୋରେଣ୍ଡମ୍ ପ୍ରଦାନ କରାଯାଇଛି । ସର୍କଲର କାର୍ଯ୍ୟନିର୍ବାହୀ ସଦସ୍ୟମାନେ ୟୁନିଫର୍ମରେ ଥାଇ ଜୁନ ୨୧ ତାରିଖ ଯଦି ସରକାର ଅବହେଳା କରନ୍ତି, ପ୍ରତିକ ଅନଶନ ସ୍ୱରୂପ ସମସ୍ତ ସଭ୍ୟ ସଭ୍ୟା କଳାବ୍ୟାଚ୍ ପିନ୍ଧି ପ୍ରଦର୍ଶନ କରିବେ ଜୁନ ୨୨ ଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସଭ୍ୟ ସଭ୍ୟାମାନେ ସାମୂହିକ ଛୁଟିରେ ରହି ସର୍କଲ ଅଫିସ ସାମ୍ନାରେ ୟୁନିଫର୍ମ ପିନ୍ଧି ଧାରଣା ପ୍ରଦର୍ଶନ କରିବେ ବୋଲି ସୂଚନା ମିଳିଛି । ଏହି ବୈଠକରେ ଜିଲ୍ଲା ଉପ ସଭାପତି କୃଷ୍ଣଚନ୍ଦ୍ର ବିଷୋୟୀ ଉପସମ୍ପାଦକ ଲାଲୁ ବିଷୋୟୀ, କୋରାପୁଟ ଜୋନ ଉପସଭାପତି ଗୋବିନ୍ଦ ନାୟକ, ସୁଶାନ୍ତ କୁମାର ମାଝୀ, ଗୁପ୍ତ ପ୍ରସାଦ ମାଝୀ,ତନୁଜ କୁମାର ପରିଚ୍ଛା, ମଧୁସୁଧନ ପାତ୍ର, ହରିହର ବ୍ରହ୍ମା, ଏ. ମନୋଜ, ରମେଶ ବିଷୋୟୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

ମହାସମାରୋହରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ

ନୂଆପଡ଼ା, ୨୧/୦୬ (ଆ.ପ୍ର) : ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗଦିବସ ନୂଆପଡ଼ା ମିନିଷ୍ଟାଡିୟମ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏକ ବିଶାଳ ସମାବେଶରେ ଏଠାରେ ସାମୂହିକ ଯୋଗ, ପ୍ରାଣାୟମ, ପ୍ରାର୍ଥନା ଓ ଶାନ୍ତି ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରେଡ୍ଡୀ ରାଘବେନ୍ଦ୍ର, ସିଆରପିଏଫ୍ କମାଣ୍ଡାଂଟ ଏରିକ୍ ଗିଲବର୍ଟ ଯୋଶ ଏବଂ ଯୋଗ ଗୁରୁ ସୁଦର୍ଶନ ଅତିଥି ଭାବରେ ଯୋଗଦେଇଥିଲେ । ଅତିଥି ମାନେ ଦିବସର ତାତ୍ପର୍ଯ୍ୟ ସହିତ ଯୋଗ କିଭଳି ମାନବ ସମାଜକୁ ସୁସ୍ଥ ସବଳ ଓ ନିରୋଗ ରଖିଛି, ତା ଉପରେ ଅଭିବ୍ୟକ୍ତି ରଖିଥିଲେ । ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ବିଶେଷ, ଲୋକ ପ୍ରତିନିଧି, ବିଭିନ୍ନ ବର୍ଗର ପ୍ରତିନିଧି , ସରକାରୀ ଅଧିକାରୀ, କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂସହାୟକ ଦଳ କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣ ମାଧ୍ୟମର ପ୍ରତିନିଧି, ଜନସାଧାରଣ ଅଂଶ ଗ୍ରହଣ କରି ଥିଲେ । ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ କେବଳ ଯୋଗ ହିଁ ମଣିଷକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖି ପାରିବ । ଯୋଗ ସାଧନା ବ୍ୟକ୍ତିକୁ ଶାନ୍ତ ସରଳ ନିଷ୍କପଟ ତଥା ସ୍ଥିତପ୍ରଜ୍ଞ କରିପାରେ । ଏହା ବାହ୍ୟ ସଂରଚନା ସହିତ ଆମର ଅନ୍ତଃକରଣକୁ ମଧ୍ୟ ଶୁଦ୍ଧ କରିଦିଏ । ଆବାଳ ବୃଦ୍ଧ ବନିତା ସମସ୍ତେ ଯୋଗାଭ୍ୟାସ କରନ୍ତୁ, ସୁସ୍ଥ ରୁହନ୍ତୁ । ଏହି ଅବସରରେ ହରିପୁର ଗୁରୁକୁଳ ଯୋଗଗୁରୁ ସୁଦର୍ଶନ ଜି ସମସ୍ତଙ୍କୁ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଯୋଗ ଦିବସ ପାଳନର ବିଶାଖାପାଟଣାରୁ ସିଧାପ୍ରସାରଣ ବଡ଼ ପରଦାରେ ପ୍ରଦର୍ଶିତ ହୋଇଥିଲା । ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଏବଂ ଯୋଗଗୁରୁଙ୍କୁ ମଂଚରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଷ୍ଟାଡିୟମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲାଷ ଜିଲ୍ଲାର ସମସ୍ତ ପଂଚାୟତ, ବ୍ଲକ ଏବଂ ସହରାଂଚଳରେ ରେ ମଧ୍ୟ ଅନ୍ତର୍ଜାତୀୟ ଯୋଗଦିବସ ସମ୍ପୂର୍ଣ୍ଣ ଉତ୍ସାହ ସହିତ ପାଳିତ ହୋଇ ଯାଇଛି । ଶିବିରକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବହେରା ପରିଚାଳନା କରିଥିଲେ । ଶିବିର ଆୟୋଜନରେ ପତଞ୍ଜଳୀ ଯୋଗ ସମିତି, ବରିଷ୍ଠ ନାଗରିକ ସଂଗଠନ, ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, କେନ୍ଦ୍ରୀୟ ସୁରକ୍ଷା ବାହିନୀ, ହରିପୁର ଗୁରୁକୁଳ, ରକ୍ତଦାତା ସଂଗଠନ, ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ କରିଥିଲେ ।

ଜି.ଉଦୟଗିରିର ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ ପାଳିତ

ଜି.ଉଦୟଗିରି, ୨୧/୦୬ (ଆ.ପ୍ର) : ସାରା ବିଶ୍ୱ ୧୧ ତମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରୁଥିବା ବେଳେ ଜି.ଉଦୟଗିରିର ବିଭିନ୍ନ ସ୍ଥାନରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରାଯାଇଛି । ଯୋଗ କରିବା ଦ୍ୱାରା ଶାରୀରୀକ, ମାନସିକ ଏବଂ ଆଧ୍ୟାତ୍ମିକ ଶକ୍ତିର ବିକାଶ ହେବା ସହ ସୁସ୍ଥ ସମାଜ ଗଠନରେ ମଧ୍ୟ ଯୋଗ ସାଧନା ସହାୟକ ହେଉଥିବା ଯୋଗୁଁ ଦିନକୁ ଦିନ ସାଧାରଣ ଲୋକଙ୍କର ଯୋଗ ବ୍ୟାୟାମ ଉପରେ ଆଗ୍ରହ ବଢୁଥିବା ବେଳେ ଏହା ବ୍ୟସ୍ତ ବହୁଳ ସମାଜ ପାଇଁ ପ୍ରେରଣା ପାଲଟିଛି । ଏହି ଅବସରରେ ଜି.ଉଦୟଗିରି ପତଞ୍ଜଳି ଯୋଗ ସମିତି ତରଫରୁ ଧବଳେଶ୍ୱର ମନ୍ଦିର ପରିସରରେ ଜିଲ୍ଲା ଯୋଗ ପ୍ରଭାରୀ ବଟ କୃଷ୍ଣ ଦାଶଙ୍କ ତତ୍ତ୍ୱାବଧାନରେ ଆନ୍ତରାଷ୍ଟ୍ରୀୟ ବିଶ୍ୱ ଯୋଗ ଦିବସ ପାଳନ ହୋଇଥିବା ବେଳେ ଯୋଗ ପ୍ରଶିକ୍ଷକ ରାଜେନ୍ଦ୍ର ମହାପାତ୍ରଙ୍କ ସହିତ ଯୋଗ ସମିତି ତରଫରୁ ବହୁ ସଭ୍ୟ,ସଭ୍ୟା, କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ସେହିଭଳି ଏନଏସି କାର୍ଯ୍ୟାଳୟ ତରଫରୁ ହବାକ ହାଇସ୍କୁଲ ଖେଳ ପଡ଼ିଆରେ ଆନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଥିବା ବେଳେ ଫରେଷ୍ଟ ଟ୍ରେନିଂ ସ୍କୁଲ ଛାତ୍ର ମାନେ ଯୋଗଦାନ କରିଥିଲେ ।ଅନ୍ୟପଟେ ଶ୍ରୀରାମପଦା ଉପ୍ରା ବିଦ୍ୟାଳୟ, ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଂଚାୟତ ହାଇସ୍କୁଲ ରଡିଙ୍ଗିଆ, ହାତୀଶାଳ ଉପ୍ରା ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଠାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି । ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ତରଫରୁ ସରକାରୀ ବାଳିକା ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ବିଶ୍ୱ ଯୋଗ ଦିବସକୁ ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ଜଗନ୍ନାଥ ରଥଙ୍କ ସହ ବ୍ଲକର କର୍ମଚାରୀ ମାନେ ସହଯୋଗ କରିଥିବା ବେଳେ ବାଳିକା ବିଦ୍ୟାଳୟ ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ସେହିଭଳି ଇନ୍ଦିରା ପ୍ରିୟ ଦର୍ଶିନୀ ମହିଳା ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ୧୧ ତମ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ରେ ମହାବିଦ୍ୟାଳୟ ପୂର୍ବତନ ସମ୍ପାଦକ ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଜି.ଉଦୟଗିରିର ବିଭିନ୍ନ ସ୍ଥାନରେ ପାଳିତ ହୋଇଥିବା ୧୧ତମ ଅନ୍ତରାଷ୍ଟ୍ରୀୟ ଯୋଗ ଶିବିରରେ ଯୋଗ ସମିତିର ଯୋଗ ପ୍ରଶିକ୍ଷକ ବଟ କୃଷ୍ଣ ଦାଶ, ରାଜେନ୍ଦ୍ର ମହାପାତ୍ର, ଡା. ସତ୍ୟ ନାରାୟଣ ପଟ୍ଟନାୟକ, ଅରୁଣ କୁମାର ଷଡ଼ଙ୍ଗୀ, ଭେଙ୍କଟେଶ୍ୱର ବେହେରା ପ୍ରମୁଖ ବିଭିନ୍ନ ସ୍ଥାନରେ ଯୋଗାଭ୍ୟାସ କରାଇଥିଲେ ।

ଅସ୍ତରଙ୍ଗ ପଂଚାୟତ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିନ

ଅସ୍ତରଙ୍ଗ, ୨୧/୦୬ (ଆ.ପ୍ର) : ଅସ୍ତରଙ୍ଗ ପଂଚାୟତ ସମିତି ପକ୍ଷରୁ ଆଜି ବ୍ଲକ୍ ପଡିଆ ତଥା ନରେନ୍ଦ୍ର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି । ବିଡିଓ ସସ୍ମିତା ବେହେରା ବେହେରାଙ୍କ ପରୋହିତରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଂଚ ରାମ ଚନ୍ଦ୍ର କାଣ୍ଡି, ଅସ୍ତରଙ୍ଗ ସମ୍ବାଦ ସାହିତ୍ୟ ଘର ସମ୍ପାଦକ କାଳିନ୍ଦୀ ଚରଣ ଛାଟୋଇ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ । ଯୋଗ ଗୁରୁ ଭାବେ ଜୟରାମ ମୁଦୁଲି, ପ୍ରଶାନ୍ତ କୁମାର ନାୟକ, ହୁଲ୍ଲାସ ବେହେରା ଓ ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଯୋଗ ଶିକ୍ଷା ଦେବା ସହ ପ୍ରତି ଯୋଗର ଉପକାରିତା ସମ୍ପର୍କରେ ବୁଝାଇଥିଲେ ।ସକାଳ ୬ଟାରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମ କୁମାରୀ ଆଶ୍ରମର ଅସ୍ତରଙ୍ଗ ଶାଖାର ଭାଇଭଉଣୀ, ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ, ଅସ୍ତରଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ କଲେଜର ଶତାଧିକ ଛାତ୍ରଛାତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ ଯୋଗଦେଇଥିଲେ । ଅନ୍ତର୍ଜାତୀୟ ଯୋଗ ଦିବସ ଉପରେ ଏଲଇଡି ମାଧ୍ୟମରେ ଉପସ୍ଥିତ ସମସ୍ତେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ଶୁଣିବା ପରେ ଯୋଗ ଶିକ୍ଷା ଆରମ୍ଭ ହୋଇଥିଲା । ପ୍ରାୟ ଦେଢ଼ ଘଂଟା ଧରି ଏହି କାର୍ଯ୍ୟକ୍ରମରେ ପ୍ରଥମେ ଓଁକାର ବ୍ରହ୍ମନାଦରୁ ଆରମ୍ଭ ହୋଇ ଶର୍ବାସନରେ ଯୋଗ ଶିକ୍ଷା ଶେଷ ହୋଇଥିଲା ।ସେହିପରି ପ୍ରତି ପଂଚାୟତ ସମେତ ସାମାଜିକ ଅନୁଷ୍ଠାନରେ ଯୋଗ ଦିବସ ପାଳିତ ହେବା ସୂଚନା ମିଳିଛି ।

ସାମାଜିକ ସଚେତନତା ଓ ଏକ ଦିବସୀୟ ତାଲିମ ଶିବିର



ଧାମନଗର, ୨୧/୦୬ (ଆ.ପ୍ର) : ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ଧାମନଗର ବ୍ଲକ ସଭାଗୃହ ପରିସରରେ ସାମାଜିକ ସଚେତନତା ଓ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଏସଏ ଜଗନ୍ନାଥ ପଣ୍ଡାଙ୍କ ନେତୃତ୍ୱରେ ପ୍ରତ୍ୟେକ ପଂଚାୟତ ସ୍ତରରେ କର୍ଯ୍ୟକରୁଥିବା ସାମାଜିକ ସମୀକ୍ଷକ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଭାରତେଇ ଝାଟିଆସାହି ବଜାରରୁ ହାତରେ ବ୍ୟାନର ଓ ପୋଷ୍ଟର ଧରି ବିଭିନ୍ନ ସଚେତନା ନାରା ଲଗାଇ ବାହାରିଆ ହୋଇ ପଂଚାୟତ କାର୍ଯ୍ୟାଳୟରେ ପହଂଚି ଶ୍ରମିକ ମାନଙ୍କର ଅଧିକାର ଓ ନ୍ୟାର୍ଯ୍ୟଦାବୀ ଏବଂ ସାମାଜିକ ସମୀକ୍ଷାର ଉତର ଦାୟିତ୍ୱ ଓ ସ୍ୱଚ୍ଛତା ବିଷୟରେ ସଚେତନା କରିଥିଲେ । ପରେ ପଂଚାୟତ ସମିତି ସଭାଗୃହ ପରିସରରେ ବିଡିଓ ବନବିହାରୀ ଦିହାଙ୍କ ନେତୃତ୍ୱରେ ସାମାଜିକ ସମୀକ୍ଷମାନଙ୍କୁ ନେଇ ଏକ ତାଲିମ ଶିବିର ଆୟୋଜନ ହୋଇଥିଲା । ଏଥିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଆଇନର ମୂଳ ଲକ୍ଷ, ଗ୍ରାମାଂଚଳରେ ଶ୍ରମିକ ମାନଙ୍କୁ ୧୦୦ ଦିନର କାମ ଯୋଗାଇଦେବା ଓ ସେମାନଙ୍କର ଜୀବନ ଜୀବିକା ସୁରକ୍ଷାରେ ଉନ୍ନତି ଆଣିବା ସହ ସମସ୍ତ ଶ୍ରମିକ ପରିବାର ଆର୍ଥିକ ପରିସ୍ଥିତିକୁ ସ୍ୱଚ୍ଛଳ କରିବା, ଶ୍ରମିକମାନଙ୍କର ଅଧିକାର ଓ ନ୍ୟାର୍ଯ୍ୟଦାବୀ, ସ୍ୱଚ୍ଛତା ଉତରଦାୟିତ୍ୱ ଏବଂ ସାମାଜିକ ସମୀକ୍ଷା ଉପକାରିତା ଉପରେ ସଚେତନତା ଓ ତାଲିମ ପ୍ରଦାନ କରାଯାଇଥିଲା । ଏହି ବ୍ୟୟ କାର୍ଯ୍ୟକ୍ରମରେ ବିଡ଼ିଓଙ୍କ ସମେତ ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ସହକାରୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ହେମ୍ବ୍ରମ,ଯୋଗାଣ ଅଧିକାରୀ ରସାନନ୍ଦ ସାହୁ, ଏପିଓ ପୀୟୂଷ ରଞ୍ଜନ ରାଉତ୍,କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର ନାଥ ନାୟକ,ଏନଆରଜିଏସ୍ ସହଯୋଗୀ ସନ୍ଧ୍ୟା ରାଣୀ ସାମଲ, ସରପଂଚ ପ୍ରୀତମ୍ ଦାସ,ଏଡିଓ ଅରୁଣ ପଲାଇ, କୃଷକ ସାଥୀ ଶୁଶାନ୍ତ ଲେଙ୍କା,ପ୍ରଦିପ ଦାସ,ଓ ଅନ୍ୟମାନେ ଉପସ୍ଥିତ ଥିଲେ । ରାଧାବଲ୍ଲଭପୁର ପଂଚାୟତରେ ସାମାଜିକ ସମୀକ୍ଷମାନଙ୍କ ଦ୍ୱାରା ପ୍ରଥମେ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ପାପଡାହାଣ୍ଡି, ୨୧/୦୬ (ଆ.ପ୍ର) : ସ୍ୱାସ୍ଥ୍ୟ ହିଁ ସମ୍ପଦ, ଏହି ଅମୂଲ୍ୟ ସମ୍ପଦକୁ ଠିକ ଯତ୍ନ ନେବାରେ ଆମେ ସର୍ବଦା ଅବହେଳା କରିଥାଉ , ଜୁନ ୨୧ତାରିଖ ବିଶ୍ୱ ଯୋଗ ଦିବସରେ ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗର ସ୍ଲୋଗାନ ଦେଇ ଆମେ ପାଳନ କରୁଛୁ, ଏହି ଅବସରରେ ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିଶ୍ୱ ଯୋଗ ଦିବସ ୨୦୨୫ ପାଳନ କରାଯାଇଛି ଏଥିରେ ଶଙ୍କରଲାଲ ଅଗ୍ରୱାଲ ଯୋଗଦେଇ ଉପସ୍ଥିତ ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ, ଉପସ୍ଥିତ ସମସ୍ତଙ୍କୁ ପ୍ରତ୍ୟେକ ଦିନ ନିଜେ ସକାଳୁ ଯୋଗ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଏହାର ଉପକାରିତା ସମ୍ବନ୍ଧରେ ସଚେତନତା କରିଥିଲେ, ଏହି ଶିବିର ସକାଳ ୬.୩୦ରୁ ଆରମ୍ଭ ହୋଇ ୯.୦୦ ପର୍ଯ୍ୟନ୍ତ ହୋଇଥିଲା, ଏଥି ସହିତ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଯୋଗ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଏଲଇଡି ଦ୍ୱାରା କରାଯାଇଥିଲା, ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ହେମଲତା ମାଝୀ, ସାଂସଦ ପ୍ରତିନିଧି ଶ୍ରୀ ସୋମନାଥ ପୂଜାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମନୋଜ ପାଣିଗ୍ରାହୀ,ସି ଡି ପି ଓ ଶ୍ରୀମତୀ ଗୀତା, ହରିମୋହନ ଶର୍ମା, ମନୋଜ ଅଗ୍ରୱାଲ, ହରି ପାଣିଗ୍ରାହୀ, ଜିତେନ୍ଦ୍ର ଗୌଡ଼, ଦିନବନ୍ଧୁ ବିଶୋଇ,ସାତପାଲ ଚୌଧୁରୀ ହରି ଗୌଡ଼,ଚୈତନ ଭତରା, ତ୍ରିନାଥ ଅମାନାତ୍ୟ,ଏ ବି ଇ ଓ ସୁଦର୍ଶନ ନାୟକ, ଜି ପି ଓ ଅକ୍ଷୟ ପଟ୍ଟନାୟକ, ବି ପି ମ୍ ସୁଧାଂଶୁ ଶେଖର ବିଶ୍ୱାଳ,ବି ପି ଓ ଶଶିକାନ୍ତ ଦାସଙ୍କ ସହିତ ପି ଏଲ ଆଇ ମେମ୍ବର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ବ୍ଲକ କର୍ମଚାରି, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ ଯୋଗ ଦେଇଥିଲେ ।

ଆଦିବାସୀଙ୍କ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ସଙ୍କଳ୍ପବଧ : ମନ୍ତ୍ରୀ

ବାଲିଗୁଡା, ୨୧/୦୬ (ଆ.ପ୍ର) :ଦିନିକିଆ କନ୍ଧମାଳ ଗସ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନାଜାତିୟ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସିଥିବା ସମୟରେ ମଧ୍ୟାହ୍ନ ରେ ବାଲିଗୁଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆସି ପହଂଚି ଥିବା ବେଳେ ତାଙ୍କୁ ଦଳୀୟ କାର୍ଯ୍ୟ କର୍ତ୍ତା ଓ ବିଭିନ୍ନ ବିଭାଗ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନ କରଯାଇଥିଲା । ସରକାର ଙ୍କ ବିକାଶ ମୂଳକ ବାର୍ତ୍ତା ନେଇ ଗାଁ ଗାଁ ଘରେ ଘରେ ପହଂଚିବା ପାଇଁ କର୍ମ କର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ପ୍ରଥମେ ଆମେ ଜଣେ ଜଣେ ସାଧାରଣ ମଣିଷ ପଛେ ମନ୍ତ୍ରୀ, ବିଧାୟକ ହୋଇଥିବା ଏଣୁ ମାନବିକତା ଭାବେ ତଳ ସ୍ତରର ଲୋକଙ୍କ ସେବା କରିବାକୁ ସମସ୍ତେ ସଙ୍କଳ୍ପ ନେବାକୁ କହିଥିଲେ । ସେଠାରେ ପହଂଚିବା ପରେ ବାଲିଗୁଡା ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ କୃପା ସିନ୍ଧୁ ବେହେରା । ସହକାରୀ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ବେହେରା ଓ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ଓ ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ମାଝିଙ୍କ ଜିଲ୍ଲାର ଶିକ୍ଷା, ଗମନାଗମନ, ପାନୀୟଜଳ, ସ୍ୱାସ୍ଥ୍ୟ ଭଳି ସମସ୍ୟା ସମ୍ପର୍କ ରେ ଆଲୋଚନା କରିଥିଲେ । ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ଯେଉଁ ଭଳି ଭାବେ ଡବଲ ଇଞ୍ଜିନ ସରକାର ସମୟରେ ଆଦିବାସୀଙ୍କ ବିକାଶ ହେଲେ ଓଡିଶାର ବିକାଶ ଓ ଭାରତ ର ବିକାଶ ସମ୍ଭବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଥିଲେ । ରାଜ୍ୟରେ ନୂତନ ସରକାରର ବର୍ଷ ପୂର୍ତ୍ତି ଅବସରେ ଗାଁ ଗାଁରେ ବିକାଶ ବାହାନ ପହଂଚି ସରକାରଙ୍କ ସମସ୍ତ ଯୋଜନାକୁ ଲୋକଙ୍କୁ ବୁଝାଉଛି । ଯେଉଁ ଭଳି ଭାବେ ତଳ ସ୍ତରର ଲୋକଟିଏ କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ସରକାର ସୁବିଧାରୁ ବଂଚିତ ନ ହେବ ସେଥି ପାଇଁ ଆମେ ସଙ୍କଳ୍ପ ନେଇ କାର୍ଯ୍ୟ କରିବା ପାଇଁ ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ଆମମାନଙ୍କୁ ପ୍ରେରଣା ଦେଇଛନ୍ତି । ଆମ ସରକାର ଆଦିମ ଜନଜାତି ମାନଙ୍କ ପାଇଁ ପିଏମ ଜନ ମନ ଯୋଜନା ମାଧ୍ୟମରେ ଏହି ଅଂଚଳରେ ବସବାସ କରୁଥିବା କୁଟିଆ ଆଦିମ ଜନ ଜାତିଙ୍କ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି ସେମାନଙ୍କ ଆଧାର କାର୍ଡ ସୁନିଶ୍ଚିତ କରିବା ,ଆବାସ ଯୋଜନା ରେ ସାମିଲ ,ଶୁଦ୍ଧ ପିଇବା ପାଣି ଯୋଗାଇ ଦେବା, ବିଦ୍ୟୁତ, ଗମନା ଗମନ, କୌଶଳ ଶିକ୍ଷା, ମୋବାଇଲ ସେବା, କମ୍ୟୁନିଟି ସେଂଟର ନିର୍ମାଣ ଭଳି ସେବା ଯୋଗାଇ ଦିଆଯିବ ଏହା ସହ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ଧରତି ଆବା ଜନଜାତୀୟ ଗ୍ରାମ ଉତକର୍ଷ ଅଭିଯାନ, ପ୍ରଧାନମନ୍ତ୍ରୀ ଜନାଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଓ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଆମ ସରକାର ବଡ ଉପଲବ୍ଧି । ଜିଲ୍ଲାରେ ଶିକ୍ଷାର ବିକାଶ ପାଇଁ ୮ଟି ନୂତନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଚାଲୁରହିଛି । କିଛି ସ୍ଥାନରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କିଛି ସ୍ଥାନରେ ରହିଥିବା ଜମି ସମସ୍ୟା ଦୂର କରାଯାଇଛି । ଖୁବ ଶୀଘ୍ର କିଭଳି ଛାତ୍ରଛାତ୍ରୀ ମାନେ ଏହାର ଲାଭ ଉଠାଇ ପାରିବେ ସେନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା ସରିଛି । ପୂର୍ବ ସରକାର ସମୟରେ ଗଣଶିକ୍ଷା ବିଭାଗରେ ରହିଥିବା ଶିକ୍ଷକ ସମସ୍ୟା କୁ ଧୀରେ ଧୀରେ ଦୂର କରାଯାଉଛି । ଏକ ବର୍ଷ ମଧ୍ୟରେ ୨୦ ହଜାର ଶିକ୍ଷକ ନିଯୁକ୍ତି ସରିଲାଣି । ଅନୁସୂଚିତ ଜଣାଜତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ରହିଥିବା ବିଦ୍ୟାଳୟ ରେ ଶିକ୍ଷକ ସମସ୍ୟା ଦୂର ପାଇଁ ମଧ୍ୟ ଖୁବ ଶୀଘ୍ର ନୂତନ ଶିକ୍ଷକ ଆମ ସରକାର ନିଯୁକ୍ତି କରିବେ । ସେ ନେଇ ପକ୍ରିୟା ଆରମ୍ଭ ହୋଇଛି । ଜିଲ୍ଲାରେ ରହିଥିବା ଆବାସିକ ବିଦ୍ୟାଳୟର ଶିକ୍ଷକ ସମସ୍ୟା ଖୁବ ଶୀଘ୍ର ଦୂର ହେବ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

ଟିପିଏନଓଡିଏଲ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ

ବାଲେଶ୍ୱର, ୨୧/୦୬ (ଆ.ପ୍ର) : ଟିପିଏନଓଡ଼ିଏଲ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି । ଟିପିଏନଓଡ଼ିଏଲ କର୍ପୋରେଟ୍ କାର୍ଯ୍ୟାଳୟରେ ଇଞ୍ଜିନିୟର-ଇନ-ଚିଫ୍ ଶରତ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିବାବେଳେ ସେ ଯୋଗ ଓ ପ୍ରାଣାୟମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିବା ସହ ବିଭିନ୍ନ ଯୋଗାସାନ କର୍ମଚାରୀଙ୍କୁ ଶିଖାଇ ଥିଲେ । ସେ ଦର୍ଶାଇଥିଲେ ଯେ, ଶରୀର ଓ ମନର ଶାନ୍ତି ପାଇଁ ଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୋଗ କରିବା ଶରୀରକୁ ସୁସ୍ଥ ରଖେ । ଯୋଗ ମଧ୍ୟ ମାନବ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଦୈନିକ ଯୋଗ କରିବା ଦ୍ୱାରା ଶାରୀରିକ ଏବଂ ମାନସିକ ରୋଗ ଦୂରରେ ରହିଥାଏ ଓ ଜୀବନଶୈଳୀରେ ଉପୁଜୁଥିବା ସମସ୍ୟାକୁ ଯୋଗ ସହିତ ଦୂର କରାଯାଇପାରିବ । ଯୋଗ କରିବା ଦ୍ୱାରା ଶରୀର ଶକ୍ତିଶାଳୀ ହୁଏ । ଯୋଗ ଶାରୀରିକ ଏବଂ ମାନସିକ ଶକ୍ତି ବୃଦ୍ଧି କରେ । ଯୋଗ କରୁଥିବା ଲୋକମାନେ ଫିଟ୍ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ଦୃଷ୍ଟିରୁ ଅନ୍ୟ ଲୋକଙ୍କ ଅପେକ୍ଷା ଭଲ । ଏହାକୁ ଦୃଷ୍ଟିରେ ରଖି ଅନ୍ୟ ଲୋକମାନେ ମଧ୍ୟ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଆବଶ୍ୟକ ବୋଲି ସେ କହିଥିଲେ । ସେହିପରି ବାଲେଶ୍ୱର, ଭଦ୍ରକ, ବାରିପଦା, କେନ୍ଦୁଝର ଓ ଯାଜପୁରର ସର୍କଲ ସମେତ ଅନ୍ୟ ଡିଭିଜନ ଓ ସେକ୍ସନ କାର୍ଯ୍ୟାଳୟ ସ୍ତରରେ କର୍ମଚାରୀମାନେ ଏକତ୍ରିତ ହୋଇ ସୁସ୍ଥ ଓ ନିରାମୟ ଜୀବନଶୈଳୀ ପାଇଁ ଯୋଗ କରିଥିଲେ ।

ଭାରତୀୟ ଜନତା ପାର୍ଟି ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବାଲେଶ୍ୱର, ୨୧/୦୬ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଆଜି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇଯାଇଛି । ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ, ଜିଲ୍ଲା ପୂର୍ବତନ ସଭାପତି ଆଇନଜୀବୀ ଲମ୍ବୋଦର ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦି ଆର୍ଟ ଅଫ୍ ଲିଭିଙ୍ଗର ଯୋଗ ଗୁରୁ ପ୍ରକାଶ ଦାଶ ଓ ଅଞ୍ଜୁ ଖଣ୍ଡେଲୱାଲ୍ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଯୋଗ ଶିକ୍ଷା ଦେଇଥିଲେ । ଏଥିରେ ଧ୍ୟାନ ପ୍ରାଣାୟାମ ଆସନ ପ୍ରଭୃତି ଶିକ୍ଷା ଦିଆଯାଇଥିଲା । ଯୋଗ ଦ୍ୱାରା କିପରି ଦୈନନ୍ଦିନ ଜୀବନରେ ମନୁଷ୍ୟ ନିଜ ଶରୀରକୁ ନିରୋଗ ରଖିପାରିବ ଏ ବିଷୟ ରେ ଜିଲ୍ଲା ସଭାପତି ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଶୁଭଙ୍କର ମହାପାତ୍ର, ରାଜ୍ୟ ପ୍ରବକ୍ତା ବିଭୂପଦ ଦାସ,ରାଜ୍ୟ ବିଜେପିମହିଳା ମୋର୍ଚ୍ଚାର ପୂର୍ବତନ ଉପ ସଭାପତି ସୁଷମା ରାଣୀ ବିଶ୍ୱାଳ ରାଜ୍ୟ ଯୁବ ନେତା ତଥା ଭଦ୍ରକ ଜିଲ୍ଲାର ପୂର୍ବତନ ପ୍ରଭାରୀ ଚନ୍ଦ୍ର ଶେଖର ନନ୍ଦ ଜିଲ୍ଲା ଉପ ସଭାପତି କମଳା ବିଶ୍ୱାଳ, ମମତା ମହାପାତ୍ର, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ସମ୍ପାଦକ ବିଜୟ ସାହୁ, ସମ୍ପାଦିକା ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ, ନଗର ସଭାପତି ଚିତ୍ତ ରଂଜନ ପଣ୍ଡା, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ରାଜ୍ୟ ଯୁବ ମୋର୍ଚ୍ଚା କୋଷାଧ୍ୟକ୍ଷ ରାଜେଶ୍ ମହାକୁଡ, ଜିଲ୍ଲା ମିଡିଆ ସହ ସଂଯୋଜକ ରଣଜିତ୍ ଦୃଷ୍ଟି ସ୍ୱର୍ ଓଙ୍କାର ସେଠୀ, ସୁମନ୍ତ ମହାଳିକ, ରାଜା ଚାଟାର୍ଜୀ, ସଂଯୁକ୍ତା ମୋହାପାତ୍ର,ସ୍ୱିଟି ବାରିକ୍, ମଧୁଶ୍ରୀ ପଣ୍ଡା, ତରୁଲତା ମହାନ୍ତି ଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଓ ଯୁବକ ଯୁବତୀ ଛାତ୍ର ଛାତ୍ରୀ ପ୍ରମୁଖ ଶେଷ ରେ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ରାଜେଶ୍ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର, ୨୧/୦୬ (ଆ.ପ୍ର) : ଦିନକୁ ଦିନ ସାଧାରଣ ବ୍ୟକ୍ତି ସାଇବର ଠକାମୀର ଶିକାର ହେଉଛନ୍ତି । କେତେବେଳେ ଲଟେରୀ ମିଳିଛି ତ କେତେବେଳେ ଏଟିଏମ କାର୍ଡ ବନ୍ଦ ହୋଇଛି କହି ସାଇବର ଅପରାଧୀ ମାନେ ସାଧାରଣ ବ୍ୟକ୍ତିଙ୍କୁ କଲ ବା ବାର୍ତ୍ତା ଦ୍ୱାରା ପ୍ରଲୋଭିତ କରି ଜନତାଙ୍କୁ ଠକିବା ପାଇଁ ଜାଲ ବିଛାଉଛନ୍ତି । ସାଇବର ଅପରାଧୀଙ୍କ ଜାଲରେ ଅଶିକ୍ଷିତ, ଶିକ୍ଷିତ ଏବଂ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମଧ୍ୟ ଠକୁ ଥିବାର ଦେଖିବାକୁ ମିଳୁଛି । ସାଇବର ଅପରାଧୀ ମାନେ ବ୍ୟକ୍ତିଙ୍କ ଠାରୁ ତଥ୍ୟ ସଂଗ୍ରହ କରି ତାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇ ନେଉଛନ୍ତି । ଠିକ ସେହିପରି ଏହି ଅପରାଧୀ ମାନେ ସୁନ୍ଦରୀ ଝିଅ ମାନଙ୍କ ଦ୍ୱାରା ଭିଡ଼ିଓ କଲ କରାଇ ବ୍ୟକ୍ତିଙ୍କୁ ନଗ୍ନ ଦେହ ଦେଖାଇ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କୁ ମୋଟା ଅଙ୍କର ଅର୍ଥ ମଧ୍ୟ ଦାବୀ କରୁଛନ୍ତି । ଯାହା ଫଳରେ ଏହି ବ୍ୟକ୍ତି ମାନେ ମାନସିକ ଭାରସ୍ୟାମ ହରାଇ ଲୋକ ଲଜ୍ୟା ଭୟରେ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଉ ନାହାନ୍ତି । ତେଣୁ ସାଧାରଣ ବ୍ୟକ୍ତିଙ୍କୁ ସାଇବର ଅପରାଧୀଙ୍କ ଠାରୁ ବର୍ତ୍ତିବା ପାଇଁ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ରଙ୍କ ପ୍ରୟାସରେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ବଜାର ରେ ଥିବା ଆରକେ ଇନ୍ଷ୍ଟୋ ଏକାଡେମୀ ପରିସରରେ ଏକ 'ସାଇବର ସୁରକ୍ଷା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ନିଟ ଫାଉଣ୍ଡେସନ ତରଫରୁ ଗୁଗୁଲ ମିଟ ମାଧ୍ୟମରେ ପରିଚାଳନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଶହେରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶ ଗ୍ରହଣ କରିଥିଲେ । ଆରକେ ଇନଷ୍ଟା କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ବାଲେଶ୍ୱର, ୨୧/୦୬ (ଆ.ପ୍ର) : ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଏବଂ ଉତ୍ସାହମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଉତରାୟଣ ମଂଚରେ ସକାଳ ୭ଟାରୁ ୭.୪୫ଟା ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷ, ଛାତ୍ରଛାତ୍ରୀ, ଏନଏସଏସ୍, YRC ସ୍ୱେଚ୍ଛାସେବୀ, NCC କ୍ୟାଡେଟ୍, ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ଓ ସକ୍ରିୟ ଭାବରେ ଯୋଗ ଅଭ୍ୟାସରେ ଅଂଶ ନେଇଥିଲେ । 'ଦ ହୋଲିଷ୍ଟିକ୍ ହିଲିଂ' ଯୋଗ ସେଂଟରର ଅଭିଜ୍ଞ କାର୍ଯ୍ୟକର୍ତ୍ତା ଓ ମହାବିଦ୍ୟାଳୟର ଶାରୀରିକ ଶିକ୍ଷକ ସଞ୍ଜିବ ଡାଳଦି ଯୋଗର ବିଭିନ୍ନ ଆସନ, ପ୍ରାଣାୟାମ ଓ ଧ୍ୟାନ ଅଭ୍ୟାସ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇଥିଲେ । ଏହା ଦ୍ୱାରା ଅଂଶଗ୍ରହଣକାରୀମାନେ ଜୀବନରେ ଯୋଗର ଗୁରୁତ୍ୱ ଓ ଉପକାରିତା ବିଷୟରେ ଗଭୀର ଜ୍ଞାନ ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏନଏସଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସମୀର କୁମାର ସାହୁ ଓ ଡକ୍ଟର ଶାଶ୍ୱତୀ ଜେନା ସଫଳ ଭାବେ ସମନ୍ୱୟ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ସଭାଗତ ଓ ଧନ୍ୟବାଦ ଜଣାଇ ଉପସ୍ଥିତମାନଙ୍କୁ କୃତଜ୍ଞତା ଜଣା ଯାଇଥିଲା । ଯୋଗ ଅଭ୍ୟାସ ପରେ ମହାବିଦ୍ୟାଳୟ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଧ୍ୟକ୍ଷ, ଅଧ୍ୟାପକ- ଅଧ୍ୟାପିକା, NSS, NCC YRCର ଅଧିକାରୀ ଓ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ । ଆନ୍ତର୍ଜାତୀୟ ଯୋଗ ଦିବସ ମାନବ ସମାଜକୁ ଏକ ସୁସ୍ଥ, ସୁନ୍ଦର ଓ ସଜଗ ଜୀବନ ଜୀବିତ କରିବା ପାଇଁ ଯୋଗର ଗୁରୁତ୍ୱ ଓ ଅବଶ୍ୟକତା ବିଷୟରେ ସଚେତନତା ଆଣିଛି ।

ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟା

ବନ୍ୟାଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କଲେ ବିଧାୟିକା ସୁବାସିନୀ ଜେନା

ବାଲିଆପାଳ, ୨୧/୦୬ (ଆ.ପ୍ର) : ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟାରେ ଜଳସ୍ତର ବୃଦ୍ଧିପାଇ ବାଲିଆପାଳ ବ୍ଳକର ନଦୀକୂଳିଆ ପଂଚାୟତ ଗୁଡ଼ିକର ବହୁ ଗ୍ରାମ ଗୁଡିକରେ ବନ୍ୟାପାଣି ପ୍ରବେଶ କରିଛି । ବନ୍ୟା ଘେରରେ ବହୁ ଗ୍ରାମ ଜଳମଗ୍ନ ହେବା ସହ କିଛି ଗ୍ରାମ ବାହ୍ୟ ଜଗତ ଠାରୁ ବିଛିନ୍ନ ହୋଇଯାଇଛି । ବନ୍ୟା ପରିସ୍ଥିତିକୁ ଲକ୍ଷ୍ୟ ରଖି ବସ୍ତା ବିଧାୟିକା ସୁବାସିନୀ ଜେନା ଶନିବାର ସକାଳୁ ଠାରୁ ଦିନତମାମ ନଦୀକୂଳିଆ ବନ୍ୟାଂଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ବିଧାୟିକା ଜେନା ମଧୁପୁରା ପଂଚାୟତର ଚୌଧୁରୀକୁଦ, ଚଡ଼ଚଡ଼ାକାନଗୁଣ, ପଂଚୁରୁଖି , ଅସ୍ତି ପଂଚାୟତର ଚଢ଼ାପାଳ, ସର୍ଦ୍ଦାର ସାହି, ଦଉସାହି, ନିଖୁରା ପଂଚାୟତର ମାନପୁର, ପାଳପଡ଼ା , ଚଡପାଳପଡ଼ା, ଘଂଟୁଆ ପଂଚାୟତର ମାନିକୁଦ, ଜାମକୁଣ୍ଡା ପଂଚାୟତର ଲକପାଳ, ଜାମକୁଣ୍ଡା ଲକ୍ ଓ ବାଲିଆପାଳ ପଂଚାୟତର ସୁଙ୍ଗମୁହଁ ଇତ୍ୟାଦି ବନ୍ୟାଂଚଳ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦା ମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବିଷୟ ବୁଝି ଜିଲ୍ଲା ପ୍ରଶାସନକୁ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ । ଜାମକୁଣ୍ଡା ଲକ୍ ନିକଟରେ ବିଷ୍ଣୁପୁର ପଂଚାୟତ ଇକଡ଼ପାଳ ଗ୍ରାମର ଏକ ଯୁବକ ରାସ୍ତା ପାର ହେଉଥିବା ସମୟରେ ବନ୍ୟା ପାଣିରେ ଭାସିଯାଇ ନିଖୋଜ ଅଛି । ଏହି ଖବର ପାଇ ବସ୍ତା ବିଧାୟିକା ସୁବାସିନୀ ଜେନା ଜାମକୁଣ୍ଡା ଲକ୍ ନିକଟରେ ପହଂଚି ଜିଲ୍ଲା ପ୍ରଶାସନକୁ ଯୁବକଟିର ଉଦ୍ଧାର ନିମନ୍ତେ ଯୋଗାଯୋଗ କରିଥିଲେ । ବିଧାୟିକା ଜେନାଙ୍କ ସହିତ ବାଲିଆପାଳ ବ୍ଳକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ଜିଲ୍ଲାପରିଷଦ ପ୍ରତିନିଧି ସୁନିଲ ଜେନା, ଯୁବନେତା ସୌମ୍ୟଦୀପ ଚକ୍ରବର୍ତ୍ତୀ, ଜଗବନ୍ଧୁ ଜେନା, ବରିଷ୍ଠ ନେତା ଭାସ୍କର ଚନ୍ଦ୍ର ସାହୁ, ମନ୍ମଥ ମାଣିକ, ଅଦୈତ୍ୟ ଦାସ ଅଧିକାରୀ, ହରେକୃଷ୍ଣ ଜେନା, ଗଣେଶ ବାରିକ, ବସନ୍ତ ମହାନ୍ତି, ମନ୍ମଥ ବାରିକ, ଉମତିଆଳ ସାହା ପ୍ରମୁଖ ବହୁ ନେତୃବୃନ୍ଦ ବନ୍ୟାଂଚଳ ପରିଦର୍ଶନ କରିଥିଲେ ।

ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବନ୍ୟା ପରିଦର୍ଶନ

ବାଲେଶ୍ୱର, ୨୧/୦୬ (ଆ.ପ୍ର) : ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବଢ଼ିବା ଫଳରେ ବାଲିଆପାଳ ବ୍ଳକର ବିଷ୍ଣୁପୁର ପଂଚାୟତ ଇକଡପାଳ ଗ୍ରାମର ଜଣେ ଯୁବକ ମହେଶ୍ୱର ପିନା ଆଜି ଜାମକୁଣ୍ଡା ଲକ୍ ନିକଟରେ ବନ୍ୟାଜଳରେ ଭାସିଯାଇଥିବା ବେଳେ ତାଙ୍କର ପତା ଏପର୍ଯ୍ୟନ୍ତ ମିଳି ପାରିନାହିଁ । ଏହି ଖବର ପାଇବାକ୍ଷଣି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭୁବନେଶ୍ୱରର କାର୍ଯ୍ୟକ୍ରମ ବାତିଲ କରି ପିଲାଟିର ଉଦ୍ଧାର ନିମନ୍ତେ ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରିବା ସହିତ ଜାମକୁଣ୍ଡା ଲକ୍ ନିକଟରେ ପହଂଚି ଓଡ୍ରାଫ ବୋଟ ମାଧ୍ୟମରେ ଯାଇ ଭାସିଯାଇଥିବା ମହେଶ୍ୱର ପିନାଙ୍କ ପରିବାର ପାଖରେ ପହଂଚି ପରିଜନଙ୍କ ସହ କଥା ହୋଇ ସମସ୍ତ ପ୍ରକାରର ସାହାଯ୍ୟ ସହଯୋଗର ଆଶ୍ୱସନା ଦେଇଛନ୍ତି । ସାମ୍ଭାବ୍ୟ ବନ୍ୟା ପରିସ୍ଥିତି ଓ ନିରୁଦ୍ଦିଷ୍ଟ ଯୁବକଙ୍କ ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହିତ ମୋବାଇଲ ଯୋଗେ କଥା ହୋଇ ସମସ୍ତ ବିଷୟରେ ଅବଗତ କରାଇଛନ୍ତି । ଏହାସହିତ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ସାଂସଦଙ୍କ ସହିତ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର ପ୍ରମୁଖ ବନ୍ୟା ପ୍ଲାବିତ ଅଂଚଳ ବୁଲି ଲୋକଙ୍କ ସୁବିଧା ଅସୁବିଧା ବୁଝିଥିଲେ ।

ସିମୁଳିଆ ବରିଷ୍ଠ ନାଗରିକ ମଂଚର 'ଅବଦାନ' କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ

ସିମୁଳିଆ, ୨୧/୦୬ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ଚାଲୁଣୀ ଗାଁ ପଂଚାୟତ ଅଫିସ୍ ଗୃହ ରେ ଇତି ମଧ୍ୟରେ ସିମୁଳିଆ ବରିଷ୍ଠ ନାଗରିକ ମଂଚର,' ଅବଦାନ' କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଥିଲେ,ନୂତନ ଭାବେ ନିଯୁକ୍ତି ପାଇଥିବା ସାଧାରଣ ସଂପାଦକ ଶିବାନନ୍ଦ ପାଢ଼ୀ ଏବଂ ସଭାପତି ଶ୍ରୀନିବାସ ଧଳ । ପ୍ରଥମେ ଚାଲୁଣି ଗାଁ ପଂଚାୟତର ସାଧାରଣ ସଂପାଦକ କରୁଣାକର ଜେନା ସଂଘ ର ସଭାପତି ଶ୍ରୀନିବାସ ଧଳଙ୍କୁ ସଭାପତିତ୍ୱ କରିବାକୁ ଅନୁରୋଧ କରିଥିଲେ ଏବଂ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାପତି ଶ୍ରୀନିବାସ ଧଳ ବରିଷ୍ଠ ନାଗରିକ ମଂଚର କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପାଠ କରିଥିଲେ ଏବଂ ସଂଗଠନ ସଭାପତି ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଅବଦାନ କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କୁ ଜଣାଇବା ପାଇଁ କହିଥିଲେ । ପରେ ପରେ ସେ ଏ ବିଷୟରେ ଅବଗତ କରାଇ ଥିଲେ । ଚାଲୁଣି ଗାଁ ବରିଷ୍ଠ ନାଗରିକ ମଂଚ ବ୍ରାଂଚର ସଭାପତି ମନ୍ମଥ ନାୟକଙ୍କ ନେତୃତ୍ୱରେ ଶତାଧିକ ଲୋକ ଏହି ସମାବେଶରେ ଉପସ୍ଥିତ ଥିଲେ । ଏହାପରେ ଛତା ବଂଟନ କାର୍ଯ୍ୟକ୍ରମ ସିମୁଳିଆ ବରିଷ୍ଠ ନାଗରିକ ମଂଚର ସାଧାରଣ ସଂପାଦକ ଶିବାନନ୍ଦ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା । ସେମାନେ ଥିଲେ:ମାୟାଧର ପ୍ରଧାନ, ଏକାମ୍ବର, ଜୟରାମ ଦୃଷ୍ଟି, ଉପେନ୍ଦ୍ର ପାଣି, କରୁଣାକର ପାତ୍ର, ଚୈତନ୍ୟ ମଲିକ, ପୁନି ନାୟକ, ପଂଚାଳି ନାୟକ, ଭୋଳାନାଥ ଦାସ, ମଙ୍ଗୁଳି ମୁହୁଲି,ଶାମାମଣି ଦାସ, ଉପେନ୍ଦ୍ର ପାତ୍ର, ବାଇଧର ମଲିକ, ସରସ୍ୱତୀ ଲେଙ୍କା ଓ ମାନସ କୁମାର ନାୟକ । ଏହି ସମାବେଶରେ ସରପଂଚ ମମତା ରାଣୀ ନାୟକ ଉପସ୍ଥିତ ରହି ବରିଷ୍ଠ ନାଗରିକ ମଂଚର କର୍ମକର୍ତ୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ସିମୁଳିଆ ବରିଷ୍ଠ ନାଗରିକ ମଂଚର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାଳିକ, ମହେନ୍ଦ୍ର ନାଥ ମହାପାତ୍ର, ଅର୍ଥ ସମ୍ପାଦକ ନିଶାକର ବେହେରା ଓ କାର୍ଯ୍ୟ କାରିଣୀ ସଦସ୍ୟ ଦୀନକୃଷ୍ଣ ଜେନା ଉପସ୍ଥିତ ରହିଥିଲେ । ସମସ୍ତେ ନିଜ ନିଜର ବକ୍ତବ୍ୟ ମଧ୍ୟ ପାଠ କରିଥିଲେ । ସାଧାରଣ ସଂପାଦକ ଶିବାନନ୍ଦ ପାଢ଼ୀ ଉପସ୍ଥିତ ଜନସାଧାରଣ, ବୁଦ୍ଧିଜୀବି ଏବଂ ସଂଗଠନର ସଭ୍ୟମାନଙ୍କ ପାଇଁ ଖାଦ୍ୟ ପେୟର ବ୍ୟବସ୍ଥା କରିଥିଲେ । ଏହି କାର୍ଯ୍ୟ ଦୀନକୃଷ୍ଣ ଜେନା ଓ ମହେନ୍ଦ୍ର ନାଥ ମହାପାତ୍ର ସୁଚାରୁରୂପେ ସମାହିତ କରିଥିଲେ । ଉପସ୍ଥିତ ଜନସାଧାରଣ ସିମୁଳିଆ ବରିଷ୍ଠ ନାଗରିକ ମଂଚର ଏହି ଅବଦାନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ସାଧାରଣ ସଂପାଦକ ଶିବାନନ୍ଦ ପାଢ଼ୀ ଏହି କାର୍ଯ୍ୟକ୍ରମ ଆହୁରି ସୁଦୃଢ଼ ହେବ ବୋଲି ମତପୋଷଣ କରିଥିଲେ । ଏହାପରେ ସଂଘର ସଭାପତି ଶ୍ରୀନିବାସ ଧଳ ସଭା ଭଙ୍ଗ କରିବାକୁ ନିଷ୍ପତି ନେଇଥିଲେ ।

ନବୀନଙ୍କ ନିରାମୟ ଜୀବନ ପାଇଁ ପୂଜାର୍ଚ୍ଚନା କଲେ ପୂର୍ବତନ ବିଧାୟକ ଓ ବିଜେଡି କର୍ମୀ

ନୀଳଗିରି, ୨୧/୦୬ (ଆ.ପ୍ର) : ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରାଜ୍ୟବ୍ୟାପୀ ବିଜେଡି ନେତା ଓ କର୍ମୀ ମାନେ ବିଭିନ୍ନ ଦେବା ଦେବୀଙ୍କ ଠାରେ ପୂଜା ଅର୍ଚ୍ଚନା କରିଛନ୍ତି ।ସେହି କ୍ରମରେ ନୀଳଗିରି ବିଜେଡି ପକ୍ଷରୁ ନବୀନଙ୍କ ସ୍ୱାସ୍ଥ୍ୟ ର ଶୁଭମନାସି ନୀଳଗିରିର ପ୍ରତ୍ୟକ୍ଷ ଦେବୀ ମା ଭୂଧାରଚଣ୍ଡୀଙ୍କ ନିକଟରେ ଦୀପ ଦାନ କରାଯାଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ସେ ଗତକାଲି ଚିକିତ୍ସା ନିମନ୍ତେ ମୁମ୍ବାଇ ଗସ୍ତ କରିଛନ୍ତି । କିପରି ଶ୍ରୀ ପଟ୍ଟନାୟକ ସୁସ୍ଥ ହୋଇ ଶୀଘ୍ର ଫେରିଆସିବେ, ସେ ନେଇ ବିଜେଡି ଦଳର ଶହ ଶହ କର୍ମୀ ମାନେ ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ମାଙ୍କ ପୀଠ ରେ ପହଂଚି ଦୀପ ଦାନ କରିବା ସହ ନବୀନଙ୍କ ନାଁରେ ପୂଜାର୍ଚ୍ଚନା କରିଛନ୍ତି । ଏଠାରେ ସୂଚନାଯୋଗ୍ୟ, ପୀଠର ପୂଜକ ବିଜୟ କୁମାର ପଣ୍ଡା ଅତ୍ୟନ୍ତ ନିଷ୍ଠା ଓ ଭକ୍ତିର ସହିତ ଏହି ପୂଜା କରିଥିବା ଦେଖା ଯାଇଛି ।

ଯୋଗ ଦିବସରେ ଗଣିଆ ବନାଂଚଳ

ଦଶପଲ୍ଲା, ୨୧/୦୬ (ଆ.ପ୍ର) : ଆଜି ଆନ୍ତର୍ଯାତୀକ ଯୋଗ ଦିବସରେ ନୟାଗଡ ବନଖଣ୍ଡ ଅନ୍ତର୍ଗତ ଗଣିଆଁ ବନାଂଚଳର ସମସ୍ତ କର୍ମଚାରୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଗଣିଆଁ ବନାଂଚଳ ଦାୟିତ୍ୱରେ ଥିବା ସହକାରୀ ବନ ସଂରକ୍ଷକ ସୁମନ ମାଝିଙ୍କ ଅନୁରୋଧ କ୍ରମେ ମୁଁ ଉକ୍ତ ଯୋଗ ଶିବିରରେ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲି ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଯୋଗ ବ୍ୟକ୍ତିତ୍ୱର ବିକାଶ ସହ ମାନସିକ ଓ ଶାରୀରିକ ଅବସ୍ଥାରେ ସ୍ଥିରତା ଆଣେ : କୁଳପତି



ବାଲେଶ୍ୱରାନୀଳଗିରି, ୨୧/୦୬ (ଆ.ପ୍ର) : ଫକୀରମୋହନ ୟବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା ପୌରହିତ୍ୟରେ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସ ପରିସରରେ ସଂସ୍କୃତ ବିଭାଗ ଓ ଏନଏସଏସ ମିଳିତ ଆନୁକୂଲ୍ୟ ରେ ତଥା ଭାରତୀୟ ଦାର୍ଶନିକ ଗବେଷଣା ପରିଷଦ- ନୂଆଦିଲ୍ଲୀ ଦ୍ୱାରା ପ୍ରାୟୋଜିତ ହୋଇ ଆନ୍ତର୍ଜାତିକ ଯୋଗ ଦିବସ-୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସମ୍ମାନୀୟ ଅତିଥି ଭାବେ ତଥା ବିଶ୍ୱଭାରତୀ-ଶାନ୍ତିନିକେତନର ପୂର୍ବତନ ପ୍ରଫେସର, ପ୍ରଫେସର ଜଗତ ରାମ ଭଟ୍ଟାଚାର୍ଯ୍ୟ ମୁଖ୍ୟ ଯୋଗ ପ୍ରଶିକ୍ଷକ ରୂପେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ଯୋଗ-ଧ୍ୟାନ କରିବାର ଉପଦେୟତା ଶିକ୍ଷା ପ୍ରଦାନ କରିଥିଲେ । ଏଥିସହିତ ଚଳିତ ବର୍ଷର ଯୋଗ ଦିବସର ଆହ୍ୱାନ ' ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ : ଯୋଗ ସଙ୍ଗମ 'କୁ ମୁଖ୍ୟପ୍ରସଙ୍ଗ ନେଇ ଏକ ଦିନିକିଆ ବୈଠକର ଆୟୋଜନ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ନିଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର 'ଶ୍ରୀମଦ୍ ଭାଗବତଗୀତାର ଆଧାରରେ ଯୋଗର ମହତ୍' ବିଷୟରେ ଏକ ସାରଗର୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିସହ ପ୍ରଫେସର ଜଗତ ରାମ ଭଟ୍ଟାଚାର୍ଯ୍ୟ, ' ଭାରତୀୟ ଯୋଗ ପରମ୍ପରା ସହ ଜୈନଧର୍ମର ସଂପର୍କ' ସମ୍ବନ୍ଧୀତ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ ଓ ହୋଶିୟାରପୁର ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରଫେସର, ପ୍ରଫେସର ସୁଧାଂଶୁ କୁମାର ଷଡ଼ଙ୍ଗୀ ଯୋଗଦେଇ ' ମୁଖ୍ୟ ଯୋଗ-ଉପନିଷଦ ଗୁଡ଼ିକରେ ପ୍ରମାଣିତ ଯୋଗ ସିଦ୍ଧାନ୍ତ ' ସଂପର୍କରେ ବ୍ୟାଖ୍ୟାନ ଉପସ୍ଥାପନ କରିଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କ ଜୀବନରେ ଯୋଗାଭ୍ୟାସର ପ୍ରାଧାନ୍ୟ ନେଇ ଆଲୋକପାତ କରିଥିଲେ । ଯୋଗ ସହ ଲୟ ଜୀବନରେ ଏକାଗ୍ରତାକୁ ବୃଦ୍ଧି କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଏଥିସହିତ ଏକ ସୁସ୍ଥ ଓ ସମୃଦ୍ଧି ଜୀବନଯାପନ କରିବାରେ ଯୋଗାଭ୍ୟାସର ଭୂମିକାକୁ ମଧ୍ୟ ବୁଝାଇ କହିଥିଲେ । ବିଶ୍ୱବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ସଂଯୋଜକ ଡ଼କ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ ଓ ପ୍ରଫେସର ଦେବାଶିଷ ପାତ୍ର ବୈଠକ କାର୍ଯ୍ୟକ୍ରମକୁ ସଂଚାଳିତ କରିଥିଲେ । ଏନଏସଏସ ପ୍ରୋଗ୍ରାମ ଅଫିସର ଡ଼କ୍ଟର ପ୍ରତିମା ପ୍ରଧାନ, ବୈଠକର ସଫଳ ରୂପାୟନ ତଥା ଆୟୋଜିତ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତେ ଅତ୍ୟନ୍ତ ଉତ୍ସାହର ଯୋଗଦେଇଥିବା ଯୋଗୁଁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ସେଇଥ ଆରମ୍ଭ
SEITHO ARAMBHA
ରବିବାର, ୨୨ ଜୁନ,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପ୍ରକୃତ ଜ୍ଞାନ

ଚେତନା ବିହୀନ ମସ୍ତିଷ୍କ ଯୁକ୍ତ ଜୀବକୁ ପଶୁ ବୋଲି କୁହାଯାଇ ଥାଏ । ଚେତନା ଜ୍ଞାନ ହେତୁ ମଣିଷର ସ୍ଥାନ ଏକ ଭିନ୍ନ ସ୍ତରରେ ରହିଛି ପୃଥିବୀ ପୃଷ୍ଠରେ । ଚେତନା ଜ୍ଞାନର ପରିଭାଷା ଅସୀମ, ଅନନ୍ତ । ଜ୍ଞାନର ନିର୍ଣ୍ଣାୟକ କ୍ଷମତା ଜ୍ଞାନୀ ପାଖରେ ମଧ୍ୟ ନଥାଏ । ଜ୍ଞାନକୁ ସହଜରେ ଅନ୍ଦାଜ କରିବା କ୍ଷମତା କାହାର ନାହିଁ । ଜ୍ଞାନର ବ୍ୟାପ୍ତ ପରିସର ମଧ୍ୟରୁ କାହା ପାଖରେ କେଉଁ ଆକାରରେ କିହଁକି କେଉଁ ପରିମାଣର ଜ୍ଞାନର ଉତ୍ପତ୍ତି ହୋଇଥାଏ ବୁଝିବା କଷ୍ଟ । ଏହା ଏକ ପ୍ରକୃତିଦତ୍ତ ଜନ୍ମଗତ ଗୁଣ ମାତ୍ର ! ପାରିପାର୍ଶ୍ୱିକ ଶୈକ୍ଷିକତା କିଂଚିତ ପ୍ରଭାବିତ କରୁଥିଲେ ମଧ୍ୟ ପ୍ରକୃତ ଜ୍ଞାନ କେବଳ ଜନ୍ମଗତ । ଶୈକ୍ଷିକ ଜ୍ଞାନକୁ ଶିକ୍ଷା ମଧ୍ୟରେ ସୀମିତ ରଖାଯାଇ ପାରେ । ଶିକ୍ଷିତଙ୍କୁ ଜ୍ଞାନୀ ବୋଲି କହିବା ବାହୁଲ୍ୟ ମାତ୍ର ଯାହା କେବଳ ଏକ ସାମାଜିକ ବିଚାର ଜନିତ ହୋଇ ପାରେ, କିନ୍ତୁ ବାସ୍ତବ, ପ୍ରାକୃତିକ ନୁହେଁ ! ଆଜିର ଅଜ୍ଞାନ ସମାଜରେ କାହାଦ୍ୱାରା ପ୍ରକାଶିତ ଲିଖିତ ବିଷୟକୁ ମସ୍ତିଷ୍କରେ କବଳିତ କରି ନିଜକୁ ଜ୍ଞାନୀ ବୋଲି ସ୍ୱୟଂ ବିବେଚନା କରୁଥିବା ମଣିଷଙ୍କ ସ୍ଥିତି ଏକ ଭିନ୍ନ ସ୍ତରରେ ଦେଖିବାକୁ ମିଳେ ! ଉପଯୁକ୍ତ ଜ୍ଞାନ ରହିତ ମଣିଷଙ୍କ ଦାର୍ଶନିକ ପରିଭାଷାକୁ ବୋଧଗମ୍ୟ କରିବାରେ ଅସମର୍ଥ ସାଧାରଣ ମଣିଷଙ୍କ ଦ୍ୱାରା ସେମାନଙ୍କୁ ଦିଆଯାଉଥିବା ମାନ୍ୟତା ଏକ ସାମାଜିକ କୁହେଳିକା ମାତ୍ର । କିନ୍ତୁ ପ୍ରାକୃତିକ, ବାସ୍ତବ ଜ୍ଞାନୀଙ୍କ ସ୍ଥିତି ସମୀକ୍ଷା କରିବା ଅତ୍ୟନ୍ତ ଜଟିଳ । ଶିକ୍ଷାରେ ଜ୍ଞାନ ଆହରଣ କରିବା ଏକ କଳା । ଜ୍ଞାନ କିନ୍ତୁ ଶିକ୍ଷାରୁ ଅତ୍ୟନ୍ତ କିଞ୍ଚିତ ମାତ୍ରାରେ ଉପଲବ୍ଧ ହେଉଥିବା ବେଳେ ମାନସ ମନ୍ଥନ ତଥା ପ୍ରାକୃତିକ ଜ୍ଞାନର ପ୍ରଭାବ ଭିନ୍ନ ହୋଇଥାଏ । ତେଣୁ ଜ୍ଞାନକୁ ବିବେଚନା କରି ତା'ର ମୂଲ୍ୟାୟନ କରିବା ସାଧାରଣ କଥା ନୁହେଁ ! ହେଲେ ମଣିଷ ମସ୍ତିଷ୍କରେ ଉତ୍ପନ୍ନ ଜ୍ଞାନ ବିଭିନ୍ନ ସ୍ତରରେ ଦେଖିବାକୁ ମିଳେ । ଜ୍ଞାନକୁ ତ୍ରିସ୍ତରୀୟ ବିଭକ୍ତି କରାଯାଇ ସଚେତନ, ଅସଚେତନ ଓ ଅବଚେତନ ଜ୍ଞାନର ବିଶ୍ଳେଷଣ କରି ଦେଖିଲେ ଜାଣି ହେବଯେ ଜ୍ଞାନର ମାତ୍ରା କାହାରି ଉପରେ ନିର୍ଭର କରି ମଣିଷ କେଉଁ ପ୍ରକାର ଚରିତ୍ରିକ ପ୍ରବାହ କରିଥାଏ । ଅସଚେତନ ଜ୍ଞାନ ମଣିଷର ନିଜସ୍ୱ ବିଶ୍ଳେଷିତ ଭାବଧାରା ରହିତ ପାରିପାର୍ଶ୍ୱିକ ପ୍ରଭାବରୁ ଉତ୍ପନ୍ନ, ପ୍ରଭାବିତ ଅବସ୍ଥାରୁ ଜାଗ୍ରତ ହୋଇଥାଏ । ସଚେତନ ଜ୍ଞାନ ଜଣେ ମଣିଷର ନିଜସ୍ୱ ଭାବଧାରା ତଥା ଦୃଷ୍ଟିକୋଣ ଜନିତ ହୋଇଥାଏ । ଅବଚେତନ ଜ୍ଞାନ ଏକ ଜଟିଳ ଜ୍ଞାନ ଯାହା ମଣିଷର ମସ୍ତିଷ୍କ ମଧ୍ୟରେ ନିଜସ୍ୱ ନିୟନ୍ତ୍ରଣ ବହିର୍ଭୂତ ଅବସ୍ଥାରେ ରହିଥାଏ ଯାହା ମଣିଷକୁ ଅଲୌକିକ ବିଚାର ସୃଷ୍ଟି କରିବାରେ ସହଯୋଗ କରୁଥିବା ବେଳେ କର୍ତ୍ତବ୍ୟ, ଅକର୍ତ୍ତବ୍ୟ ଗୁଡିକୁ ବିଶ୍ଳେଷଣ କରିବାରେ ସକ୍ଷମ କରିଥାଏ । ଅର୍ଥାତ ଏହି ତିନି ପ୍ରକାର ଜ୍ଞାନ ଉପରେ ଆଧାର କରି ବିଭିନ୍ନ ମଣିଷ ମାନଙ୍କର ସାମାଜିକ ସ୍ଥିତି ଦେଖିବାକୁ ମିଳେ ସମାଜରେ । ସେଗୁଡିକୁ ବିଶ୍ଳେଷଣ କରି ବିଭିନ୍ନ ମତବାଦ ତଥା ସାମାଜିକ ଜ୍ଞାନ ପରିବେଷଣ କରାଯାଇ ଅଛି ଯାହା ପିଢ଼ିକୁ ପିଢ଼ି ନୂତନତ୍ୱର ଆଶା ସଂଚାର କରିବା ଦିଗରେ ସହାୟକ ହୋଇଥାଏ । ମଣିଷର ଜ୍ଞାନ ଜନିତ ଭାବଧାରା ଗୁଡିକୁ ସାମାଜିକ ମାନ୍ୟତା ଦେଇ ପ୍ରଚାର ପ୍ରସାର କରାଯିବାରେ ନୂତନ ପିଢିଙ୍କୁ ପ୍ରେରଣା ମିଳୁଥିବା ବିଷୟ ସମସ୍ତେ ବୁଝୁଥିବେ । କିନ୍ତୁ ଅନେକ ସମୟରେ ସେଗୁଡିକର ବିପରୀତ ବିଚାର ତଥା କର୍ତ୍ତବ୍ୟନିଷ୍ଠତା ମଧ୍ୟ ମଣିଷକୁ ଭୀଷଣ ପ୍ରକୋପଦାୟୀ କରିଥାଏ ଯାହା କେତେକ ଅମାନୁଷିକ ବ୍ୟକ୍ତିଙ୍କ ଦ୍ୱାରା ବିପରୀତରେ ପରିଗଣିତ । ଜ୍ଞାନର ପରିଭାଷା କେବଳ ଶିକ୍ଷାଗତ ଯୋଗ୍ୟତା ଉପରେ ଆଧାରିତ ଗ୍ରହଣୀୟତା ଦେଖିବାକୁ ମିଳୁଛି ଆଜିର ସମାଜରେ, କାରଣ ଜ୍ଞାନର ପ୍ରାକୃତିକ ଅନୁଶୀଳନ କରିବା ତଥା ଜ୍ଞାନର ସଜ୍ଞା କ'ଣ କାହାକୁ ବୁଝୁନାହିଁ । ସାଧାରଣ ଲୋକେ କେବଳ ଉଚ୍ଚ ଶିକ୍ଷିତଙ୍କୁ ଜ୍ଞାନୀ ବୋଲି କହିବା ଏକ ସମୟ ସାପେକ୍ଷ ପରିପାର୍ଶ୍ୱିକ ଶୈକ୍ଷିକ ଭାବଧାରା ମାତ୍ର । ପ୍ରକୃତ ଜ୍ଞାନ କିନ୍ତୁ ଶିକ୍ଷା ଅପେକ୍ଷା ପ୍ରାକୃତିକ ଅବଦାନ ବୋଲି ବିଚାର ଶୂନ୍ୟ ମଣିଷ ପ୍ରାୟତଃ ସମସ୍ତେ । ଶିକ୍ଷାରୁ ଯଦି ଜ୍ଞାନ ଉତ୍ପନ୍ନ ହେବା ନିଶ୍ଚିତ ସମ୍ଭାବନା ରହିଥା'ନ୍ତା ତାହେଲେ ଆଜି ସମୟରେ ଜ୍ଞାନୀଙ୍କ ସଂଖ୍ୟା ବହୁତ ବେଶୀ ହୋଇଥା'ନ୍ତା ତୁଳନାତ୍ମକ ଆମ ପୂର୍ବ ପୁରୁଷ । କିନ୍ତୁ ଆଜି ସମୟରେ ଜ୍ଞାନୀ ଦେଖିବାକୁ ବିରଳ କେମିତି ଏବଂ ଶିକ୍ଷିତ ନିଶ୍ଚିତ ଜ୍ଞାନୀ ନୁହେଁ କେମିତି ବିଚାର କରି ଦେଖିଲେ ଜାଣିହେବ । ଆମ ପୂର୍ବଜ ଦାର୍ଶନିକ ହୁଅନ୍ତୁ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ନିପୁଣ ବ୍ୟକ୍ତିତ୍ୱ, ଯାହାଙ୍କ ଶିକ୍ଷାଗତ ଯୋଗ୍ୟତା, ପ୍ରମାଣ ପତ୍ର କିଛି ନଥିଲା କିମ୍ବା ସେମାନେ କୌଣସି ବିଶ୍ୱବିଦ୍ୟାଳୟରୁ କେଉଁ ବିଷୟରେ ବିଶାରଦ ପଦ ପାଇନଥିଲେ । କିନ୍ତୁ ସେମାନେ ଯେଉଁ ସବୁ ବିଷୟ ଉପରେ ବିଭିନ୍ନ ମତବାଦ ଦେଇ ଯାଇଛନ୍ତି, ସେଗୁଡିକୁ ବୁଝି ତାହାର ଉପଯୁକ୍ତ ମର୍ମ ନିରୂପଣ କରିବା ମଣିଷଙ୍କ ସଂଖ୍ୟା ଅତ୍ୟନ୍ତ ବିରଳ ଦେଖିବାକୁ ମିଳୁଛି ଆଜି ସମୟରେ । ଉଦାହରଣ ସ୍ୱରୂପ ବିଭିନ୍ନ କବି, ଲେଖକ, ଦାର୍ଶନିକଙ୍କ ମତବାଦ ହେଉ କି ସାମାଜିକ ମାନବିକ ଚେତନା ଜ୍ଞାନ ଅଥବା ଯୋଗ, ଶରୀର ଶାସ୍ତ୍ର ଉପରେ ପୂର୍ବରୁ ଲିଖିତ ବିଭିନ୍ନ ବିଷୟ ଗୁଡିକ ଉପରେ କେବଳ ଗବେଷଣା କରି ସେଗୁଡିକୁ ମୁଖସ୍ତ କରି ବ୍ୟବହାର କରିବା ଛଡା ବର୍ତ୍ତମାନ ଅଧିକ ଗବେଷଣାତ୍ମକ ତଥ୍ୟ ବାହାର କରିବା କିମ୍ବା ନୂତନ ତଥ୍ୟ ପ୍ରଦାନ କରିବା କ୍ଷମତାସୀନ ମଣିଷଙ୍କ ସଂଖ୍ୟା ଶୂନ୍ୟ ।

ଓଡ଼ିଆ ଯାତ୍ରା ନାଟକ ଓ ସୁଧାକର ଦ୍ୱିବେଦୀ

॥ ହିମାଂଶୁ ଶେଖର ଆଚାର୍ଯ୍ୟ ॥

ବିଂଶ ଶତାବ୍ଦୀର ମଧ୍ୟଭାଗରେ ଯେଉଁ କେତେଜଣ ଯୋଗଜନ୍ମା ନାଟ୍ୟକାର ଜନ୍ମଗ୍ରହଣ କରି ତାଙ୍କ ନାଟକ ମାଧ୍ୟମରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ଛାଡିଯାଇଛନ୍ତି ସେମାନଙ୍କ ମଧ୍ୟରେ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ହେଉଛନ୍ତି ଅନ୍ୟତମ । ଯଥାର୍ଥରେ ସେ ଥିଲେ ଜଣେ ସମାଜ ସଚେତକ ନାଟ୍ୟକାର । ତାଙ୍କ ଲେଖନୀରେ ସମାଜର ବାସ୍ତବ ପ୍ରତିଛବି ଅତି ସୁନ୍ଦର ଭାବେ ଚିତ୍ରିତ ହୋଇଥିଲା । ସବୁ ଶ୍ରେଣୀର ଦର୍ଶକ ତାଙ୍କ ରଚିତ ନାଟକ ଗୁଡିକୁ ଦେଖି ଆନନ୍ଦରେ ମସ୍‌ଗୁଲ ହେଉଥିଲେ । ପରିମାଣ ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ତାଙ୍କ ନାଟକ ଗୁଡିକ ମଧ୍ୟ ଗରୀୟାନ ଥିଲା । ବିଶେଷ କରି ଓଡିଶାର ସଂସ୍କୃତି, ପରମ୍ପରା ଓ ଜନଜୀବନର କଥା ଏବଂ ବ୍ୟଥାକୁ ନେଇ ସେ ଯେଉଁ ନାଟକ ଗୁଡିକୁ ସୃଷ୍ଟି କରି ଯାଇଛନ୍ତି ତାହାର ପ୍ରକୃତ ଚିତ୍ର ଆଜିର ସମାଜରେ ଦେଖିବାକୁ ମିଳୁଛି । ମାତ୍ର ୩୨ ବର୍ଷ ବୟସରେ କୋଡିଏରୁ ଉର୍ଦ୍ଧ୍ୱ ନାଟକ ରଚନା କରି ସେ ଓଡିଆ ଯାତ୍ରା ନାଟକ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡିଯାଇଅଛନ୍ତି । କେବଳ ସେତିକି ନୁହେଁ ନାଟ୍ୟକାର ସହିତ ଏକାଧାରରେ ସେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ, ନିର୍ଦ୍ଦେଶକ, ସଙ୍ଗୀତକାର ଓ ଅଭିନେତା । ପ୍ରକୃତରେ କହିଲେ ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଆଜି ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ତରଫରୁ ତାଙ୍କର ୪୩ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଜନ୍ମମାଟି ଗଦ୍ଧାପୁରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ଓ ସ୍ମୃତିଚାରଣ ସଭା କରାଯିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ବିଷୟରେ ଉତ୍ତରପିଢିଙ୍କୁ ଜଣାଇବା ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ । ସୁଧାକର ଦ୍ୱିବେଦୀଙ୍କ ଜନ୍ମ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଗଦ୍ଧାପୁର ଗ୍ରାମରେ ୧୯୫୦ ମସିହାରେ ଏପ୍ରିଲ ୨୫ ତାରିଖ । ତାଙ୍କର ପିତା ଥିଲେ କଳ୍ପତରୁ ଦ୍ୱିବେଦୀ ଓ ମାତା ଶ୍ରୀମତୀ ଦେବୀ । ଗାଁରୁ ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ ସୁଧାକର । ହିନ୍ଦୀ ସାହିତ୍ୟ ପ୍ରତି ଅତ୍ୟଧିକ ଆସକ୍ତି ଯୋଗୁଁ ସେ ବି.ଏ ପାଶ୍ କରିବା ସହ ହିନ୍ଦୀରେ ଡିଗ୍ରୀ ହାସଲ କରି ଏରସମା ବ୍ଲକସ୍ଥ ପତିତପାବନ ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ରୂପେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ସେଠାରେ ହିଁ ତାଙ୍କର ସୃଜନଶୀଳ ପ୍ରତିଭାର ଉନ୍ମେଷ ହୋଇଥିଲା । ବାଲ୍ୟକାଳରୁ ନାଟକ ଲେଖା ପ୍ରତି ତାଙ୍କର ଅନୁରକ୍ତି ଥିଲା । ବିଦ୍ୟାଳୟର ଶାନ୍ତ, ସୁସ୍ଥ ଓ ରମଣୀୟ ପରିବେଶ ଏବଂ ନିଜର ଅଦମ୍ୟ ଉତ୍ସାହ ଓ ଦୃଢ ଇଚ୍ଛାଶକ୍ତି ସୁଧାକରଙ୍କୁ ନାଟକ ଲେଖିବାକୁ ଅନୁପ୍ରାଣିତ କରିଥିଲା । ଶେଷରେ ତାଙ୍କ ଅଭିଳାଷ ପୂରଣ ହେଲା ଓ ତାଙ୍କ ରଚିତ ପ୍ରଥମ ନାଟକ 'ଗୃହଲକ୍ଷ୍ମୀ' ଆତ୍ମପ୍ରକାଶ କଲା । ତାପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ । ସୁଧାକର ଦ୍ୱିବେଦୀ ନାଟକ ଲେଖିବା ଆରମ୍ଭ କଲାବେଳକୁ ନବକୁମାର ସାହୁ, ରଘୁନାଥ ପଣ୍ଡା, ବୀର କିଶୋର ଦାସ, ଗନ୍ଧର୍ବରାଜ ପରିଡା, ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ଆହୁରି ଅନେକ ପ୍ରତିଷ୍ଠିତ ନାଟ୍ୟକାର ଭାବେ ମାନ୍ୟତା ପାଇ ସାରିଥିଲେ । ମାତ୍ର ସେମାନଙ୍କ ଲେଖାରେ ମୌଳିକତା ନଥିଲା । ବଙ୍ଗଳା, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାର ନାଟକକୁ ଅନୁବାଦ କରି ସେମାନେ ନିଜର ନାଟକ ରଚନା କରୁଥିଲେ । ଠିକ୍ ସେତିକିବେଳେ ସୁଧାକର ଦ୍ୱିବେଦୀ ସଦର୍ପେ ପାଦ ଦେଲେ ନାଟକ ରଚନା କ୍ଷେତ୍ରରେ । ଓଡିଶାର ଜନଜୀବନ କଥାକୁ ସାଉଁଟି ଆଣି ତାହାକୁ ନାଟକର ରୂପ ଦେଲେ 'ଗୃହଲକ୍ଷ୍ମୀ' ନାଟକରେ । ପାରିବାରିକ ପୃଷ୍ଠଭୂମି ଉପରେ ଆଧାରିତ ଏହି ନାଟକ ନାରୀ ଚରିତ୍ରର ସ୍ୱାର୍ଥ, ତ୍ୟାଗ ଓ ମହନୀୟତା ଉପରେ ପର୍ଯ୍ୟବେଶିତ ଥିଲା । ବଳିଷ୍ଠ କାହାଣୀ, ଉଚ୍ଚକୋଟୀର ସଂଳାପ ଓ ନାଟକୀୟ ଉତ୍କଣ୍ଠା ଏଥିରେ ଭରି ରହିଥିଲା । ଗୃହଲକ୍ଷ୍ମୀ ନାଟକ ମଞ୍ଚସ୍ଥ କରି ସେତେବେଳର ନାମୀ ଯାତ୍ରାଦଳ ଉତ୍ତରକୂଳ ଅପେରା ରାତାରାତି ବହୁ ଚର୍ଚ୍ଚିତ ହୋଇପାରିଥିଲା । ଆଉ ଏଥି ସହିତ ସୁଧାକର ଦ୍ୱିବେଦୀ ବି ସମସାମୟିକ ନାଟ୍ୟକାରମାନଙ୍କ ସହ ସମକକ୍ଷ ହୋଇପାରିଥିଲେ । ସ୍ରଷ୍ଟା ତାର ସୃଷ୍ଟିକୁ ଦେଖି ଆତ୍ମବିଭୋର ହୁଏ । ଯୁବସୁଲଭ ମନ, ପ୍ରତିବଦ୍ଧତା ଓ ଦୃଢ ଇଚ୍ଛାଶକ୍ତି ସୁଧାକରଙ୍କୁ ଗୋଟିଏ ପରେ ଗୋଟିଏ ନାଟକ ଲେଖିବାକୁ ପ୍ରେରଣା ଯୋଗାଇଲା । ଏହାପରେ ସେ ଲେଖିଚାଲିଲେ ଶଙ୍ଖା ଶାଢୀ ସିନ୍ଦୂର, ଅନ୍ଧମୁନି ଅଭିଶାପ, ପ୍ରେମ ସମାଧିରେ ବିବାହ ବେଦୀ, ଅଭିଶପ୍ତ ଚମ୍ପକ, ଶପଥ ନୁହେଁ କଳଙ୍କ, ରଘୁ ଅରକ୍ଷିତ, ମହାସତୀ ପାର୍ବତୀ ଓ ବିପ୍ଳବୀର ଅପମୃତ୍ୟୁ ପରି ଅନେକ କାଳଜୟୀ ନାଟକ । ଏସବୁ ନାଟକ ଥିଲା ସେ ସମୟର ନାଟ୍ୟ ଜଗତର ଗୋଟିଏ ଗୋଟିଏ ସଫଳ ଓ ନାଁକରା ନାଟକ । ସବୁଥିରେ ଥିଲା ଉତ୍କଳୀୟ ପଲ୍ଲୀ ଜୀବନର କଥା ଓ ମାଟି ପାଣି ପବନର ଛିଟା ଏହି ନାଟକ ଗୁଡିକ ଜଗତସିଂହପୁରର ପ୍ରଖ୍ୟାତ ଯାତ୍ରାଦଳ ପାର୍ବତୀ, ତାରପୁର, ବେଣୀରାମପୁର ଓ ଉତ୍ତରକୂଳ ଦ୍ୱାରା ବହୁବାର ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇପାରିଥିଲା । ତନ୍ମଧ୍ୟରୁ ପାର୍ବତୀ ଗଣନାଟ୍ୟ ଦ୍ୱାରା ମଞ୍ଚସ୍ଥ ନାଟକ 'ଚମ୍ପକ ଡାକୁ' ତାରପୁର ଅପେରା ଦ୍ୱାରା ମଞ୍ଚସ୍ଥ 'ରଘୁ ଅରକ୍ଷିତ' ବେଣୀରାମପୁର ଅପେରା ଦ୍ୱାରା ମଞ୍ଚସ୍ଥ 'ଶପଥ ନୁହେଁ କଳଙ୍କ' ଓ ଉତ୍ତରକୂଳ ଅପେରା ଦ୍ୱାରା ମଞ୍ଚସ୍ଥ 'ଗୃହଲକ୍ଷ୍ମୀ' ଓ ଅନ୍ୟାନ୍ୟ ନାଟକ ସୁଧାକର ଦ୍ୱିବେଦୀଙ୍କୁ ନାଟ୍ୟକାର ଭାବେ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥିଲା ସମଗ୍ର ଓଡିଶାରେ । ଏଭଳି ଜଣେ ପ୍ରତିଭାଦୀପ୍ତ ନାଟ୍ୟକାରଙ୍କର ଜୀବନଦୀପ ନିର୍ବାପିତ ହେଲା ୧୯୮୨ ମସିହା ଜୁନ୍ ୨୦ ତାରିଖରେ । ତାଙ୍କର ଅକାଳ ବିୟୋଗରେ ଯାତ୍ରା ଜଗତର ଅପୂରଣୀୟ କ୍ଷତି ଘଟିଲା । ତାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା । ନାଟ୍ୟକାର ସୁଧାକର ଦ୍ୱିବେଦୀ ଓଡିଶା ଇତିହାସରେ ଯେଉଁ ସ୍ଥାନ ପାଇବା କଥା ତାହା ଏପର୍ଯ୍ୟନ୍ତ ପାଇ ନାହାନ୍ତି । ଏହି ନାଟ୍ୟକାରଙ୍କ ସ୍ମୃତି ପାଇଁ ସରକାରୀ ସ୍ତରରେ ସେଭଳି କିଛି ପଦକ୍ଷେପ ନିଆଯାଇନାହିଁ । କେବଳ ତାଙ୍କ ଗାଁରେ ଗଢାଯାଇଥିବା ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତିପରିଷଦ ତାଙ୍କ ପରିବାର ସହାୟତାରେ ପ୍ରତିବର୍ଷ ତାଙ୍କ ଜନ୍ମ ମାଟିରେ ତିଆରି ହୋଇଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ସ୍ମୃତି ଚାରଣ କରାଯାଇଥାଏ । ପ୍ରତିମୂର୍ତ୍ତି ହେଉଛି ପୂଜ୍ୟପୂଜାର ଏକ ପ୍ରତୀକ । ପୂର୍ବପୁରୁଷଙ୍କୁ ମନେ ପକାଇବାପାଇଁ ଏହା ଏକ ମାଧ୍ୟମ । ଏହିଭଳି ଜଣେ ଯୋଗଜନ୍ମା ନାଟ୍ୟକାରଙ୍କ ସୁଯୋଗ୍ୟ ଦାୟାଦ ଭାବରେ ଆମର କ'ଣ କିଛି କର୍ତ୍ତବ୍ୟ ବୋଧ ନାହିଁ । ଏମିତି ଜଣେ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅଲୋଡା ହୋଇରହିଛନ୍ତି । ତାଙ୍କୁ ରାଜ୍ୟସ୍ତରରେ ପରିଚୟ ଦେବା ଆମର ଦାୟିତ୍ୱ । ଏଦିଗରେ ଓଡିଶା ସରକାର ବିଧିବଦ୍ଧ ପଦକ୍ଷେପ ନେଲେ ତାଙ୍କର କୃତି ଓ କୀର୍ତ୍ତି ରାଜ୍ୟସ୍ତରରେ ପହଞ୍ଚିପାରନ୍ତା । ନିକଟରେ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ଓ ବିଶିଷ୍ଟ ଓଡିଶୀ କଣ୍ଠଶିଳ୍ପୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବକୁ ପାଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଅନେକ ଅଭୁଲା ସ୍ମୃତିକୁ ସାଉଁଟି ପୂଜ୍ୟପୂଜାକୁ ସମ୍ମାନ ଦେଉଥିବା ସଂସ୍କୃତି ବିଭାଗ ଓଡିଶା, ସାହିତ୍ୟ ଏକାଡେମୀ, ଓଡିଶା ସଂଗୀତ ଏକାଡେମୀ ବିଶେଷକରି ରାଜ୍ୟ ସରକାର ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବକୁ ବିଧିବଦ୍ଧ ଭାବେ ପାଳନ କରିବାକୁ କେବେ ନିଷ୍ପତ୍ତି ନେବେ ତାହାକୁ ଜିଲ୍ଲାବାସୀ ଅପେକ୍ଷା କରିଛନ୍ତି !

ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୩୩୭୨୨୧୯୨୪

ଜପଯୋଗ ସାଧନା

॥ ପୁଷ୍ପମିତ୍ର ମହାପାତ୍ର ॥

ଅନ୍ୟାନ୍ୟ ଯୋଗରେ ଯେମିତି ଈଶ୍ୱର ସାକ୍ଷାତକାର, ଆନନ୍ଦମୟ ଜୀବନ ଏବଂ ଅମୃତତ୍ୱ ଲାଭ ହୁଏ, ଜପଯୋଗରେ ମଧ୍ୟ ସେ ସବୁ ଲାଭ ହୁଏ । ଜପ ହେଉଛି ଅତ୍ୟନ୍ତ ପ୍ରଭାବଶାଳୀ ସାଧନା । ରାଜଯୋଗରେ ଯେପରି ଆପଣ ଇନ୍ଦ୍ରିୟର ଦାସ ନହୋଇ ମନ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିପାରିବେ, ଜପଯୋଗରେ ମଧ୍ୟ ସେସବୁକୁ ନିୟନ୍ତ୍ରଣରେ ରଖିପାରିବେ । ଜପଦ୍ୱାରା ସଂକଳ୍ପ ଶକ୍ତି ବୃଦ୍ଧି ପାଇଥାଏ । ଶ୍ୱାସ ପ୍ରଶ୍ୱାସର ସଂଖ୍ୟା କମିଯାଇ ଆୟୁବୃଦ୍ଧି ହୋଇଥାଏ । ଜପଯୋଗରେ ସିଦ୍ଧିଲାଭ କରିବାକୁ ହେଲେ ଆପଣଙ୍କୁ ସର୍ବନିମ୍ନ କେତୋଟି ଅନୁଶାସନ ମାନି ଚଳିବାକୁ ପଡ଼ିବ । ଏ ସମ୍ପର୍କରେ ମହାଯୋଗୀ ଶିବାନନ୍ଦଙ୍କ ପରାମର୍ଶ ନିମ୍ନରେ ପ୍ରଦତ୍ତ ହେଲା ।

ଜପର ପ୍ରକୃଷ୍ଟ ସମୟ ହେଉଛି – ସକାଳ ବ୍ରାହ୍ମମୁହୂର୍ତ୍ତ ଏବଂ ସୂର୍ଯ୍ୟାସ୍ତ ସମୟ । ଏହି ସମୟରେ ସର୍ବତ୍ର ସତ୍ତ୍ୱଗୁଣର ପ୍ରାଧାନ୍ୟ ଥାଏ । ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ, ନିୟମିତ ଆସନରେ ବସି ଜପ କରିବା ଲାଭପ୍ରଦ । ବନ୍ଦ କୋଠରିରେ ବସି ଜପ କଲାବେଳେ କେହି ଯେମିତି ଆପଣଙ୍କ ସାଧନାରେ ବ୍ୟାଘାତ ସୃଷ୍ଟି ନକରନ୍ତି, ସେ କଥା ପରିବାର ଲୋକଙ୍କୁ କହିଦେବା ଉଚିତ । ସୁଖ ଆସନରେ ବସିଲେ ମନ ସ୍ଥିର ରହେ । ଏହା ରଜୋଗୁଣକୁ ନିୟନ୍ତ୍ରଣ କରେ । ଜପ ସରିବା ପର୍ଯ୍ୟନ୍ତ ପୁରା ସମୟ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥିର ଆସନରେ ମେରୁଦଣ୍ଡ ସିଧା ରଖି ବସି ରହନ୍ତୁ । ଆଦୌ ହଲଚଲ ହୁଅନ୍ତୁ ନାହିଁ । ଉତ୍ତର କିମ୍ବା ପୂର୍ବାଭିମୁଖୀ ହୋଇ ବସି ଜପ କରନ୍ତୁ । ଏହାଦ୍ୱାରା ଜପ ଉପରେ ସେ ଦିଗର ସୂକ୍ଷ୍ମ ପ୍ରଭାବ ପଡ଼େ ଏବଂ ଜପ ଅଧିକ ଶକ୍ତିଶାଳୀ ହୁଏ । ଜପ କଲାବେଳେ ଉପଯୁକ୍ତ ଆସନରେ ବସିଲେ ଶକ୍ତି କ୍ଷୟ ହୁଏନାହିଁ । ଆସନ ରୂପେ କୁଶାସନ, କମ୍ବଳ କିମ୍ବା ମୃଗଚର୍ମ ବ୍ୟବହାର କରିବା ଉଚିତ । କୁଶ ଚଟେଇ, ମୃଗଚର୍ମ ଓ ଶୁଭ୍ର ବସ୍ତ୍ର କ୍ରମଶଃ ଗୋଟିକ ଉପରେ ଅନ୍ୟଟି ପକାଇ ଆସନ ପ୍ରସ୍ତୁତ କରନ୍ତୁ । ଜପ ହେଉ କିମ୍ବା ଅନ୍ୟ କୌଣସି ଆଧ୍ୟାତ୍ମିକ ସାଧନା ହେଉ ଈଶ୍ୱରଙ୍କ କୃପା ଏକାନ୍ତ ଆବଶ୍ୟକ । ଏହା ବିନା ଉଚ୍ଛୃଙ୍ଖଳ ମନକୁ ସଂଯତ କରିବା ଅସମ୍ଭବ ହୋଇଯାଏ । ତେଣୁ ଉପଯୁକ୍ତ ସ୍ତୋତ୍ର ବା ପ୍ରାର୍ଥନା ଦ୍ୱାରା ଇଷ୍ଟଦେବଙ୍କୁ ଆବାହନ କରି ଜପରେ ବସିବା ବିଧେୟ । ଜପ କରିବା ସମୟରେ ମନ୍ତ୍ରଟି ସ୍ପଷ୍ଟ ରୂପେ ଠିକ ଠିକ ଉଚ୍ଚାରଣ କରନ୍ତୁ । ଯଦି ଉଚ୍ଚାରଣ ସ୍ପଷ୍ଟ ଓ ନିର୍ଭୁଲ ହୁଏ, ତେବେ ମନ୍ତ୍ରଶକ୍ତି ଶୀଘ୍ର ଜାଗ୍ରତ ହୁଏ । ମନ ସହଜରେ ଏକାଗ୍ର ଏବଂ ସମୁନ୍ନତ ହୁଏ । ଜପ ପାଇଁ ଗାୟତ୍ରୀ ମନ୍ତ୍ର ସର୍ବୋତ୍କୃଷ୍ଟ । ଜପ ସମୟରେ ସତର୍କତା ଓ ସାବଧାନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୁଁ ଆଜି ଦାମାଳା ଜପ କରିବି ଏବଂ ସେତିକି ମାଳା ଜପ କରି ନସାରିବା ପର୍ଯ୍ୟନ୍ତ ଆସନରୁ ଉଠନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କର ସଂକଳ୍ପ ଶକ୍ତି ବଢ଼ିବ । ମନ ଉପରେ ମଧ୍ୟ ନିୟନ୍ତ୍ରଣ ଆସିଯିବ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆବଶ୍ୟକ ସଂଖ୍ୟକ ଜପ ନସାରିବା ପର୍ଯ୍ୟନ୍ତ ସାଧନା ଭଙ୍ଗ କରନ୍ତୁ ନାହିଁ । ବୈଷୟିକ ଚିନ୍ତା କରିବା, ଭବିଷ୍ୟତ ଯୋଜନା କରିବା ପ୍ରଭୃତି ହେଉଛି ସାଧନାଭଙ୍ଗ । ଯଦି ଦୁଇମାଳା ଜପ କରିବା ପରେ କୌଣସି ତ୍ରୁଟି ହୋଇଯାଏ ତେବେ ସେଇ ଦୁଇମାଳାକୁ ନିଜର ଜପ ସଂଖ୍ୟାରେ ଗଣନ୍ତୁ ନାହିଁ । ଆପଣଙ୍କୁ ପୁଣି ଥରେ ଜପ ଆରମ୍ଭ କରିବାକୁ ହେବ ଓ ଦଶମାଳା ପର୍ଯ୍ୟନ୍ତ ଜପ କରିବାକୁ ପଡ଼ିବ । ଜପ କରିବାର କିଛି ସମୟ ପରେ ଯଦି ମନ ଥକିଯାଏ, ଆପଣଙ୍କ ଅଜ୍ଞାତସାରରେ ଏଣେତେଣେ ବୁଲିବାକୁ ଲାଗେ, ଆପଣ ନିଦ୍ରାଭିଭୂତ ହୋଇଯାଆନ୍ତି, ତେବେ ସାଧନା ଭଙ୍ଗ ହେବ । ଏପରି ଅବସ୍ଥା ଆସିବାକୁ ଦିଅନ୍ତୁ ନାହିଁ । ସେଭଳି ଉନ୍ନତ ସାଧକ ନହେବା ପର୍ଯ୍ୟନ୍ତ ବିନା ମାଳାରେ ଜପ କରନ୍ତୁ ନାହିଁ । ମାଳାର ବ୍ୟବହାର ସତର୍କ ରହିବାରେ ସାହାଯ୍ୟ କରେ ଏବଂ ସେଥିରୁ ସତତ ଜପ ଚାଲୁ ରଖିବାକୁ ପ୍ରେରଣା ମିଳେ । ଜପ ବିଭିନ୍ନ ପ୍ରକାରର ଅଛି । ସେଥିମଧ୍ୟରୁ ମାନସିକ ଜପ ସବୁଠାରୁ ଅଧିକ ଶକ୍ତିଶାଳୀ । ଏହା ମନରେ କୁପ୍ରବୃତ୍ତିଗୁଡ଼ିକୁ ତତ୍‌କ୍ଷଣାତ ନିଷ୍କ୍ରିୟ କରିଦିଏ ଓ ମନକୁ ଶୁଦ୍ଧ କରିହୁଏ ।

ଜପ କରିବା ସଙ୍ଗେ ସଙ୍ଗେ ଧ୍ୟାନ କରନ୍ତୁ ଯେ, ଭଗବାନ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ଅଛନ୍ତି । ପ୍ରଭୁଙ୍କର ମନୋହର ମୂର୍ତ୍ତିର ମାନସିକ ଚିତ୍ରଣ କରନ୍ତୁ । ଏହି ଅଭ୍ୟାସ ଦ୍ୱାରା ଆପଣଙ୍କ ସାଧନାକୁ ବିଶେଷ ଶକ୍ତି ମିଳିବ । ଏହି ଅଭ୍ୟାସ ଫଳରେ ମନ ଈଶ୍ୱରଙ୍କ ରୂପରେ ସ୍ଥିର ହୋଇଯାଏ ଏବଂ ଇନ୍ଦ୍ରିୟଭୋଗ୍ୟ ବିଷୟ ଆଡ଼କୁ ଦୌଡ଼ିବାକୁ ସୁଯୋଗ ପାଏନାହିଁ । ଈଶ୍ୱରଙ୍କ ଉପସ୍ଥିତି ରୂପୀ ଆନନ୍ଦ ପାଖରେ ଇନ୍ଦ୍ରିୟ ସୁଖ କଣ କୁଟାଖଣ୍ଡେ ପରି ତୁଚ୍ଛ ନୁହେଁ ? ଜପ ସମାପ୍ତ ହେବା ସଙ୍ଗେ ସଙ୍ଗେ ଆସନରୁ ଉଠି ପଡ଼ନ୍ତୁ ନାହିଁ କିମ୍ବା ସମସ୍ତଙ୍କ ସହିତ ମିଶନ୍ତୁ ନାହିଁ । ସାଂସାରିକ କାର୍ଯ୍ୟକଳାପରେ ଜଡ଼ିତ ହୋଇଯାଆନ୍ତୁ ନାହିଁ । ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଶାନ୍ତି ପୂର୍ବକ ବସି ରହନ୍ତୁ । ଈଶ୍ୱର୍ଙ୍କୁ ଗୁଣ୍ଣ ଗୁଣ୍ଣ ହୋଇ ପ୍ରାର୍ଥନା କରନ୍ତୁ । ତାଙ୍କର ଅସୀମଗୁଣ ଏବଂ ପ୍ରେମ ବିଷୟରେ ଚିନ୍ତା କରନ୍ତୁ । ତା ପରେ ଭକ୍ତିପୂର୍ଣ୍ଣ ସାଷ୍ଟାଙ୍ଗ ପ୍ରଣାମ କରି ସ୍ଥାନ ତ୍ୟାଗ କରନ୍ତୁ ଏବଂ ନିଜର ଦୈନନ୍ଦିନ କର୍ମ ଆରମ୍ଭ କରନ୍ତୁ । ଏହାଦ୍ୱାରା ଆପଣଙ୍କ ଶରୀରରେ ଆଧ୍ୟାତ୍ମିକ ସ୍ପନ୍ଦନ ଠିକ ରହିବ । ଜପ ଯୋଗ ସାଧନା ସମୟରେ ଆପଣ ଅଶ୍ଳୀଳ ବା କଠୋର ବାକ୍ୟ କହିବା ଉଚିତ ନୁହେଁ । ଆପଣଙ୍କ ଖାଦ୍ୟ ସାତ୍ତ୍ୱିକ ହେବା ଆବଶ୍ୟକ ଏବଂ ଆପଣ ସାଧାରଣ ପୋଷାକ ପରିଧାନ କରିବା ଉଚିତ । ସିନେମା, ଟିଭି ଏସବୁ ଦେଖିବା ଠିକ ନୁହେଁ । ନିଜ ମନକୁ ସର୍ବଦା ଈଶ୍ୱରଙ୍କ ରୂପରେ ସଂଲଗ୍ନ କରି ରଖିବା ଉଚିତ । ଯେ କୌଣସି ରୂପ ଦେଖୁଛନ୍ତି ସେଥିରେ ଈଶ୍ୱରଙ୍କୁ ଦର୍ଶନ କରିବା ଉଚିତ । ଆପଣ ସର୍ବଦା ଗୁଣ୍ଣଗୁଣ୍ଣ ହୋଇ ଗାଇବା ଉଚିତ - 'ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବାଃ, ଭଦ୍ରଂ ପଶ୍ୟେମାକ୍ଷଭିର୍ୟଜତ୍ରାଃ । ସ୍ଥିରୈ ରଙ୍ଗୈ ସ୍ତୁଷ୍ଟୁବାଂ ସସ୍ତନୂଭି, ର୍ବ୍ୟଶେମ ଦେବହିତଂ ଯଦାୟୁଃ । ଓଁ ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ !

ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ଦୂରଭାଷ:୯୪୩୭୨୨୫୬୮୯

ମଂନ ଶନି ଆତଙ୍କ

॥ ଅଜୟ କୁମାର ବେହେରା ॥

କର୍କ, ମୀନ, ମୃଷାସ୍ତୁ ଶନିର୍ଭୌମୌ ଯଦା ସ୍ଥିତୌ, ତଦା ଯୁଦ୍ଧାକୁଳା, ପୃଥ୍ୱ ଧନ ଧାନ୍ୟ ବିବର୍ଜିତା । ମିଥୁନେ ବା ଧନୁମାନେ ରାଶୌମନ୍ଦଃ ସମାଶ୍ରିତଃ, ତଦା ଭୂପା ବିନିଶ୍ୟନ୍ତ ପୃଥ୍ୱୀ ଶୋଣିତ ପୂରିତା । ଗୁରୁକ୍ଷେତ୍ରେ ଶନୌ ରାହୌ ସ୍ୱଛଇଷ୍ଟ ତୃଣକ୍ଷୟଂ । ବର୍ତ୍ତମାନ ତା ୨୯.୦୩.୨୦୨୫ରୁ ଶନି ମୀନ ରାଶିକୁ ଆସିଲେ ଏ ତା୩.୬.୨୦୨୭ ଯାଏ ବୃହସ୍ପତିଙ୍କ କ୍ଷେତ୍ର ଧନୁ-ମୀନ ମଧ୍ୟରୁ ମୀନ ରାଶିରେ ଗମନ କରିବେ ଏ ମଧ୍ୟରେ ଉଦୟ ଅସ୍ତ ବକ୍ରୀ ମାର୍ଗୀ ଗ୍ରହଯୁକ୍ତ ସମାଗମ ପରି ଅବସ୍ଥାରେ ରହିବେ । ପ୍ରତି ମାସରେ ଚନ୍ଦ୍ର ପକ୍ଷ ତି୨/୬ ଘ[ା] ଏହାଙ୍କ ଉପରେ ଗତି କରିବେ ଓ ରବି ଏହାଙ୍କ ଉପରେ ମୀନ ମାସରେ ରହି ଶନି ଅସ୍ତ କରିବା ଓ ଉଦୟ କରିବା ବେଳେ ଶନିର ମୌଳିକ ଗୁଣାବଳୀକୁ ରବି କର୍କଟରୁ ବିଛା ମାସ ଯାଏ ଜୁଲାଇରୁ ନଭେମ୍ବର ମଧ୍ୟରେ ଶନିଙ୍କୁ ବକ୍ରୀ କରାଇବେ । ଗ୍ରହ ବକ୍ରୀ ଅର୍ଥ ଗ୍ରହ ପୃଥିବୀର ନିକଟବର୍ତ୍ତୀ ହେବା । ପ୍ରତିମାସରେ ରବି ଯେଉଁଠି ଏକମାସ ଧରି ଯେଉଁ ରାଶିରେ ସଂକ୍ରାନ୍ତିରୁ ଆଗ ସଂକ୍ରାନ୍ତି ଯାଏ ରହନ୍ତି ସେ ରବି ସଂକ୍ରମଣ ରାଶିରୁ ୧୮୦ ଅଂଶ ବା ୬ ରାଶି ପର ରାଶିରେ ପୃଥିବୀ ଥାନ୍ତି । ପୃଥିବୀର ନିକଟରେ ପାପଗ୍ରହ ଅନେକ କ୍ଷତି ପ୍ରାକୃତିକ ପରିବେଶରେ ଶାସନ ବ୍ୟବସ୍ଥା ଓ ଜନମାନସରେ ଛେଦ ଭେଦ ଯୁଦ୍ଧାଦି ଭାବ ଉଦ୍ରେକ କରିଥାନ୍ତି ସେହିପରି ରବି ସହିତ ଗ୍ରହ ଅଛନ୍ତି ମାନେ ଗ୍ରହଟି ପୃଥିବୀ ଠାରୁ ବହୁ ଦୂରରେ ରବିର ଟାଣିତ ଶକ୍ତି ଉତ୍ ଗ୍ରହର ଟାଣିତ ଶକ୍ତି ଏକ ଯୋଡ଼ି ହୋଇ ପୃଥିବୀକୁ ଟାଣିଲେ ପୃଥିବୀ ଉପରେ ଏପରି ଅନେକ ପ୍ରାକୃତିକ ସ୍ଥିର ପରିସ୍ଥିତି ବହୁ ପ୍ରକାରରେ ବାଧାପାଏ । ପୃଥିବୀରେ ବଦଳୁଥିବା ଋତୁଚକ୍ରର ସ୍ଥିର ନିୟମରେ ଗୁରୁତର ପରିବର୍ତ୍ତନ ହୁଏ । ଶାସନ କ୍ଷେତ୍ରରେ ବୈପର୍ତ୍ତ୍ୱିକ ପରିବର୍ତ୍ତନ, ବନ୍ଧୁ ବାନ୍ଧବରେ ମନାନ୍ତର ମତାନ୍ତର ଲୋକଙ୍କର ରୋଜିରୁଟିରେ ବାଧା । ଭାଇଚାରାନଷ୍ଟ, ଖାଲି ମତଭେଦ ଏ ମଧ୍ୟରେ ସ୍ଥିର ନିୟମ ମାନ ହଠାତ୍ ପରିବର୍ତ୍ତନ ହୁଏ । ବୈଜ୍ଞାନିକ ନିଉଟନଙ୍କ ଫାଷ୍ଟ ଲଅ । ପ୍ରଥମ 'ଲ'ର କାର୍ଯ୍ୟ କରିବା ବୁଝାପଡ଼େ ।

ପାପଗ୍ରହ କହିଲେ ରବି, ମଙ୍ଗଳ, ଶନି, ରାହୁ ଓ କେତୁଙ୍କୁ ବୁଝାଏ । ଏମାନେ ଅଗ୍ନିଜ ଗ୍ରହ ଯୋଗୁ ଯେଉଁ ରାଶିରୁ ଆସିଥାନ୍ତି ତାକୁ ପୋଡ଼ି ଦେଇ ପାଉଁଶ କରି । ଯେଉଁଠି ରହିଲେ ତାକୁ ଜାଳିବାରେ ଲିପ୍ତ ରହି ପୁଣି ଆଗ ରାଶିକୁ ଧୂମମୟ କରିଥାନ୍ତି । ଅର୍ଥାତ୍ ରାଶି ସମ୍ବନ୍ଧ ୩୦ଅଂଶ ହେଲେ ଗ୍ରହମାନେ ୯୦ ଅଂଶ ଏକକରେ ଏପରି ଲୀଳାରେ ରହନ୍ତି । ପକ୍ଷାନ୍ତରରେ ୧ ନକ୍ଷତ୍ର ୧୩ ଅଂଶ ୨୦ କଳା ଏପରି ୩ ନକ୍ଷତ୍ର ୪ ଅଂଶ ରାଶିଚକ୍ର ୩୬୦ ଅଂଶ ଯୋଗୁ ୯ଭାଗ ବା ନଖଣ୍ଡ ୪୦ ଅଂଶରେ ୩ ନକ୍ଷତ୍ର କ୍ରମରେ ରହିଛନ୍ତି । ରାହୁ, କେତୁ ଓଲଟ ଭ୍ରମଣକାରୀ ଗ୍ରହ ବାମରୁ ଡାହାଣକୁ ଆସନ୍ତି ଅନ୍ୟ ସବୁ ଗ୍ରହ ଡାହାଣରୁ ବାମକୁ ଗତି କରନ୍ତି । ଗ୍ରହ ବକ୍ରଗତି କଲେ ପୃଥିବୀର ସନ୍ନିକଟ ହେଲେ ଏପରି ଗ୍ରହ ବକ୍ରୀ ହୁଅନ୍ତି ଓ ବାମରୁ ଡାହାଣକୁ ଆସନ୍ତି । ମୀନ ରାଶିକୁ ରାହୁ ତା୩୦.୧୦.୨୦୨୩ ରିଖରୁ ମେଷ ରାଶିରୁ ଆସିଲେ ତା୧୬.୩.୨୦୨୫ ଦିନ ରାହୁ ପୂର୍ବାଭାଦ୍ରପଦ ୨୫ ନକ୍ଷତ୍ର ମୀନ ରାଶିରେ ପ୍ରବେଶ କଲେ । ମୀନରେ ଦୁଇଟି ମାଛ ପରସ୍ପର ବିପରୀତ ଦିଗକୁ ମୁଖ କରି ଅଛନ୍ତି । ମାଛ ପୋଖରୀ ଗୋଳିଳେବା ଗୋଳାଇଲେ ଯେପରି ନିରୀହ ମାଛ ବଉଳନ୍ତି; ସେମାନେ ମୀନରେ ଶନି ରାହୁ ଦୁଇଟି ବିଚରଣଶୀଳ ଶାନ୍ତ ପରିବେଶ ମାଛ ଦୁଇଟି ପ୍ରାଣ ବଂଚାଇବାକୁ ଉଦ୍ୟମ ଆତଙ୍କ କରିଦେଲେ । ପାକିସ୍ଥାନର ପ୍ରେରିତ ବ୍ୟକ୍ତି ପହଲଗାଁ ପ୍ରଥମ ଗ୍ରାମରେ କାଶ୍ମୀର ପରିବ୍ରାଜକ ତୀର୍ଥଯାତ୍ରୀ ବା ଟୁରିଷ୍ଟଙ୍କୁ ତାଙ୍କର ଆଚରିତ ଧର୍ମୀୟ ଭାବନାକୁ ଆଘାତ ଦେଲାଭଳି ପ୍ରଶ୍ନ ପଚାରି ତାଙ୍କର ଇପସିତ ଉତ୍ତର ପାଇବାରୁ ଖୋଜି ଖୋଜି ପୁରୁଷ ମାନଙ୍କୁ ତାଙ୍କ ସ୍ତ୍ରୀ ପିଲା ଆଗରେ ଗୁଳି କରି ମାରିଦେଲେ । ଏ ଘଟଣା ପୂର୍ବ ଭଦ୍ରପଦ ୨୫ ନକ୍ଷତ୍ରରେ ମୀନାଂଶରେ ହିଁ ଘଟିଛି ।

ଏଥିରୁ ଆରମ୍ଭ ସ୍ଥାନୀୟ ଲୋକଙ୍କ ବୃତ୍ତିଭିକ୍ଷା ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଅବିଶ୍ୱାସ ସୀମା ଲଙ୍ଘନ ଆକ୍ରମଣ ଜଳ ପ୍ରବାହ ରୋଧ, ଅଗ୍ନି ବର୍ଷଣ, ରାଜଶକ୍ତି ମଧ୍ୟରେ ବିଚ୍ଛେଦ ଏ ପାଇଁ ମୌସମ ଫଳ ଆମ୍ବ ଉପରେ ଆମେରିକାରୁ ଭାରତ ଆମ୍ବ ଫେରସ୍ତ । ଯୁଦ୍ଧ ଅସ୍ତ୍ର ଚାହିଦା ବୃଦ୍ଧି ଭାରତର ସୀମାନ୍ତ ରାଜ୍ୟରେ ଜନଜୀବନ ଅସ୍ତବ୍ୟସ୍ତ । ଓଡ଼ିଶାରେ ଶ୍ରୀଜଗନ୍ନାଥଙ୍କ ଧାମର ପ୍ରାଚୀନ ପରମ୍ପରାକୁ ନକଲ କରି ପଶ୍ଚିମବଙ୍ଗ ଦୀଘାରେ ଜଗନ୍ନାଥ ଭବ୍ୟ ମନ୍ଦିର ନିର୍ମାଣ କରି ଧାମ ଘୋଷଣା ଏଥିରେ ଧାର୍ମିକ ଜନତାଙ୍କର ମନରେ ଭ୍ରାନ୍ତି ଭରିଦିଆ ଗଲାଣି । ଜଗନ୍ନାଥଙ୍କର ବିଗତ ନବକଳେବରର ଦାରୁ ନେଇ ବିବାଦ, ଦଇତା ସମ୍ପ୍ରଦାୟରେ ଅନେକ ଅନ୍ତଃ ବିଦ୍ରୋହ କୁହୁଳୁଛି । ଶ୍ରୀ ମହାପ୍ରସାଦକୁ ବି ଏଥିରେ ଆଖିଠାର, ରଥଯାତ୍ରାର ଅନୁକରଣ । ସତେ ବୁଝାପଡୁଛି ପ୍ରାଚୀନ ଐତିହ୍ୟ ଦେବ ମହିମା ଏକ ଦୀର୍ଘ ସମୟ ଧାର୍ମିକ ସନ୍ନିଧାନକୁ ଏବେ ମନୋଜ୍ଞଭାବରେ ବଦଳା ଯାଉଛି । କିଛି ଦିନ ତଳେ ଇସକନ ତରଫରୁ ସାଗର ତଟରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ପ୍ରସଙ୍ଗ ଉଠାପିତ ଶ୍ରୀକ୍ଷେତ୍ରରେ ହୋଇଥିଲା । ଏଥିରେ ଧର୍ମୀୟବାଧା ଉପୁଜି ତାହା ସ୍ଥଗିତ ହୋଇଥିଲା । ଏହା ଯେ ଏକ ଭ୍ରମ ଦିଗକୁ ଯିବ କେହି ଭାବି ନଥିଲେ, ଏହି ବଙ୍ଗ ପ୍ରବେଶର ଦୀଘା ଜଗନ୍ନାଥ ମନ୍ଦିର ପରଦା ଅନ୍ତରାଳରେ ଇସକନ କର୍ତ୍ତୃପକ୍ଷଙ୍କର ଏକ ପ୍ରକାର କାର୍ଯ୍ୟକାରୀ ମାନ୍ୟତା ବୋଧ ହେଉଛି । ପଶ୍ଚିମବଙ୍ଗର ମାୟାପୁର ନଦିଆରେ ଇସକନ କାର୍ଯ୍ୟାଳୟ ରହିଛି । ଏ ସଂସ୍ଥାର ଏବେ ପୃଥିବୀର ସର୍ବତ୍ର ଶାଖା ଗଢ଼ି ଉଠିଛି । ଏକ ବିଶାଳ ଧନ ସମୃଦ୍ଧ ଅନୁଷ୍ଠାନ ହେଲେ ଶ୍ରୀଯୁକ୍ତ ଭକ୍ତି ବେଦାନ୍ତ ସ୍ୱାମୀଙ୍କ ଉଦ୍ଦେଶ୍ୟ ଚୈତନ୍ୟଙ୍କର ମାର୍ଗ ଲୋକରେ ପ୍ରଚାର ଥିଲାବେଳେ ଚୈତନ୍ୟ ଦେବଙ୍କ ଶେଷ ଜୀବନ ଜଗନ୍ନାଥଙ୍କ ଏହି ଶ୍ରୀକ୍ଷେତ୍ର ଧାମରେ ଯେଉଁ ନାମ ପ୍ରଚାର ଥିଲା ଓ ଭକ୍ତିର ସ୍ରୋତ ବହିଥିଲା ତାକୁ ଏହା ସମ୍ପ୍ରଦାୟର ଅଧିକର୍ତ୍ତାମାନେ ଆଶ୍ଚର୍ଯ୍ୟ ଭାବରେ ବିକାଶ କରିଚାଲିଛନ୍ତି । ଅଦିନ ରଥଯାତ୍ରା ଯାହା ଶାସ୍ତ୍ର ଅନୁମୋଦିତ ନୁହଁ ତାହା କରୁଛନ୍ତି, ଚତୁର୍ଦ୍ଧାମୂର୍ତ୍ତିକୁ ଯାନ୍ତ୍ରିକ ଗାଡ଼ିଟିରେ ପଛରେ ରଖି ଗାଡ଼ିକୁ ବିଭିନ୍ନ ସ୍ଥାନରେ ଠିଆକରି ପୁସ୍ତକାଦି ବିକ୍ରୟ, ଅନେକ ସ୍ଥାନରେ ପ୍ରସାଦ ବିକ୍ରୀ ନାମରେ ହୋଟେଲ ପରି ଖାଦ୍ୟ ବ୍ୟବସାୟ ହେବା ଜଣାପଡୁଛି । ଏହି ଯେ ପରମ୍ପରାଗତ ଶ୍ରୀଜଗନ୍ନାଥଙ୍କର ଯାନିଯାତ୍ରା ସେବାର ପୂର୍ଣ୍ଣ ବିପରୀତ ପଦ୍ଧତିରେ ଅନୁସରଣରେ ରହିଛି । ନାମ ପ୍ରଚାର ଏବେ ଧାମ ସୃଷ୍ଟି ଦିଗକୁ ଆସିଗଲାଣି ଏସବୁରେ ଶନି ରାହୁଙ୍କର ସମ୍ବନ୍ଧକୁ ପରେ ପରେ ସିଂହ ରାଶିରେ ମଙ୍ଗଳ କେତୁ ସମ୍ବନ୍ଧ । ଧର୍ମପ୍ରାଣ ଜନତା ବିଭ୍ରାନ୍ତରେ ପଡ଼ନ୍ତୁ ନାହିଁ । ଏ ଭୂମିରେ ମନ୍ଦିର ରହୁ, ମସଜିଦ ରହୁ, ଗୀର୍ଜା ରହୁ, ଗୁରୁଦ୍ୱାର ରହୁ ମାତ୍ର ପରମ୍ପରା କେଉଁଠି କ୍ଷୁର୍ଣ୍ଣ ନହେଉ । ନହେଲେ ବାଦରୁ ବାଳ ସୃଷ୍ଟି ହେବା ଅସମ୍ଭବନୁହେଁ ।

ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ଦୂରଭାଷ;୯୪୩୭୦୩୧୨୫୩

୧୬ କଥନିକା : ଅଜୟ ପ୍ରଧାନ

କବିତାର ରାଜନୀତି ଓ କବିତାରେ ଜରାନୀତି

କବିତାର ରାଜନୀତି ଶୁଣି ଆପଣଙ୍କ ମନ କାନ ଠିଆ ହେଇ ଯିବେଣି । ଯଦି ହେଇନାହିଁ ଜହଡି; ତେବେ ବୁଝିବାକୁ ହେବ ଆପଣ ପୂରା ଏ ବାବଦରେ ଜାଣନ୍ତି । କବିତାରେ ଥିବା ଲୋକଙ୍କ ଠୁ ନ ଥିବା ଲୋକ ଏ କଥା ବେଶୀ ଚର୍ଚ୍ଚା କରନ୍ତି । ସେମାନଙ୍କର, ଆପଣ ଭାବିଲା ଭଳି, କୌଣସି କାମ ଧନ୍ଦା ନାହିଁ ।

ଶାସନ ରାଜନୀତି ଓ ସାହିତ୍ୟରେ ରାଜନୀତି ଦିନକୁଦିନ ସଂଭୀତ ହେବାର କାହାକୁ ଯଦି ବାସ୍ନା ହେଉଥାଏ; ତେବେ ବିସ୍ମିତ ହେବାର କିଛି ନାହିଁ । ଧର୍ମରେ ଧର୍ମରକ୍ଷା ନାଆଁରେ ବାଡ଼ିଆବାଡ଼ି, ଦଙ୍ଗାହଙ୍ଗାମ ହେଇଯାଏ ସିନା; ସାହିତ୍ୟରେ କେବଳ ମୃତ୍ୟୁସୂଚକଣ ସୃଷ୍ଟି ହେଇ ଧୀରେ ମିଳେଇଯାଏ । ଯେମିତି ଅନେକ ବଡ଼ବଡ଼ ଠକେଇ, ରାଜନୀତିକ ହତ୍ୟାକାଣ୍ଡ, ନାରକୀୟ ଗଣଧର୍ଷଣ, ରାଜନୀତିକ ବ୍ୟଭିଚାର ଦି' ତିନି ଦିନିଆ ସମ୍ବାଦ ହେଉଥାଏ ଓ ତାପରେ ତାର ଚେର ସ' ଉଭେଇ ଯାଉଥାଏ ଓ ଲୋକମାନଙ୍କୁ ଚାଲିଗଲା ପରେ ଥରେଅଧେ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମଗୁଡ଼ିକ ବାର୍ଷିକ ଶ୍ରାଦ୍ଧ ଦିବସ ପାଳନ ଭଳି ମନେପକେଇ, ପୁଣି ଯିଏ ଯାହା ବାଟରେ ରହନ୍ତି । ଗୋଟାଏ ଘଟଣା ପରେ ଆଉ ଏକ ଘଟଣାର ଦ୍ୱାହି ଦେଇ ସେମାନେ ଖସି ଯାଆନ୍ତି । କିନ୍ତୁ ଅନେକ ରାଜନୀତିକ ଖବର ଲଗାତାର ମାସାଧିକ କାଳ ସେମାନେ ବେଶ୍ ଖୁସିରେ ପ୍ରକାଶ କରନ୍ତି । ଭଏ ବି ରାଜନୀତି । ପେଟପାଟଣା ନାଆଁରେ ଖସିଯାଏ । ବାନ୍ଧିବା ଲୋକ ବାନ୍ଧୁଥାଏ, କାନ୍ଦଣା ଦେଖେଇ ବାନ୍ଧିବା ଲୋକ ବାନ୍ଧୁଥାଏ । ସାହିତ୍ୟର ଖବର ବି ଉଦବା କେମିତି ଆସେ ଓ ଯାଏ । ବରିଷ୍ଠ କବିଙ୍କ ପୁରସ୍କାର ଅନ୍ୟ କ୍ଷମତାଧାରୀ କବି କେମିତି ଚାପି ଦିଅନ୍ତି; କେମିତି ଅନ୍ୟର ନାଆଁ ବଦଳେଇ ନିଜ ନାଆଁରେ କରେଇ ନିଅନ୍ତି, ନ ପାଇବାର ଯୋଗ୍ୟତା ଅନେକ ଥିଲେ ବି ଜୋର ଜବା ବାଟେ ଯୋଗ୍ୟ ହେଇଯାନ୍ତି ଏମିତି ଏମିତି ଛୋଟମୋଟ ଖବର । ନୋବେଲ ପୁରସ୍କାରରେ ତ ଏମିତି ରାଜନୀତି ହେଇଯାଏ ଯେ ବର୍ଷେଇ ଦୁଇଥର ପାଆନ୍ତି; ନାରୀମାନେ ଶୋଷିତ ହେବା ଖବର ତ ଦି ବାଟିବର୍ଷ ତଳର ଖବର ପୁଣି ଆଉ ଜଣେ ନାରୀ ଯାର ମଧ୍ୟସ୍ଥି ହୋଇ ଭଣଯାଏ ! ତେବେ, ମୋଟାମୋଟି, ସାହିତ୍ୟ ଏବେ ସମ୍ପୂର୍ଣ୍ଣ ରୂପେ ଶାସନ ରାଜନୀତିର ମୁଖ୍ୟ ସ୍ରୋତରେ ସାମିଲ୍ । ଦୁଇବର୍ଷ ତଳେ ଜ୍ଞାନପୀଠ ପୁରସ୍କାରକୁ ନେଇ ବି ଏକ ନୀରବ (Hush)ବ୍ୟାପାର ବୋଲି ବି ଜଣେଇ ଥିଲେ ଅସନ୍ତୋଷ ପ୍ରକାଶ କରିଥିବା ଲେଖକ । ତେବେ ଏଗୁଡ଼ିକ କିଛି ସମୟ ପାଇଁ ରହେ ଓ ରହିଛି; ତାପରେ ପୁନରାବୃତ୍ତି ହେଇଥାଏ । ଜଣେ କବି ସଞ୍ଜୟ ଚୁଦନଙ୍କ ଭାଷାକୁ ଅନୁବାଦ କରି କୁହା ଯାଇପାରେ ଯେ 'ଯିଏ ସଫଳ ସିଏ ସଫଳ; ଯେମିତି ହେଉ ନା କାହିଁକି !' ତେଣୁ, ସଫଳତା ହାସଲ ହେଲା ଏକମାତ୍ର ପୁଞ୍ଜି । ଅନେକ କବି ସଭାମଞ୍ଚରୁ ତାଙ୍କ ଅଂଶୀଦାରୀ ସାର୍ଟିଫିକେଟ୍ ଦେଖେଇ ଉଠେଇଥିବା ଫଟୋ ହେଉ ବା କୌଣସି ଆସରରେ ଆମନ୍ତ୍ରଣ ପତ୍ରକୁ ଦେଖେଇ ଜଣେଇ ଦିଅନ୍ତି ଯେ: ଦେଖ, ରେ ପାଜିଆମାନେ ! ତମେ କେଖିଲେ ବି ମୁଁ ଏଠି; ତମେ ବସିକି ଦେଖ ମୋତେ ତମ ଘରେ ! ବୀଣାପାଣି ଯିଏ ସିଏ ତମକୁ ଦେଇଛନ୍ତି ବୀଣା ବଜେଇବାକୁ; ହାତ ଦେଇଛନ୍ତି ମୋତେ ଏଇ ପତ୍ର ଦେଖେଇବାକୁ !!

ସବୁ ଚାଲିଛି, ସମୟ ଦେଖୁଛି ! ସମୟ ସେ ଅନ୍ଧ ନୁହେଁ ଏକଥା ଏକାଧିକ ଥର ଆମ୍ଭେ ଜଣେଇବା ଆଗରୁ ସମସ୍ତେ ଜାଣିଛନ୍ତି । ଏଗୁଡ଼ିକ ଯେହେତୁ ସତ, ଆଉ ସତକୁ ସ୍ୱୀକାରିବା ବୈଶାଖ ଜ୍ୟେଷ୍ଠର ଖରାଠୁ କଷ୍ଟକର; ତେଣୁ ମୋର ନମ୍ର ଅନୁରୋଧ ଆପଣ ଆପଣଙ୍କର ବାତାନୁକୂଳିତ ସୁସଜ୍ଜିତ କୋଠରୀରେ ବସି ପଢ଼ିବା କରିବେ । କବିତାର ବା ସାହିତ୍ୟର ରାଜନୀତି ଦିନୁଦିନ କେବଳ ବାଧା ଦେବ ସିନା ନଥା ପକେଇବାକୁ କେହି କି କିଛି ନ ଥିବ ।

ଆପଣଙ୍କ ଭଳି ମୋ ସମେତ ଅନେକ ଅକର୍ମା ଏଠି ଅଛନ୍ତି । ତେଣୁ ଆପଣ ଧିରେ ନିଃଶ୍ୱାସ ଛାଡ଼ନ୍ତୁ; ଓ.ଆର୍.ଏସ୍ ପିଅନ୍ତୁ । ନୀରବରେ ଦି ମିନିଟ୍ ମୃତ ଲୋକଙ୍କ ପାଇଁ ପ୍ରାର୍ଥନା କଲା ଭଳି ଆଖି ବନ୍ଦ କରି ବସନ୍ତୁ (ଛିଡ଼ାହେବାର ଆବଶ୍ୟକ ନାହିଁ!) ଓ ଉଚ୍ଚାରଣ କରନ୍ତୁ: ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ !

ଏଇଲେ, ଆରାମ ଲାଗୁଛି ନା ନାହିଁ?

ଏବେ, କବି ବ୍ରାନସଟୋମରଙ୍କ କବିତା ଧାଡ଼ି 'ride beyond the end of the line' ଶୁଣି, ଆରମ୍ଭର ଶେଷ ପୂର୍ବରୁ ଆରମ୍ଭ କରନ୍ତୁ ଜୀବନ !

ଲକ୍ଷ୍ୟ କରିବେ, ସବୁ ଭଙ୍ଗା ପରେ ଜୁଆର ଉଠେ । ଏହା ହିଁ ଜୀବନ । ଜୀବନ ମାନେ ଜିଇଁବାର ସଂଘର୍ଷର ସଂସ୍କୃତି । ଜୀବନ, ଜୀବିକାର ସଂଘର୍ଷ ଓ ସଂସ୍କୃତିର ପଟ୍ଟଭୂମି ଉପରେ କବିତା ଟହଲୁଥା କରେ । ତାଙ୍କୁ ଯିଏ ଖୋଜେ ଖୋଜେ ସିଏ କେମିତି ହେଲେ ପାଏ । ସେ ଆସନ୍ତି । କିନ୍ତୁ ତାଙ୍କ ବାଟବରଣ ପାଇଁ କବି ଯଦି ବ୍ୟବସ୍ଥା କରି ନ ଥାଏ ସେ ଅସନ୍ତୁଷ୍ଟ ଅବା ଅଭିମାନ କରିବା ସ୍ୱାଭାବିକ । ତାଙ୍କ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଭିତରେ ସେ ସମୟ ନେଇ ଆସିବେ ଓ କେତେ ସମୟ ରହିବେ ତା କେହି ଜାଣିବାର ବାଟ ନାହିଁ । ସେ ଆସିବେ । ସିଏ ତ ମନ୍ତ୍ରୀ କି ବାବା ନୁହନ୍ତି ଯେ ସାଙ୍ଗେ ସାଙ୍ଗେ ସାଙ୍ଗେ ସ୍କିଟି ପଡ଼ିଯିବ, ଖାଲଖମା ପୋତା ହେଇ ନୂଆ ପିଚୁ କି ଟାଇଲ୍ ପଡ଼ିଯିବ । ତଥାପି ସେ ଆସିବେ । ଆପଣ କ'ଣ ଦେଇ ବର୍ଣ୍ଣା କରିବେ ? ନିଜ ପ୍ରେମ,ଦୁଃଖ, ହତାଶା, ଅସହାୟତା, ନିଃସଙ୍ଗତା, ପ୍ରାକୃତିକ ସୌନ୍ଦର୍ଯ୍ୟ, ସାମାଜିକ ସମସ୍ୟା ଓ ଘଟଣା, ନାରୀ ମୁକ୍ତି, ଦାରିଦ୍ର୍ୟ, ଆର୍ଥନୀତିକ କି ରାଜନୀତିକ ଅସ୍ଥିରତା ନା ମଣିଷପଣିଆର ଅବନତି, ନା ସମ୍ପର୍କ ସମ୍ବନ୍ଧୀୟ କିଛି ? ? ଆପଣ ଯାହା ଦେହରେ ହାତ ମାରନ୍ତୁ ସବୁଥିରେ ରାଜନୀତି ବା ଶାସନର ଛାଇ ଯେମିତି ହେଲେ ଥିବ । ବାଇଗଣ, ଧାନ ଠୁ ଆରମ୍ଭ କରି ଟୁଥ୍‌ପେଷ୍ଟ ଯାଏଁ- ଏମିତି କୋଉ ଅଛକ ନାହିଁ ଏ ଦୁଇଭାଇଙ୍କ ପାଇଁ ଦୁର୍ଗମ କି ଅଗମ୍ୟ ! ଅଥଚ ନିଜ କଥା ଛାଡ଼ି ଅନ୍ୟ କିଛି କହିବାକୁ ଆମର ଯେମିତି ବଢ଼ବୟସ ନାହିଁ; ସତେ ଯେମିତି କହିଲେ ମୁର୍ଚ୍ଛନା ଫାଟିଯିବ ! ଅନ୍ୟର କଥା, ଅନ୍ୟର ଦୁଃଖଯାତନା ଠୁ ଆମେ ଦୂରରେ ରହି ସତରେ ଭଲରେ ଅଛନ୍ତି, ନିଜ ଦେହକୁ ଅନ୍ୟକୁ ଆମେ ଛୋଡ଼ୁ କାହିଁକି ତେବେ ? ପଟାଉନ୍ତୁ ନିଜକୁ । ଅନ୍ୟ ସ' ଠିଆ ହେବାର ସ୍ୱଭାବଟିକୁ ଆମେ ଖୋଜିବାରେ ଅସୁବିଧା କୋଉଠି । କେବେକେବେ ଜାହାର ଅସୁବିଧା ଆସେନାହିଁ କି ? କିଏ କିଛି ନ କରି କ'ଣ ଏମିତି ଅସୁବିଧାରେ ପଡ଼ିନାହାନ୍ତି ! ଏଇଟା, ଏଇ ଅଣଦେଖା ନୀତିଟି ଆମ ଭିତରେ ନ ବଢ଼ିବାର କାରଣ ବି ସେଇ ବି ଭାଇ ! ଦୁର୍ଘଟଣାରେ ପଡ଼ିଲେ ଡାକ୍ତରଖାନା ଆଣିବା ଲୋକଙ୍କୁ ଜେରା, ତା କାମ ସିଆଡ଼େ ବାଉନା ! ତେବେ ବି ମାନସିକତା ଆମର ସବୁ ବାବଦରେ ବଦଳିବା ଉଚିତ । କବିତା ବଦଳିବା ଉଚିତ । ପ୍ରେସ୍ ନହେଲେ କ'ଣ ଦେହଯନ୍ତ୍ରଣା ଲାଗିବନି ? ଆମ ଆଖି ଆଗରେ ସବୁ ବଦଳିଲା: ରାସ୍ତା, ଘର, ଜଙ୍ଗଲ, ପାହାଡ଼ ପର୍ବତ, ମାଟି, ଜମି, ଚାଷ, ରାଜନୀତି, ପାଣି, ପବନ, ଆଲୁଅ, ପୋଷାକ, ଯନ୍ତ୍ର, କାର୍ଯ୍ୟାଳୟ, ପାର୍ଲିଆମେଣ୍ଟ, ସମ୍ବିଧାନ, କମିଟି ସଦସ୍ୟ, ପରିବାର, ଚାଲିଚଳନ, ଚାହାଣି, ଠାଣି, ବାଣୀ, ବିଦ୍ୟା,ସୁଖ,ସ୍ୱାଚ୍ଛନ୍ଦ୍ୟ, ଗୋଡ଼, ହାତ, ହୃଦୟ, ଆଖି, କାନ, ନାକ- ହିସାବ ନାହିଁ କେତେ କ'ଣ ! ଅଥଚ କବିତା ଜରାଗ୍ରସ୍ତ ହେଇ ପଡ଼ିରହିବ ? କଣ୍ଠେ ଗୁଣ୍ଡୁ କବିତା । ତାହାରେ ଟିକେ ବୁଲାବୁଲି କରୁ କବିତା । ଦୁନିଆ ଦେଖୁ କବିତା । କବିତାକୁ ବି ଦେଖୁ ଦୁନିଆ । ଫିଟ୍ ରହୁ ସଦା କବିତା ।

କବିତାକୁ ସବୁ ଯାଗାରୁ ତେଣୁ ଜବଯୋଗାଣ ହେବା ଦରକାର ।

ରାଜନୀତି,ଶାସନ, ଅର୍ଥନୀତି, ବଜାର ଭିତ୍ତିକ ଜୀବନ, ଜୀବିକାର ମାନ ଓ ଅପମାନ, ଜାତି ଧର୍ମ ଭାଷା ଆଞ୍ଚଳିକତାକୁ ନେଇ ବୈରୀଭାବ, ବ୍ୟକ୍ତି ଓ ତାର ଦୁର୍ଦ୍ଦିନ, ଦ୍ୱନ୍ଦ୍ୱ, ପ୍ରେମ,ପ୍ରତାରଣା - ସବୁସବୁ । ନିଜକୁ ବାଦ୍ ଦେଇ ଯେମିତି ଆରମ୍ଭ ନାହିଁ; ଅନ୍ୟକୁ ଛାଡ଼ି ସେମିତି ଶେଷ ନାହିଁ । ନୂଆ କଥା କି ନିଜ କଥା କହିଲେ ପୁରସ୍କାର,ବିଦେଶ ଭ୍ରମଣ ସୁଯୋଗ ମିଳିବ ବୋଲି ଯଦି କିଏ କହୁଛନ୍ତି ତା ବନ୍ଧୁକାରେ ସମ୍ଭବ କି ନାହିଁ ଭାବନ୍ତୁ । ଥରେ 'ସବୁ' ନୁହେଁ । ଜୀବନ ଗୋଟିଏ, ଜଗତ ବି ଗୋଟିଏ - ମନେରଖିବେ । ଭୁଲିଯିବେ କି ଭୁଲିଲା ଭଳିଆ ଭୋଳ୍ କରିବେ ଯାହାକୁ ଡରୁଥିବେ, ସେଇ ଆପଣଙ୍କ କାନ୍ଧରେ ବେତାଳ ହେଇ ଚଢ଼ିଯିବ । ସିଏ ପ୍ରଶ୍ନ ପଚାରିବା ଭୁଲି ଯାଉଥିବ; ଆଉ ଆପଣ ଉତ୍ତର ଦେବେ କ'ଣ ? ?

ଏତେ ରୋଲ୍ ଏତେ ଅଭିନୟ କରୁଛନ୍ତି ଦିନରାତିମ୍ ଅଥଚ ଥରେ ବେତାଳ ହେଇଯାନ୍ତୁ ନା ଆପଣ !

ଏଇ ଅବସ୍ଥା, ଆଉ କେତେ କହିବିନି ଏକଥା; କାନ ଧରୁଛି !

♥ ବଉଦାପଡ଼ା ସାହି, ପୁରୀ-୧,
ଫୋନ:୭୯୭୮୮୫୮୦୯୧

---

୫୧ ଧାରାବାହିକ ଆଲୋଚନା

କଥାକାରଙ୍କ କଥା : ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

କଥାଶିଳ୍ପୀ ମଞ୍ଜୁ ପଣ୍ଡା

'ଭଲ ଗପ ପାଠକକୁ ବିଭୋର, ବିହ୍ୱଳ ଓ ନିଷ୍କଳ କରିଦିଏ ।' -କଥାକାର ଡାକ୍ତର ମଞ୍ଜୁ ପଣ୍ଡା

ଗଳ୍ପ ସାହିତ୍ୟ ପ୍ରତି ଏଭଳି ମନ୍ତବ୍ୟ ରଖିଥିବା ଏବଂ 'ପାରନାଚୀ', 'ସାଉଁଟା କଥା', 'ବିଶ୍ୱ ରୂପା', ' 'ମଧୁମଞ୍ଜୀ', 'ନର୍ତ୍ତ', 'ମହୁଲ ଫୁଲ', 'କାଚରା' ଆଦି ଲେଖନୀର କଥାଶିଳ୍ପୀ ଡାକ୍ତର ମଞ୍ଜୁ ପଣ୍ଡା ଓଡ଼ିଆ କଥା ସାହିତ୍ୟର ଜଣେ ବିଶିଷ୍ଟ ଲେଖିକା । ଜଗତ ଓ ଜୀବନକୁ ନେଇ ଗଳ୍ପର ଚରିତ୍ର, କାହାଣୀ ସୃଷ୍ଟି କରିବାରେ ସେ ଖୁବ୍ ପାରଙ୍ଗମ । କେବେ ସମାଜର କାହାଣୀକୁ ସେ ପେଷିଥାନ୍ତି ତ ଆଉ କେବେ ମଣିଷକୁ ବ୍ୟବଚ୍ଛେଦ କରି କାଢ଼ି ନିଅନ୍ତି ତାର ଭାବରାଜିକୁ । ସ୍ନେହଶୀଳା ଓ ଆବେଗମୟୀ ଏ କଥାଶିଳ୍ପୀଙ୍କ ପ୍ରତିଟି ସୃଷ୍ଟି ଅତ୍ୟନ୍ତ ପ୍ରଭାବଶାଳୀ ଓ ପ୍ରାଣବନ୍ତ, ଏକଥାକୁ କେହି ଅସ୍ୱୀକାର କରିପାରେବେନି ।

ଡାକ୍ତର ମଞ୍ଜୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ମୁଁ (ଗ୍ରନ୍ଥ ଏ ଲେଖିକା) ଅନୁଭବି ସାରିଛି ଯେ ସେ ଖୁବ୍ ସ୍ନେହମୟୀ । ଝକଝକ କଥା ହୃଦୟକୁ ଯେମିତି ବିଭୋର କରିଦିଏ, ଠିକ୍ ସେମିତି ତାଙ୍କ ସୃଷ୍ଟି ସମୂହ ମଧ୍ୟ ବିଦଗ୍ଧ ପ୍ରାଣକୁ ପୁଲକିତ କରିଥାଏ । ଡାକ୍ତର ହିସାବରେ ସେ ଯେମିତି ଜଣେ ଭଲ ଚିକିତ୍ସା ଅଧିକାରୀ, ଠିକ୍ ସେମିତି ମଣିଷ ହିସାବରେ ବି ଭଲ ମଣିଷ ।

ଗାଳ୍ପିକା ଶ୍ରୀମତୀ ପଣ୍ଡାଙ୍କ ଏକ ଅନନ୍ୟ ସୃଷ୍ଟି ହେଉଛି 'ସ୍ମୃତି ଫର୍ଦ୍ଦ' ଗଳ୍ପ ସଂକଳନ । ଏ ସଂକଳନସ୍ଥ ସମସ୍ତ ଗଳ୍ପ ଅତ୍ୟନ୍ତ ପ୍ରଭାବଶାଳୀ । ଏଥିରେ ସଂକଳିତ ଏକ ଗଳ୍ପ ହେଉଛି 'ସ୍ୱୀକାରୋକ୍ତି' ।

ଯାହାକି ଲେଖିକା ଏବଂ ତାଙ୍କ ଡାକ୍ତର ସ୍ୱାମୀ ନିର୍ମଳ ନାୟକଙ୍କ ଦରଦୀ ହୃଦୟକୁ ଦେଖେଇ ଦିଏ ।

ଉଭୟ ପତି ପତ୍ନୀ ଡାକ୍ତରୀ ପେସାରେ ଜଣେ ଜଣେ ସୁନାମଧନ୍ୟ ଚିକିତ୍ସକ । ଆଉ ସମ୍ବେଦନଶୀଳ ମଧ୍ୟ । ଏ ଗଳ୍ପରେ ଉଭୟଙ୍କ ଏକ କୁକୁର ଛୁଆ ପ୍ରତି ସ୍ନେହ ସୋହାଗ ନିଆରା ନିଶ୍ଚୟ । ସେମାନଙ୍କ ନିର୍ମଳଭାବାନୁଭାବ ବିଭୋର କରେ ଏ ପାଠକୀୟ ପ୍ରାଣକୁ ।

ପ୍ରତ୍ୟେକ ସାହିତ୍ୟ ସ୍ରଷ୍ଟା ନିଜର ଅନୁଭୂତିକୁ ଲେଖନୀ ଚାଳନା କରିଥାନ୍ତି । ତାରି ଭିତରେ ବେଉଥାନ୍ତି କଳ୍ପନାର ପୁଟ । ସଂକଳନସ୍ଥ 'ଦେଖିହେବା ଏକ ଘରପୋଡ଼ିର ଦୃଶ୍ୟ' ଗଳ୍ପଟି କଥାଶିଳ୍ପୀଙ୍କ କୈଶୋର ସମୟର ଏକ ଅନୁଭୂତି । ସେଉଁଥିରେ ସାମ୍ପ୍ରଦାୟିକ ଦଙ୍ଗା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ତାଙ୍କ ମାଆଙ୍କ ପ୍ରଚେଷ୍ଟା ସତରେ ଖୁବ୍ ପ୍ରଶଂସନୀୟ । ଆଜି ବି ମଣିଷ ପଣିଆ ବଞ୍ଚିଛି । ଏହାର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଲେଖିକାଙ୍କ ମା । ଏ ଗଳ୍ପ ନିଶ୍ଚିତ ଭାବରେ ଏକ ବାସ୍ତବଧର୍ମୀ ସୃଷ୍ଟି ।

ଆଲୋଚ୍ୟ ପୁସ୍ତକର ପ୍ରଥମ ଗଳ୍ପ 'ପୋଡ଼ା ମୁହିଁ', ଯାହାକି ନାରୀ ଜୀବନର ପରିସ୍ଥିତିକୁ ଦର୍ଶେଇ ଦେଇଛି । କେଉଁ ଭଳି ଝିଅଟିଏ ଜନ୍ମ ହେଲେ ପୋଡ଼ାମୁହିଁର ଆଖ୍ୟା ପାଏ । ଆଉ ପରବର୍ତ୍ତୀ ସମୟରେ ଭାଉଟିଏ ଜନ୍ମ ହେଲେ ତାକୁ ଭାଇକୁ ଡାକିଲା ବୋଲି କୁହାଯାଏ । ପରେ ଡାକ୍ତର ହେଲା ପରେ ସେ ପ୍ରଶଂସା ପାଏ ।

ନାରୀ ଜୀବନକୁ ସତରେ ଏ ସମାଜ କେଉଁ ଭଳି ଦେଖେ, ଏକଥା ହିଁ ଲେଖିଛନ୍ତି କଥାକାର ମହାଶୟା ।

'ଶରୀର ଦାନ' ଗଳ୍ପରେ ତାଙ୍କ ଡାକ୍ତର ପ୍ରାଣ ହିଁ ବଖାଣିଛି ଗଳ୍ପର କଥା କାହାଣୀ, ଏକଥା ଅସ୍ୱୀକାର କରାଯାଇ ନପାରେ ।

'ଛୋଟୀ ପଣ୍ଡା' ଗଳ୍ପ ଜୀବନର ବାସ୍ତବତାର କଥା କହେ । ଜଣେ ଡାକ୍ତର ହିସାବରେ ସେ ବହୁ ସ୍ଥାନରେ ଚାକିରି କରିଛନ୍ତି । ନୂତନ ସ୍ଥାନରେ ବଦଳି ହେବା ପରେ କେମିତି ସେ ନିଜକୁ ଖାପ ଖୁଆଇ ଚଳୁଥିଲେ । ସେଇ ଅନୁଭୂତିରୁ ସୃଷ୍ଟ ଏ ଗଳ୍ପ । ଯଦି ନୂଆ ଜାଗାରେ ଖାପ ଖୁଆଇ ଚଳି ନ ପାରିଲେ ହାସ୍ୟାସ୍ପଦ ହେବାକୁ ପଡ଼େ । ଏକଥା ସ୍ପଷ୍ଟ ଭାବେ ଆଲୋଚନା କରିଛନ୍ତି ଗାଳ୍ପିକା ପଣ୍ଡା ।

ବାସ୍ତବରେ କଥାଶିଳ୍ପୀ ମଞ୍ଜୁ ପଣ୍ଡା ଜଣେ ଜୀବନ ନିଷ୍ଠ କଥାକାର । ତାଙ୍କ ପ୍ରତ୍ୟେକ ସୃଷ୍ଟିରେ ମଣିଷ ସହ ଜୀବମାନଙ୍କ ପ୍ରତି ସ୍ନେହ ଭାବ ତାଙ୍କ ଆତ୍ମାକୁ ଆବେଗବାନ୍ ବୋଲି ପରିଚିତି ଆଣିଦିଏ, ଏକଥା ଅସ୍ୱୀକାର କରାଯାଇ ନପାରେ ।

♥ ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, କଳ୍ପତରୁ ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର,
ଫୋନ: ୯୩୩୭୦୬୭୧୮୬

ଉତ୍ତର ପକ୍ଷ

କେ. ଶ୍ୟାମବାବୁ ଦୋରା

॥ ୧ ॥
ହାତରେ ବିଭୂତି ଧରି
ସେ ମୋ ଆଡକୁ ପାଦ ବଢଉଛି,
ଆଉ ମୁଁ ଧାଉଁଛି ।
କୁଆଡେ ଯିବି?
ସୁଆଡେ ଦେଖୁଛି ବ୍ରହ୍ମମୟ
ବିଭୂତିମୟ ଏ ପୃଥିବୀ ।
ବିଭୂତିକୁ ମୁଁ ଡରୁଛି
ଉତ୍ତର ପ୍ରଶ୍ନ ପାଲଟି
ମୋତେ ହିଁ ପ୍ରଶ୍ନ ପଚାରୁଛି -
ମୁଁ ଡରୁଛି କାହିଁକି !

॥ ୨ ॥
ଯାଅ ବିଜୟର
ପତାକା ଅଛି ତମ ହାତରେ,
ଯାଅ
ପତାକାକୁ ପୋତିଦିଅ
କୌଣସି ଖଣ୍ଡରେ
ସେ ମଙ୍ଗଳ ଡମରୁ ।
ତା'ପରେ ଫେରିଆସ
ଭୁଲିଯାଅ
ମନେ ରଖିବ ଯଦି ମରିଯିବ ।
ତମେ କାହିଁକି ମରିବ ?

♥ ଶୋଭା କିଡ୍ସ୍ ଆଣ୍ଡ୍ କସ୍‌ମେଟିକ୍ସ,
ଜନାନା ହସ୍ପିଟାଲ୍ ରୋଡ୍,
ବ୍ରହ୍ମପୁର - ୭୬୦୦୦୧
ଫୋନ : ୭୦୦୮୯୨୩୨୯୬

ପ୍ରଶ୍ନ

ଶଶଧର ପତି

କିଏ ବା ଜାଣିନି ପ୍ରଶ୍ନ ଏକ
ସ୍ଥିର ମାନସିକତାର ଉତ୍ତର ଖୋଜିବାର
ଖୁବ୍ ସହଜ ଅବା ଜଟିଳ ସମୟଟିଏ ?
ପ୍ରଶ୍ନ ମନ ଓ ହୃଦୟରେ ଛନ୍ଦି ହୋଇ
ଜନ୍ମିଥିବା ଈର୍ଷାର ସମାଧାନ ଉତ୍ତରଟିଏ
ପ୍ରଶ୍ନ ଦୁଇ ପକ୍ଷଣ ମନରୁ ସୃଷ୍ଟି ପ୍ରେମର
ଟକାକୁ ସୁରକ୍ଷା ଦେବାର ଉପାୟଟିଏ
ପ୍ରଶ୍ନ ତା ତୁ ତିଆରି କରୁ, ନା ମୁଁ?
ଏହା ଆପେ ଆପେ ଗଢି ହୁଏ ।
ପ୍ରଶ୍ନ ଭାଙ୍ଗି ଯିବା ଆଗରୁ,
ଉତ୍ତର ଲୁହ ହୋଇ ବହିଯାଏ ବହୁତ
ମେଞ୍ଚା ମେଞ୍ଚା ସ୍ୱପ୍ନକୁ ଆବୋରି
ତୁ ଦେଖୁ, ସେ ବି ଦେଖେ ନିରେଖି
ନିଜ ନିଜ ଛବି, ନିଜ ନିଜ ଆଖିର
ସ୍ଥିର ଲେନ୍ସରେ ସେଇ ଆଗ ଭଳି
ପ୍ରଶ୍ନ ତାହା କେଉଁ ପରୀକ୍ଷା ଗୃହର
ଅସମାପ୍ତ ଉତ୍ତର ଖୋଜୁ ଥିବା ମନର
ଝାଳୁଆ ମୁହଁର ସ୍ଥିର ଛବିଟିଏ ପ୍ରଶ୍ନ
ସେଦିନ ଟ୍ରେନ ଛାଡିବାର ବିଳମ୍ବର
କାରଣ ଖୋଜୁଥିବା ମୁହୂର୍ତ୍ତଟିଏ ପ୍ରଶ୍ନ
ଆଇନା ସାମ୍ନାରେ ତୁମର ସେ ବାଇଗଣି ଶାଢ଼ିର
ମନଲୋଭା ରୂପଟିଏ ପ୍ରଶ୍ନ
କିଏ ସେ ଗଢିଛି ତେତେ ସୌନ୍ଦର୍ଯ୍ୟର
ମୂର୍ତ୍ତିଟିଏ ମୋ ଆଖି ସାମ୍ନାର ....
ଦେଖିଥିବା ଓ ସେଦିନ ପଢ଼ିଥିବା କିନ୍ତୁ....
ରୂପ ଦେଖିନଥିବା ସତରେ
ଆଜିର ଉର୍ବଶୀ ତୁମେ
ମୋ ମନ ନନ୍ଦାରେ,
କେବେଠୁ କିଏ ଆଙ୍କିଛି
ତୁମ ରୂପ କେବଳ କଳ୍ପନା ଯେ-
ଅସ୍ଥିର ଏଠି !
ଖୋଜି ଖୋଜି ତୁମକୁ
ଅନ୍ଧାରରୁ ଅନ୍ଧାରେ, ଢେର୍ ଅନ୍ଧାରେ
ମୁଁ ଖୋଜୁଛି ତୁମ ରକ୍ତିମ ଗୋଲାପି ଓଠ
ସବୁ ଅବୁଝା ପ୍ରଶ୍ନର ଉତ୍ତର ଭିତରେ
କେବଳ ତୁମେ ଚୁପଚାପ୍ ଠିଆ ହୁଅ
ପ୍ରଶ୍ନର ପରଦା ପଛରେ ତୁମେ ...
ଏମିତି ଅନେଇ ଅନେଇ ରାତି ଦିନ ହୁଏ
ଦିନ ପରେ ରାତି,ଏଠି କିନ୍ତୁ
ପ୍ରଶ୍ନର ଅମାପ ରାତି ହିଁ ରାତି ....

♥ ଅହିୟସ, ନଳିବାପୁର,ଯାଜପୁର
ଫୋ:୮୧୪୮୨୪୨୧୩,୯୪୩୭୯୦୩୩୩୧

ସ୍ତ୍ରୀଲୋକ

ଡକ୍ଟର ବିନୋଦିନୀ ପାତ୍ର

ଶ୍ରୀ, ସୁଖ, ସ୍ୱାମୀ, କି ସମୟ
କିଛି ବି ନ ଥାଏ ସ୍ତ୍ରୀଲୋକଟିର ଅକ୍ତିଆରରେ ।
ସା'ବୁ ନିଜର ହକ୍ ବୋଲି
ସେ କହିପାରିବ ଦମ୍ଭରେ ।
ଲକ୍ଷ୍ମଣଗାର ଏପଟେ
କଟୁଥାଏ ତାର ଯୌବନ
ସ୍ୱଇଚ୍ଛାରେ ହେଉ କି
ଆଉ କାହାର ଇଚ୍ଛାରେ
ଭୁଲରେ କି ଜାଣତରେ
ଡେଇଁ ଯାଇଛି ଯଦି ସେ ଗାର
ସବୁରିଙ୍କ ଶ୍ରଦ୍ଧାହୀନ ବିତୃଷ୍ଣା ଅତଳେ
ବିତିବାଟା ତାର ଭାଗ୍ୟ ଲିପି କେବଳ ।
ବେଳ ଉପଗତ ହେଲେ
ତାକୁ ସାଲିବାକୁ ପଡେ କଣ୍ଟେଇଟେ
ରାଣୀ ଅନ୍ତଃପୁରେ
ବିବାହ୍ ସଂସାରଟେ ଗଢ଼ିବାର ସମୟ
ଅସୂର୍ଯ୍ୟ ଅନ୍ଧାର ଥାଉଥାଳେ ।
ହାତଗୋଡ ବନ୍ଧୁଥାଏ ସିନା
କୋମଳ ମନଟି ତାର ବନ୍ଧ ପରିଥାଏ
ସାତତାଳ ସାଗର ଅତଳେ
ସମାଧିସ୍ଥ,ବୋଧହୀନ ଅବବୋଧ
ବୋହି ନିଷ୍ପନ୍ଦ ଛାତିରେ ।
ମାଆ ହୁଏ, ମାଣ ପୁରେ,
ମନ କିନ୍ତୁ ବାରମ୍ବାର ହାରେ
ପଥର ପ୍ରତିମା ପରି
ବହମାନ ଦିନରାତି
ସୁଖ ଦୁଃଖ ଅନୁଭବ ଚାପି ରଖି
ଅନ୍ତରର ସିନ୍ଦୁକିଆ ଫଗୁଆ ଭିତରେ ।
ସ୍ୱାମୀଙ୍କ ବ୍ୟସ୍ତ ତାଗିଦ୍
ପିଲାଙ୍କ ଅବୁଝା ଜିଦ୍
ପରିଜନ ଛଳ ଅସନ୍ତୁଷ୍ଟି
ତା' ପାଇଁ ସାଇତା ସବୁଠି
କଟୁତିକ୍ତ ଶବ୍ଦ
ଏସବୁ ତ ଦେହସୁହା ସ୍ତ୍ରୀଟିର
ପ୍ରତିଟି ମୁହୂର୍ତ୍ତ, ଦିବାରାତ୍ର ।
ତଥାପି ବଞ୍ଚୁଥାଏ ସେ
ଜିଇଁଥାଏ ହାରି ହାରି
ନୀରବ ଅସ୍ତିତ୍ୱ ତାର ରଖେ ସେ ଜାହିର
ମରି ମରି ମୂର୍ତ୍ତିମନ୍ତ ହେଉଥାଏ
ଜରିଜରି ହୁଏ ଜାଗରୂକ
ନାରୀମଣିଷର ଅସ୍ମିତାର ସ୍ମୃତି
ସବୁରି ଅଜାଣତରେ
ଖୁବ୍ ସନ୍ତର୍ପଣେ
ପାର୍ବଣ ତଳେ ନିଆଁ ଜୁଳଟେ ଯେମିତି
କେବେ ଦିନେ ହେବ
ଜ୍ୟୋତିରିଙ୍ଗଣରୁ ଦିବ୍ୟଜ୍ୟୋତି ।

♥ ୨/୧୧,ଶ୍ରୀ ଟାୱାରସ୍,ବିଜେବି ନଗର,ଭୁବନେଶ୍ୱର-୭୫୧୦୧୪,
ଫୋନ:୯୯୩୭୧୯୮୯୩୫

ଅପରିଚିତାର ଓଠ

ରଜନୀ ଶତପଥୀ

ଦେଖିଥିବା ଆକସ୍ମିକ ମୁହୂର୍ତ୍ତ
ମୋର ନ ସରିବା ପର୍ଯ୍ୟନ୍ତ...
ମତେ କରେ ବିବଶ
ଅପରିଚିତାର ଓଠ ।
ଓଠ ନ ଓଠ
ତା' ପରି ନାହିଁ କିଛି
ତା' ସରି ନୁହଁ କିଛି
ଯେତେ ଉପମା ବିଅର୍ଥ ।
ରଙ୍ଗର ପସରା ଧରି
ଫେରିବାଲା ପରି ଆସେ ଓଠ
ବୁଲି ବୁଲି ଡାକୁଥାଏ 'ଓଠ ନବ ଓଠ' ।
ସେ ମହୁ ନୁହଁ ନା ମହୁଲ, ନିଆଁ ନୁହଁ ନା ଫୁଲ
ନ ଛୁଇଁ ଜୁଳିବା ପୁଣି ଛୁଇଁ ବାର ସାହାର
ସେଇ ଓଠର ଇନ୍ଦ୍ରଜାଲ ।
ଅପରିଚିତାର ଓଠ
ମୋ' ଅନୁଚିତ ଇଚ୍ଛାର ପ୍ରତିପକ୍ଷ
ଯେବେ ସୀମା ଲଂଘେ ଲୋଭ
ମୋ' ଭିତରେ ଲିପ୍ତ ଏକ ଯୁଦ୍ଧର ଆରମ୍ଭ ।
ସେଇ ଓଠ ଦିଏ ଆଶ୍ଚର୍ଯ୍ୟ ଆହ୍ୱାନ
ଯାହାକୁ ଜିତିବା ପାଇଁ ମୋର ଆପ୍ରାଣ ପ୍ରୟାସ
ଆସକ୍ତିର ଅନେକ ଉଡାଣ
ସେଥିରେ ଇନ୍ଧନ ଭରେ ସେଇ ଓଠ
ମତେ କରେ ବିସ୍ମିତ ମତେ କରେ ବିବଶ ।

♥ ଭୁବନେଶ୍ୱର, ଫୋନ:୯୦୪୦୦୮୯୬୯୭

ଅଣୁଗଳ୍ପ

ବିସ୍ମରଣ

ସୁଦର୍ଶନ ମହାପାତ୍ର



"ହଁ, କ'ଣ ହେଲା କହ ।"

"ନା ନା ବାପା, ସେମିତି କିଛି ନୁହେଁ, ଗୋଟିଏ କଥା ମନେ ପଡିଗଲା ତ ସେଇଥିପାଇଁ ପୁଣିଥରେ ଫୋନ୍ କଲି... !"

"କେଉଁ କଥା ମନେ ପଡ଼ିଲା କହ !"

"ନା ନା ତୁମେ ମନଦୁଃଖ କରିବ, ଥାଉ ।"

"ଆରେ ଫୋନ୍ ଆଉଥରେ କରିଥିଲୁ ତ କହିବାକୁ । କହିଦେ । ହାଲୁକା ଲାଗିବ ।"

ମୁଁ ଝିଅକୁ ଆଶ୍ୱାସନା ଦେବାକୁ କହିଲି ।

"ନା ବାପା, ବିଶେଷ କଥା ସେମିତି ନଥିଲା । ଏମିତି ବୋଉ କଥା ମନେ ପଡିଗଲା ତ ସେଇଥିପାଇଁ... !"

"ହଁ ତୋ ବୋଉର ଶ୍ରାଦ୍ଧ ବାର୍ଷିକୀ ଆଉ ଅଳ୍ପ ଦିନ ରହିଲା ତ ବୋଉ କଥା ମନେ ପଡୁଥିବ ।"

"ବୋଉର ଶ୍ରାଦ୍ଧ ବାର୍ଷିକୀ କେବେ ବାପା ? ସେଇ କଥା ହିଁ ପଚାରିବି ବୋଲି ଫୋନ୍ କରିଥିଲି ।" କହିଲା ମାନୀ ।

"ତୁ ପାଠଶାଠ ପଢ଼ିଚୁ । ଏତେ ପାଠ ପୁଣି କେମିତି ମନେ ରଖିଥିଲୁ ? ପୁଣି ଶିକ୍ଷୟିତ୍ରୀ ହେଇଛୁ । ନିଜେ ପାଠ ମନେ ନରଖି ପିଲାଙ୍କୁ କେମିତି ପଢ଼ାଉଛୁ ? ଆଚ୍ଛା ଠିକ୍ ଅଛି । ଶ୍ରାଦ୍ଧ ବାର୍ଷିକୀ ପୂର୍ବଦିନ ମୁଁ ତୋତେ ଜଣାଇ ଦେବି । ଆଗରୁ କହିଲେ ତୁ ପୁଣି ଭୁଲିଯିବୁ ।" ହସି ହସି କହିଲି । ସେ ଫୋନ୍ କାଟିଲା ।

ମାନୀ ମୋ ଝିଅ । ବାହାସାହା ହୋଇ ନିଜ ସଂସାର କଲାଣି । ଅଥଚ ଏମିତି ବ୍ୟବହାର କରୁଛି ଯେମିତି ଛୋଟ ପିଲା । ତା'ର ଏମିତିକା ବୁଦ୍ଧି ପିଲାଦିନରୁ ଏପର୍ଯ୍ୟନ୍ତ ରହି ଆସିଛି ।

ଛୋଟବେଳୁ ଭାରି ଜିଦିଆ ସେ । ସବୁ କଥାରେ ତା ଠୁ ବଡ଼ ଭାଇ ସହିତ ବାଦ । ଘରକୁ ଯାହା ଆସିବ ତା'ର ଭାଗ ବେଶୀ ହେବା ଦରକାର । ନଚେତ୍ କାନ୍ଦିବାଟି ଅଥୟ ହେବ । ପୁଅ ମୁନା ସାନ ଭଉଣୀର ଜିଦି ଆଗରେ ସବୁବେଳେ ହାର୍ ମାନିବା ଥୟ ।

ଏଇ ଧାରା ଗଢ଼ି ଆସିଲା ସେମାନେ ଦୁହେଁ ବଡ଼ ହେଲା ପର୍ଯ୍ୟନ୍ତ । କୌଣସି ପର୍ବପର୍ବାଣିରେ ମାନୀର ନୂଆ ଡ୍ରେସ୍ ହେବ ହିଁ ହେବ । ହେଲେ ମୁନାର କିଛି କଟାଳ ନଥାଏ କହିଲେ ଚଳେ ।

ଟ୍ରେନରେ ଟ୍ୟୁମର୍ ହୋଇଥିଲା ସୁଜାତାଙ୍କର । ହେଲେ ସଠିକ ନିରୂପଣ ହେଲା ବେଳକୁ କ୍ୟାନ୍ସର ଥାର୍ଡ ଷ୍ଟେଜ୍‌ରେ ପହଞ୍ଚି ସାରିଥିଲା । ଡାକ୍ତରଙ୍କ ପରାମର୍ଶରେ ଅପରେସନ୍ କରା ହେଲା ସିନା ସୁଫଳ କିଛି ମିଳିନଥିଲା । ଦୀର୍ଘ ଆଠ ଦଶ ମାସ ବିଛଣାରେ କୋମା ଷ୍ଟେଜ୍‌ରେ ରହି ଶେଷରେ ଆଖି ବୁଜିଲେ । ହେଲେ ତା ବୋଉ ପାଖରେ ଛାଇଟିଏ ହୋଇ ଶେଷ ପର୍ଯ୍ୟନ୍ତ ଲାଗି ରହିଥିଲା ମୁନା ।

ରୋଗ ନିରୂପଣ ଦିନ ଠାରୁ ଶେଷ ସମୟ ପର୍ଯ୍ୟନ୍ତ ସେଇ ବାଙ୍ଗାଲୋରରେ ଥାଇ ମଝିରେ ମଝିରେ ବୋଉ କଥା ପଚାରି ବୁଝୁଥିବା ମାନୀ ଶେଷରେ ଆସି ପହଁଚିଲା କ୍ରିୟାରେ ଭାଗ ନେବାକୁ । ଗଲାବେଳକୁ କିନ୍ତୁ ଚାହିଁଲା ସେ ଶୁଣିଥିବା ମୋର ନନ୍ଦନକାନନ ରୋଡରେ ଥିବା ଜାଗାଟିର ମାଲିକାନା ସତ୍ତ୍ୱ ।

"ମୁଁ ସେସବୁ କଥା ଏବେ ଭାବି ନାହିଁ ଏବଂ ମୋର ମୃତ୍ୟୁ ପରେ କେବଳ ସେ ଜାଗା ତୋର ହେବ" ବୋଲି ସ୍ପଷ୍ଟ କହିଲି ।

ସେ ତା'ପରେ ଯାହା କହିଲା ତା'ର ଅର୍ଥ ହେଉଛି ତା ବୋଉର ଗହଣା ଆଉ କେହି ନେବେନି ତ ତା' ବୋଉର ଗହଣା ସବୁ ସେ ହିଁ ନେବାକୁ ହକଦାର ।

କିଛି ନକହି ତାକୁ ସେସବୁ ଦେଇଦେଲି ଅବଶ୍ୟ । ହେଲେ ଏଠୁ ଗଲା ପରେ ସେ ଆଉ ଫୋନ୍ କରୁନଥିଲା । ଏବେ ସାବିତ୍ରୀ ବ୍ରତ ପୂର୍ବରୁ ଟଙ୍କା ପଠେଇଲି ତ ସେ ପୁଣି କଥାବାର୍ତ୍ତା ଆରମ୍ଭ କରିଛି ।

ଆଜି ସେ ଫୋନ୍‌ରେ ସେମିତି କଥା ହେଲା ମୋତେ କାହିଁକି ବେଖାପ ଲାଗିଲା । ସତରେ କ'ଣ ତା'ର ବୋଉ କଥା ମନେ ପଡ଼ିଲା ବୋଲି ଫୋନ୍ କଲା ? ମୁଁ ସଂଶୟରେ ରହିଲି ।

ପରଦିନ ପ୍ରଥମେ ମୋ ପାଖକୁ ତା ବୋଉର ଗୋଟିଏ ଫଟୋ ପଠାଇଲା । ଆମେ ଡାଭିଲଣ୍ଡାଙ୍କ ଛାତ ଉପରେ ବସି ଫଟୋ ଉଠାଇଥିଲୁ ବୋଲି ମନେ ପଡ଼ିଲା ।

କିଛିକ୍ଷଣ ପାଇଁ ଅତୀତରେ ମୁଁ ହଜିଗଲି । ଯେତେ କହିଲେ ବି ମୋ ପାଖରେ ବସି ଫଟୋ ଉଠାଇବାକୁ ରାଜି ହେଉନଥିଲେ ସୁଜାତା । ଶେଷରେ ପୁଅ ଝିଅ ଦୁଇଜଣଙ୍କ ସହିତ ଆସି ଫଟୋ ଉଠାଇବା ପାଇଁ ବସିଥିଲେ ପାଖରେ... !

ମୋତେ ପ୍ରକୃତିସ୍ଥ କଲା ମାନୀର ଫୋନ୍ କଲ୍ ।

"ବାପା ଫଟୋ ଦେଖିଲ ?"

"ହଁ, ଜାଣିନୁ ତୋ ବୋଉ..."

"ମୁଁ ଜାଣେ ସବୁ ।" ମୋତେ ସେମିତି କଥା କହିବାକୁ ଅନୁମତି ଦେଲାନି ମାନୀ ।

"ତାହେଲେ ତୁ କ'ଣ କହିବୁ କହ ।" ମୁଁ ଧୀର ସ୍ୱରରେ କହିଲି ।

"ଏଇ ଫଟୋରେ ବୋଉ ଯେଉଁ ଚେନ୍ ଆଉ କାନଫୁଲ ପିନ୍ଧିଛି ସେସବୁ କାହିଁ.. ?"

ମାନୀ ଗତକାଲି କାହିଁକି ଫୋନ୍ କରିଥିଲା କାହିଁକି ମୁଁ ଏବେ ସ୍ପଷ୍ଟ ବୁଝି ପାରିଲି । ଫୋନ୍ କାଟିଦେବା ଆଗରୁ କହିଲି "ସେସବୁ କଥା ଏବେ ଆଉ ମୋର ମନେ ନାହିଁ... !!"

♥ ବୃନ୍ଦାବିହାରୀ ଲେନ, କଟକ
ଫୋନ: ୯୪୩୮୧୬୭୫୫୪୨

ପାଠକୀୟ ପ୍ରତିକ୍ରିୟା

'ଅଣଚାଶ' : ମନର ଦେହରେ ଅଣଲେଉଟା ଆୟୁଷ

♥ ବହିର ନାମ : **ଫୁଲନିଆଁ ଫୁଲକେନସିଆ**
♥ ସ୍ରଷ୍ଟା : ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ
♥ ପ୍ରକାଶକ: ପଶ୍ଚିମା, ଭୁବନେଶ୍ୱର
♥ ପୃଷ୍ଠା :୧୨୦
♥ ମୂଲ୍ୟ :୧୪୯.୦୦
♥ ପ୍ରଥମ ସଂସ୍କରଣ : ୨୦୨୪

ଯେଉଁ କବି କହି ପାରନ୍ତି "ଫିଙ୍ଗି ଦେଲେ ଏଠି କଦମ୍ବର କଢି / ବୋମା ଯାଉଛି ଫୁଟି /ବାନ୍ଧି ଦେଲେ ମନ କାମନା ବୃକ୍ଷରେ /ସମ୍ପର୍କ ଯାଉଛି ତୁଟି", ସେ କବିଙ୍କ ପାଇଁ ଆକାଶ ଜମାକୁ ଦୂର ନୁହେଁ ! ଅଣଚାଶ ପବନକୁ ଧରିବା ବି ଅସମ୍ଭବ ନୁହେଁ । ହଁ ! ମୁଁ କହୁଛି, ଭାରତର ବିଭିନ୍ନ ଆଞ୍ଚଳିକ ଭାଷାରେ ପ୍ରକାଶିତ 'ଅବବୋଧରା'ର ଗାଳ୍ପିକ ଓ 'ଜହର ବାସର କବିତା' ସଂକଳନର କବି **ରାଜ କିଶୋର ଦାସଙ୍କ** କଥା । ଏବେ ମୋ ହାତରେ ତାଙ୍କର କବିତା ସଂକଳନ 'ଅଣଚାଶ'ର ଦ୍ୱିତୀୟ ସଂସ୍କରଣ ।

ଏଠି ମୁଁ ଦେଖୁଛି, ଶ୍ରୀଯୁକ୍ତ ଦାସ ଗପରେ ଯେମିତି ମୋହାଚ୍ଛନ୍ନ କଲା ପରି କୁହନ୍ତି ପ୍ରେମ ଓ ଜୀବନର କଥା, ଠିକ୍ ସେମିତି କବିତାରେ କହୁଛନ୍ତି ଜୀବନର ନାନାବିଧ କଥା । କହୁଛନ୍ତି ପ୍ରେମ ଓ ଅଣଚାଶ ପବନର କଥା । ସେ କହୁଛନ୍ତି, "ସୂର୍ଯ୍ୟ ଉଦିବା ଦେଖି ନପାରିଲେ ଯେ, ସକାଳ ହୁଏନି / ଏମିତି କିଛି ନାହିଁ ।" (ପୃ.୧୨)

ହଁ, ସବୁ କିଛି ଗୋଟାଏ ଗୋଟାଏ ଅନୁଭବର କଥା । ସେହି ଅନୁଭବର କଥା କହୁ କହୁ କବି କହି ଦିଅନ୍ତି ପ୍ରେମିକାର ଭିଜ ବିନ୍ଦୁ କଥା ଏବଂ କହିଦିଅନ୍ତି 'କାଳି ଝିଅ ଓ ନୀଳ ସମୁଦ୍ର'ର କଥା । ସେହି କାଳି ଝିଅ ଓ ନୀଳ ସମୁଦ୍ରର କଥା କହିବା ବେଳକୁ ସେ କୁହନ୍ତି, "କାଳି ଝିଅ ଓ ନୀଳ ସମୁଦ୍ର କଥା / ଜମା ପଚାରନା / ଯେତେ ସ୍ଥିର ଯେତେ ଗଭୀର / ଏ ନୀଳ ସମୁଦ୍ର, / ସେତେ ନିବିଡ଼ କାଳି ଝିଅର ପ୍ରେମ ।" (ପୃ.୨୪)

କବି କୁହନ୍ତି, ଏମିତି କୁଆଡ଼େ ଭାବନ୍ତି କବି **ଅଜୟ ସ୍ୱାଇଁ** । ଖୋଲା ଭାଇଙ୍କ ଗୀତ ଆଉ ଅଜୟ ସ୍ୱାଇଁଙ୍କ ଉପଦେଶ ସହିତ କବିଙ୍କର ହୁଏ ଭେଟ । ସେହି ଭେଟରୁ ଜନ୍ମ ନିଏ କବିତା 'କାଳି ଝିଅ ଓ ନୀଳ ସମୁଦ୍ର' । ଏଠି କବିତାରେ ଭାବ, ରୂପକ ଓ ଶବ୍ଦ ଗୁମ୍ଫନ ଠିକ୍ ଥାଇ ଥିଲେ ବି କେଜାଣି କାହିଁକି ମୋର ଅନୁଭବ ହୁଏ ଏ କବିତାରେ ଶବ୍ଦ ବସାଣ ଆହୁରି ଅଧିକ ସୁନ୍ଦର ହୋଇପାରି ଥାଆନ୍ତା ଦ୍ୱିତୀୟ ଅନୁଚ୍ଛେଦରେ ।

କବିଙ୍କ ମନ ପବନ ପରି ଉଡେ । କେତେବେଳେ ସେ ବସେ ରାଜାରାଣୀ ମନ୍ଦିର ସାମ୍ନାରେ ତ କେତେବେଳେ ଦେବୀଙ୍କ ଗାଁରେ । କବି କୁହନ୍ତି ହାତ ପାହାନ୍ତାରେ ଥିବା ଆକାଶ କଥା, ଯେଉଁ ଆକାଶକୁ ସେ ଦେଖନ୍ତି ରାଜାରାଣୀ ମନ୍ଦିର ସାମ୍ନାରେ । ସେହି ଆକାଶରେ ଉଡ଼େ ରଙ୍ଗ ବେରଙ୍ଗର ଗୁଡ଼ି । ସେହି ଗୁଡ଼ିର ରଙ୍ଗ, ପ୍ରେମର ରଙ୍ଗ ଠାରୁ ଭିନ୍ନ ନୁହଁ । ସେହି ନଟେଇର ସୂତା, ତମ ଆମର ସମ୍ପର୍କ ଠାରୁ ଅଲଗା ନୁହଁ । ସେହି ସମ୍ପର୍କର ସ୍ଥିରତା ପାଇଁ କଣ ସବୁବେଳେ ଆମେ ହିଁ ଦାୟୀ ? ପବନ ବି ତ ଦାୟୀ ତାଆ ପାଇଁ । ଏଣୁ ଖୁବ୍ ସୁନ୍ଦର ଭାବରେ ଗୁଡ଼ିକୁ ପ୍ରତୀକ କରି କବି କୁହନ୍ତି ସମ୍ପର୍କର କଥା । କବି କୁହନ୍ତି ପ୍ରେମର କଥା । କବି କୁହନ୍ତି ମିଛ ନହେଉ ସମ୍ପର୍କ, ମିଛ ନହେଉ ପ୍ରେମ, ପ୍ରେମିକାର ମୁହଁରେ ଶୋଭା ନପାଉ ମିଛ । ଝରକା ଦେଇଁ ସେପାଖର ଜହ୍ନ ପରି ପ୍ରେମ ହେଉ ସତ ।

ଅନେକ ସମୟରେ ଆମେ ନଚାହିଁଲେ ବି ଆଖିକୁ ବାଜି ଯାଏ ଲୁହ । ଯେତେ ଲୁଚାଇବାକୁ ଚେଷ୍ଟା କଲେ ବି ଲୁଚାଇ ହୁଏନା ସେ ଲୁହକୁ । ଅଣଚାଶ ପବନର ଦେହରେ ଅଣଲେଉଟା ଆୟୁଷ ପରି ଅଣଲେଉଟା ସେହି ଲୁହ । ସେହି ଲୁହର କଥା କହିବାକୁ ଯାଇ କବି କୁହନ୍ତି, "ଅଣଲେଉଟା ଆୟୁଷ ପରି ଲୁହ /ଯାହା ଅତି ନିଜର ହେଲେବି /ନିଜର ହୋଇ ପାରେନା /ବୋହି ଯାଉଥାଏ /ଅଜାଣତରେ ଜାଣତରେ /ଅନେକବାର ଅନେକ ଥର ।" (ପୃ.୩୯)

ଏଇ ଆଖିର ଲୁହକୁ କବି ଯୋଡ଼ନ୍ତି ନିଜ ଆୟୁଷ ସହିତ, ଯୋଡ଼ନ୍ତି ଅଣଚାଶ ପବନ ସହିତ । କବି ଆକାଶକୁ ଚାହାନ୍ତି, ଜହ୍ନ ଓ ତାରାକୁ ଦେଖନ୍ତି ଓ ପ୍ରିୟତମାକୁ କୁହନ୍ତି ଦେବୀ ବୋଲି । କବି କୁହନ୍ତି, "ଘୁଙ୍ଗ ବାଜେ /ତୋରି ନାଁ ରେ ତୋତେ ଦେଇ /ତୋରି ପାଇଁ ଦେବୀ ! ++++ ତୁ ଜହ୍ନ ନହୋଇ /ତାରାଙ୍କ ଗହଣରେ ତାରାଟେ ହୋଇ ରହ / ସାରା ରାତିରେ କବି ଆଖିରେ ନିଦ ନଥାଉ/ସେ ଖୋଜୁଥାଉ ତାରାଙ୍କ ଗହଳରୁ ତୋତେ ।" (ପୃ.୪୦,୪୧)

ହଁ ନାରୀଟେ ସବୁ ସାଧାରଣ ଲୋକଙ୍କ ପରି କେବଳ ନାରୀଟେ ହୋଇ ରହୁ । ତାଆ ନାରୀ ସୁଲଭ ଗୁଣରେ ସେ ହସୁ, ଖେଳୁ, ବୁଲୁ ଏବଂ କରୁ ସବୁ କିଛି ତାଆ ଇଚ୍ଛା ମୁତାବକ । ସେ ସ୍ୱତନ୍ତ୍ର ଭାବେ କହିବାକୁ ତାଆ ହସ ଲୁହର କଥା, ପ୍ରେମ ପ୍ରଣୟର କଥା, ମାଟି ଖପରା ଆଉ ବୋହୁ ଚୋରୀ ଖେଳର କଥା, ମାଟି ଓ ମମତାର କଥା । ତାକୁ ଆକାଶର ଜହ୍ନ ପରି ଅଲଗା କରିବା ପାଇଁ ତାଆ ଉପରେ ଜବରଦସ୍ତି ଲଦି ଦିଆନଯାଉ ଦେବୀପଣ । ସେଥିପାଇଁ କବି କୁହନ୍ତି, "ତଥାପି ଦେବୀ ସତ କହୁଛି /ତୋ ଦେବୀ ମୁଖା ଫିଙ୍ଗି ଦେଇ ଦେଖ୍ /ତୁ କେମିତି ନାରୀଟିଏ ! /କେବଳ ନାରୀଟିଏ !!" (ପୃ.୪୪)

ସତରେ ଦେବୀଟିଏ ଜମାରୁ ଭିନ୍ନ ନୁହଁ ନାରୀଟିଏ ଠାରୁ । ଦେବୀର ଦେବୀପଣ ଭିନ୍ନ ନୁହେଁ ପ୍ରିୟତମାର ପ୍ରେମ ଠାରୁ କି ମାଆର ମମତା ଠାରୁ । ନାରୀର ନାରୀପଣ ଅନେକ ସମୟରେ ଲୁଚିଯାଏ ସେଇ ଦେବୀ ମୁଖା ତଳେ, ଲୁଚିଯାଏ ମହାନିର୍ବାଣର କଥା ଭିତରେ । ହେଲେ କବିଟିଏ ଦେଖେ ଦେବୀମୁଖା ତଳେ ଚାପି ହୋଇ ରହି ଯାଇଥିବା ସେହି ନାରୀକୁ, ସେହି ଦେବୀକୁ । କବି ଦେଖେ ସେହି ଦେବୀର ଗାଁକୁ । ଖୁବ୍ ସୁନ୍ଦର ହୋଇଛି ଏଠି ଦେବୀଙ୍କୁ ନେଇ ସଂକଳନର ନଅଟିଯାକ କବିତା । ନିଜ ଇଚ୍ଛା ମୁତାବକ ଉଡ଼ାଘରଟିଏ ନମିଳିବାରୁ ଅବସୋସ ରହେ ନିଶ୍ଚୟ । ଏଠି କବି କହିଛନ୍ତି ସେହି ଅବସୋସର କଥା ଏବଂ ସଂକଳନଟିର ଶେଷ କବିତାଟିକୁ ସଜାଇଲା ବେଳେ କହିଛନ୍ତି, ଏ ନୁହେଁ ଶେଷ କବିତା ।

♥ ସମୀକ୍ଷା : ଶୁଭ ନାରାୟଣ ସ୍ୱାଇଁ
ରାଠୋର ବିଲ୍ଡିଂ, ମହତାବ ରୋଡ୍, ଗ୍ରୀଫିନ ରୋଡ୍,
ବାଲେଶ୍ୱର-୭୫୬୦୦୧
ଫୋନ: ୮୪୮୦୧୯୬୩୭୨

ସିଥୋ ଆରମ୍ଭ
SEITHO ARAMBHA

ରବିବାର, ୨୨ ଜୁନ,୨୦୨୫ : ବାଲେଶ୍ୱର : ପୃଷ୍ଠା -୬

ପାରାଦୀପ ପୌରପାଳିକା ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ

ପାରାଦୀପ, ୨୧/୦୬ (ଆ.ପ୍ର) : ଆନ୍ତର୍ଜାତୀକ ଯୋଗ ଦିବସ ପାରାଦୀପ ପୌରପାଳିକା ପକ୍ଷରୁ ମହାସମାରୋହରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇଥିଲେ । ଆଜିର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ଏକ ଶାନ୍ତ ତଥା ଚାପମୁକ୍ତ ପରିବେଶ ପାଇଁ ଲୋକମାନେ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବା ଏକାନ୍ତ ଜରୁରୀ ହୋଇପଡ଼ିଛି । ୨୦୧୪ ମସିହାରେ ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ପରି ଏକ ଅନନ୍ୟ ଭାରତୀୟ ପରମ୍ପରାକୁ ସମସ୍ତେ ଆପଣେଇବା ଲାଗି ଏକ ପ୍ରସ୍ତାବ ଦେଇଥିଲେ । ତା' ପରେ ଯୋଗର ଉପକାରିତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ର ଜୁନ୍ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିବା ପାଇଁ ରାଜି ହୋଇଥିଲେ । ଯୋଗଦ୍ୱାରା ସ୍ୱାସ୍ଥ୍ୟଗତ ଲାଭ ସମସ୍ତେ ନେବା ଓ ଏହାକୁ ଦୈନିକ ନିଜ ଦିନଚର୍ଯ୍ୟାରେ ଅଂଶିଭୂତ ପାଇଁ ଅନୁରୋଧ କରିବା ବୋଲି ସମ୍ବୋଧି ଦେଇଥିଲେ ଅତିଥିମାନେ । ଯୋଗ ଦିବସରେ ଅତିରିକ୍ତ ଜିଲାପାଳ, ପାରାଦୀପ ଅତିରିକ୍ତ ଆରକ୍ଷୀ ନିରୀକ୍ଷକ, ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେହେରା, ଗୋଆ କାର୍ବନ ୟୁନିଟ୍ ମୁଖ୍ୟ ବେନୁଗୋପାଳ ନାଇଡୁ, ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଶସ୍ମିତା ସତପଥୀ ପ୍ରମୁଖ ଯୋଗ ଦେଇ ଯୋଗ ଏକ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସନ୍ତୁଳନର ଅଭ୍ୟାସ ବୋଲି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ପାରାଦୀପର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବିଭିନ୍ନ ସେଚ୍ଛାସେବୀ ସଂଗଠନର ସଦସ୍ୟମାନେ ସାମିଲ୍ ହୋଇ ଯୋଗ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଶେଖ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭୋଗରାଇ, ୨୧/୦୬ (ଆ.ପ୍ର) : ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ପତଞ୍ଜଳି ଯୋଗ ସମିତିର ଯୋଗ ଶିକ୍ଷକ ସୁଦାମ ଚରଣ ପ୍ରଧାନ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ଯୋଗାସନ ଅଭ୍ୟାସ କରାଇବା ସହିତ ଆସନ ଗୁଡ଼ିକର ଉପାଦେୟତା ସମ୍ପର୍କରେ ଧାରଣା ଦେଇଥିଲେ । ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଗାୟତ୍ରୀ ହେମ୍ବ୍ରମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲା ବେଳେ ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଯୋଗର ମହତ୍ୱ ବଖାଣିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭା ପ୍ରାରମ୍ଭରେ ଛାତ୍ର ନନ୍ଦନ କୁମାର ପଣ୍ଡା ମଙ୍ଗଳାଚରଣ ପାଠ କରିଥିବାବେଳେ ସଭା ଶେଷରେ ଛାତ୍ର ଦେବାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ ।

ବରୀ ବ୍ଲକ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବରୀ, ୨୧/୦୬ (ଆ.ପ୍ର) : ବରୀବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରୀବ୍ଲକ ବିଡ଼ିଓ ଅସିତ୍ କୁମାର ମହାନ୍ତି ଯୋଗଦେଇ ଉକ୍ତ ଯୋଗ ଶିବିରକୁ ଉଦ୍‌ଘାଟନ କରି ଯୋଗ ମଣିଷକୁ ସୁସ୍ଥ ରଖିବା ସହ ନିରୋଗ ରଖିଥାଏ ତେଣୁ ପ୍ରତ୍ୟେକ ମଣିଷ ନିଜର ଦୈନନ୍ଦିନ ସମୟରୁ କିଛି ସମୟ ବାହାର କରି ଯୋଗ କଲେ ସୁସ୍ଥ ରହିବା ସହ ନିରୋଗ ରହିବେ ବୋଲି କହିଥିଲେ । ଆଜିର ଯୋଗ ଶିବିରରେ କସ୍ତୁରବା ମାତୃ ମଙ୍ଗଳ କେନ୍ଦ୍ର ଠାରେ ଥିବା ବ୍ରହ୍ମ କୁମାରୀ ଇଶ୍ୱରିୟ ବିଶ୍ୱ ବିଦ୍ୟାଳୟର ଯୋଗ ପ୍ରଶିକ୍ଷକ ବିକେ ରଶ୍ମିତା ସାହୁ, ବିକେ ରତିକାନ୍ତ, ବିକେ କଳ୍ପନା ଯୋଗଦେଇ ପ୍ରାଣାୟମ ଓ ଯୋଗ କରାଇଥିଲେ । ଆଜିର ଶିବିରରେ ବ୍ଲକର କର୍ମଚାରୀ, ଗଣ ମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକାସିକ୍ଷିକା, ମିଶନ ଶକ୍ତିର ମା ମାନଙ୍କ ସମେତ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜିପିଇଓ ଲକ୍ଷ୍ମୀକାନ୍ତ ମହାରଣା, କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପଣ୍ଡା, ଅନିରୁଦ୍ଧ ସାହୁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ । ଅନୁରୂପ ଭାବେ ଧାମପୁର ପଂଚାୟତ ନାଥପୁର ଠାରେ ଥିବା ଅମୃତ ସରୋବର ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସରପଂଚ କୁନା ମଲିକ, ସମିତି ସଭ୍ୟ ଶ୍ରୀଧର ସେଠି, ପୂର୍ବତନ ସମିତି ସଭ୍ୟ ସୁରେଶ ମଲିକ, ଏଡିଇଓ ମାନସ ଗୋବିନ୍ଦ ବାରିକ ମିଶନ ଶକ୍ତିର ସଦସ୍ୟା ମାନେ ଉପସ୍ଥିତ ଥିଲେ ।

ବର୍ଷ ପୂର୍ତି ଅବସରରେ ଏକ ପେଡ ମା କି ନାମ କାର୍ଯ୍ୟକ୍ରମରେ ୧୦୦ ଚାରା ଗଛ ଏନ୍ ଏ ସି ପକ୍ଷରୁ ଲଗାଗଲା

ନୀଳଗିରି, ୨୧/୦୬ (ଆ.ପ୍ର) : ଅନ୍ତର୍ଜାତୀୟ ଯୋଗ ଦିବସ ତଥା ରାଜ୍ୟ ସରକାରଙ୍କ ବର୍ଷ ପୂର୍ତି ଅବସର ରେ,ନୀଳଗିରି ଏନ୍‌ଏସି ପକ୍ଷରୁ ୧୦୦ ଚାରା ଗଛ ଲଗାଯାଇଛି । ସୂଚନାରୁ ଜଣାଯାଇଛି,ଏନ୍‌ଏସି ୪ ନମ୍ବର୍ ୱାର୍ଡ ମିରିଗିଣି ଗାଁ ଶ୍ମଶାନ ପଡ଼ିଆରେ ବୃକ୍ଷ ରୋପଣ କରାଯାଇଛି । ଏଥି ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଆନୁଷ୍ଠାନିକ ଭାବେ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ଅନ୍ୟ ମାନଙ୍କ ମଧ୍ୟରେ,ଏନ୍ ଏ ସି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, କାଉନସିଲର ରତିପ୍ରଭା ସାହୁ, ପ୍ରତିମା ମୁଦୁଲି, ରାକୁ ସିଂ, ଏନ୍ ଏ ସି କର୍ମଚାରୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ବିଧାୟକ ଶ୍ରୀ ଖଟୁଆ ତାଙ୍କ ଉଦ୍‌ବୋଧନରେ, ଉକ୍ତ ବୃକ୍ଷ ଗୁଡ଼ିକ ଆଗାମୀ ଦିନରେ, ଅଂଚଳର ପରିବେଶ ସନ୍ତୁଳନତା ରକ୍ଷା କରିବା ନିଶ୍ଚିତ ବୋଲି କହିବା ସହିତ, ଉକ୍ତ କାର୍ଯ୍ୟକ୍ରମ ହରିତ୍ ଯୋଗାର ଏକ ଅଂଶ ବିଶେଷ ବୋଲି ପ୍ରକାଶ କରିଥିଲେ ।

ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ହେଲା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମେଗା ରକ୍ତଦାନ ଶିବିର

ବାଲେଶ୍ୱର, ୨୧/୦୬ (ଆ.ପ୍ର) : ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୭୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବାଲେଶ୍ୱର ଶିଳ୍ପାଂଚଳ ସ୍ଥିତ ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟ ଓ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମେଗା ରକ୍ତଦାନ ଶିବିର 'ସମ୍ବାଦ-ଆମ ଓଡ଼ିଶା' ମିଳିତ ସହଯୋଗରେ ଆଂଚଳିକ କାର୍ଯ୍ୟାଳୟ ଏବଂ ଏଫ୍ ଏମ କଲେଜ୍ ରୋଡ ବ୍ରାଂଚ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଆଂଚଳିକ କାର୍ଯ୍ୟାଳୟରେ ଆୟୋଜିତ ଶିବିରକୁ ଉପ ମହାପ୍ରବନ୍ଧକ ପ୍ରଶାସନିକ କାର୍ଯ୍ୟାଳୟ ବାଲେଶ୍ୱର ପ୍ରଭାତ କୁମାର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଆଂଚଳିକ କ୍ଷେତ୍ରୀୟ ପ୍ରବନ୍ଧକ ଯଶବନ୍ତ ଦାଶ, କ୍ଷେତ୍ରୀୟ କାର୍ଯ୍ୟାଳୟ ମାନବ ସମ୍ବଳ ମୁଖ୍ୟ ପ୍ରବନ୍ଧକ ମିନକେତନ ବାରାଳିବଢିଆ, ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ(ଅପରେସନ୍) ବୁଦ୍ଧିରାମ ପାଣିଗ୍ରାହୀ, ମାନବସମ୍ବଳ ଅଧିକାରୀ ସବ୍ୟସାଚୀ ମହାପାତ୍ର ଓ ବାଲେଶ୍ୱର ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅଧିକାରୀ ସଂଘର କ୍ଷେତ୍ରୀୟ ସମ୍ପାଦକ ରାଜେଶ କୁମାର ବେହେରା, କର୍ମଚାରୀ ସଂଘର ଉପ ସଭାପତି ପରମାନନ୍ଦ ଦେ, କର୍ମଚାରୀ ସଂଘର ଆଂଚଳିକ ସମ୍ପାଦକ ମାନସ କୁମାର ମହାପାତ୍ର, ଅଧିକାରୀ ସଂଘର ଆଂଚଳିକ ସମ୍ପାଦକ ମନ୍ମଥ ସାହୁ, ସଭାପତି ମହେଶ୍ୱର ପତି, ମାନବ ସମ୍ବଳର ସହଯୋଗୀ ବିଶ୍ୱ ସୁନ୍ଦର ଦାଶ, ଦିଗ୍ ବିଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୨୩୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସେହିପରି ଏଫେମେ କଲେଜ୍ ରୋଡ ବ୍ରାଂଚରେ ଆୟୋଜିତ ରକ୍ତଦାନ ଶିବିରକୁ ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟ ମୁଖ୍ୟ ପ୍ରବନ୍ଧକ(ଅପରେସନ୍) ବୁଦ୍ଧିରାମ ପାଣିଗ୍ରାହୀ ଉଦଘାଟନ କରିଥିଲେ । ଏଫ୍ ଏମ କଲେଜ୍ ରୋଡ ବ୍ରାଂଚ ଶାଖା ପ୍ରବନ୍ଧକ ଡାଳି ଚନ୍ଦ୍ର ମୋଚନ ମଙ୍ଗଳ ଓ ଗୟାଧର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୧୦୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ପଦ୍ମଲୋଚନ ନନ୍ଦୀ, ସବ୍ୟସାଚୀ ରାଉତ, ମାନସ ମହାପାତ୍ର, ଜଗନ୍ନାଥ ଦାଶ, ପଦ୍ମଲୋଚନ ନନ୍ଦୀ, ରାଖାଲ ମହାନ୍ତି, ସୋନୁନିଗମ ବେହେରା, ପ୍ରଫୁଲ୍ଲ ପଣ୍ଡା, ଦେବବ୍ରତ ମିଶ୍ର, ସୁଦିପ କୁମାର ରାଉଳ, ଆଶିଷ ରଣା, ରାଜେଶ ଗିରି, ନବକିଶୋର ମଲ୍ଲିକ, ପ୍ରବୀର୍ କୁମାର ଘଡ଼େଇ, ସରୋଜ କୁମାର ଦାସ, ରାଜେଶ କୁମାର ଶତପଥୀ, ପ୍ରୀତୀ ପଲ୍ଲବୀ, ବିଶ୍ୱ ସୁନ୍ଦର ଦାସ ଓ ସମ୍ବାଦ-ଆମ ଓଡ଼ିଶା ସହଯୋଗୀ ଲକ୍ଷ୍ମୀଧର ବାରିକଙ୍କ ସହ ଆଂଚଳିକ ବ୍ୟବସାୟ କାର୍ଯ୍ୟାଳୟ ବାଲେଶ୍ୱର ଅଧିନସ୍ଥ ସମସ୍ତ ଶାଖା ପରିଚାଳକ, କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ । ବ୍ୟାଙ୍କ୍ ପକ୍ଷରୁ ପ୍ରତ୍ୟେକ ରକ୍ତଦାତାଙ୍କୁ ଆକର୍ଷଣୀୟ ଭାଉଚର୍ ପ୍ରଦାନ କରାଯାଇଥିଲା ।

ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ



କୋଲକାତା, ୨୧/୦୬ (ଆ.ପ୍ର) : ୨୦୨୫ଦକ୍ଷିଣ ପୂର୍ବ ରେଳବାଇ ୨୧.୦୬.୨୦୨୫ ରେ ଏକାଦଶ ଆନ୍ତର୍ଜାତୀୟ ଯୋଗ ଦିବସ - ୨୦୨୫କୁ ବହୁତ ଉତ୍ସାହର ସହିତ ପାଳନ କରିଛି । ଏହି ବର୍ଷର ଆନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ହେଉଛି 'ଏକ ପୃଥିବୀ ପାଇଁ ଯୋଗ, ଏକ ସ୍ୱାସ୍ଥ୍ୟ' । ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ମୁଖ୍ୟ ଅତିଥି ଥିଲେ ଏବଂ ଗାର୍ଡେନ୍ ରିଚ୍, SER ମୁଖ୍ୟାଳୟ, SER ମୁଖ୍ୟାଳୟରେ ଦୀପ ପ୍ରଜ୍ୱଳନ କରି ଯୋଗ ଅଧିବେଶନର ଉଦଘାଟନ କରିଥିଲେ । ସୌମିତ୍ର ମଜୁମଦାର, ଅତିରିକ୍ତ ମହାପ୍ରବନ୍ଧକ, PHOD ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଝରଜ ମୁଖ୍ୟାଳୟରେ ଯୋଗ ଅଧିବେଶନ ଆୟୋଜନ କରାଯାଇଥିଲା ଯେଉଁଥିରେ 'ଦି ଆର୍ଟ ଅଫ୍ ଲିଭିଙ୍ଗ୍, କୋଲକାତା ସେଣ୍ଟର'ର ବିଶେଷଜ୍ଞ ଯୋଗ ପ୍ରଶିକ୍ଷକମାନେ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଧାରଣ ଯୋଗ ପ୍ରୋଟୋକଲ୍ (ଉଣଚ)ର ନେତୃତ୍ୱ ନେଇଥିଲେ । ଯୋଗ ସଚେତନ ନିଶ୍ୱାସ ଏବଂ ଧ୍ୟାନ ମାଧ୍ୟମରେ ଚାପ ଏବଂ ଚିନ୍ତାକୁ ହ୍ରାସ କରେ । ନମନୀୟତା ଏବଂ ଶକ୍ତିକୁ ଉନ୍ନତ କରେ, ଶରୀରକୁ ଫିଟ୍ ଏବଂ ଚପଳ ରଖେ । ଯୋଗ ଅଧିବେଶନ ପୂର୍ବରୁ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧାପ୍ରସାରଣ ଆୟୋଜନ କରାଯାଇଥିଲା । ଝରଜର ଚାରୋଟି ବିଭାଗ ଯଥା ଖଡ଼ଗପୁର, ଆଦ୍ରା, ଚକ୍ରଧରପୁର ଏବଂ ରାଂଚିରେ ମଧ୍ୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା ।

ଡେଙ୍ଗାପଦର ପଂଚାୟତରେ ବିକାଶ ବାହନ ରଥକୁ ସ୍ୱାଗତ

କୁକୁଡାଖଣ୍ଡି, ୨୧/୦୬ (ଆ.ପ୍ର) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତି ଅବସରରେ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଡେଙ୍ଗାପଦର ପଂଚାୟତ କାର୍ଯ୍ୟାଳୟ ପରିସରରେ ସରପଂଚ ଲକ୍ଷ୍ମୀ ମାହାକୁଡଙ୍କ ଅଧ୍ୟକ୍ଷତାରେ ବିକାଶ ବାହନ ରଥ ଶୁଭାରମ୍ଭ ହୋଇଯାଇଛି । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତି ଅବସରରେ ଲୋକଙ୍କ ପାଇଁ ହୋଇଥିବା ବିକାଶ ମୂଳକ କାର୍ଯ୍ୟ ଉପରେ ଏଲିଡି ସ୍କ୍ରିନ ମାଧ୍ୟମରେ ଉପସ୍ଥିତ ଗ୍ରାମବାସୀଙ୍କୁ ସଚେତନା କରିଥିଲେ । ପରେ ପଂଚାୟତ ଅଧିନରେ ଥିବା ଗରିବ ଶ୍ରେଣୀର ହିତାଧିକାରୀଙ୍କୁ ରାସନ୍ କାର୍ଡ, ଭତା କାର୍ଡ, ଆୟୁଷ୍ମାନ କାର୍ଡ ଇତ୍ୟାଦି ସରପଂଚ ଶ୍ରୀମତୀ ମାହାକୁଡ ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରପଂଚ ପ୍ରତିନିଧି ଶଙ୍କର ମାହାକୁଡ, ପିଇଓ ପ୍ରଶାନ୍ତ କୁମାର ବେହେରା, ଏଡିଇଓ ଚନ୍ଦ୍ରଶେଖର ସାହୁ, ଯୋଗାଣ ସହାୟକ ଅରବିନ୍ଦ ପାଣି, କିସାନ୍ ବେହେରା, ଜିତେନ୍ଦ୍ର ପାଣିଗ୍ରାହୀ, ମହନ୍ତ ଚିନ୍ମୟାନନ୍ଦ ଦାସ, ଏକାବିକେ ତପସ୍ୱିନୀ ଗୌଡ଼, ଅଙ୍ଗନବାଡ଼ି ସୁପରଭାଇଜର୍ ପ୍ରତିଭା ମହାନ୍ତି, ପ୍ରମିଳା ଜେନା, ସିଆଇପିଏଫ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

ଅସହାୟ ବୃଦ୍ଧାଙ୍କୁ ମିଳୁନି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ପଂଚାୟତ ଘରେ ବିତୁଛି ଜୀବନ

ଦାରିଙ୍ଗବାଡି, ୨୧/୦୬ (ଆ.ପ୍ର) : ଅସହାୟ ବୃଦ୍ଧାଙ୍କୁ ମିଳୁନି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା । ଘର ଖଣ୍ଡେ ନଥିବାରୁ ବଡ଼ିଲା ପୁଅକୁ ଧରି ପଂଚାୟତ ଘରେ ବିତୁଛି ମାଆ ପୁଅଙ୍କ ଜୀବନ । ପେଟରେ ଦାନା ଖଣ୍ଡେ ଦେବା ପାଇଁ ଅନ୍ୟମାନଙ୍କ ଘରେ ବାସନ କୁସନ ମାଜି କଷ୍ଟେ ମଷ୍ଟେ ଚଳି ଯାଉଛି ଦିନ । ଅନ୍ୟପଟେ ବୃଦ୍ଧାଙ୍କୁ ୮୫ ବର୍ଷ ବିତି ଯାଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତା ୩୫୦୦ ଟଙ୍କା ମିଳୁ ନାହିଁ । କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାମଣିଗାଁ ପଂଚାୟତ ବାଲ୍ମୀକି କଲୋନୀରେ ଲକ୍ଷ୍ମୀ ସାହୁ ନିଜ ସ୍ତ୍ରୀ ହଟିକା ସାହୁ ଏବଂ ପୁଅ ବୁଲୁ ସାହୁଙ୍କୁ ଧରି ଏକ ଭଡ଼ା ଘରେ ରହୁଥିଲେ । ରୋଜଗାର ନଥିବାରୁ ଘର ଭଡ଼ା ଦେଇ ପାରିଲେ ନାହିଁ । ଯାହାରୀ ଫଳରେ ଖରା ବର୍ଷାକୁ ବେ ଖାତିର କରି ଅନ୍ୟ ଦାଣ୍ଡ ଦ୍ୱାରରେ ଭିକ ମାଗି ଚଳିବା ସହ ଆଶ୍ରୟ ନେଉଥିଲେ । ଏହି ୩ ଜଣଙ୍କ ଦୁଃଖ ଦେଖି ସମାଜ ସେବି ଚିତ୍ରସେନ ପାତ୍ର ଏବଂ ବାବୁନି ପଣ୍ଡା ବ୍ରାମଣିଗାଁ ପଂଚାୟତ ଗୃହ ମାଗି ଅସହାୟ ୩ ଜଣଙ୍କୁ ଥଇଥାନ କରିଥିଲେ । ପଂଚାୟତ ଗୃହରେ ରହିବା ପରେ ଲକ୍ଷ୍ମୀ ସାହୁ ନିଜ ସ୍ତ୍ରୀ ହଟିକା ସାହୁ ଏବଂ ପୁଅ ବୁଲୁ ସାହୁଙ୍କୁ ଛାଡ଼ି ଆର ପାରିକୁ ଚାଲିଗଲେ । ଏହା ପରେ ହଟିକା ସାହୁ ନିଜ ପୁଅଙ୍କୁ ଧରି ଅନ୍ୟମାନଙ୍କର ବାସନ କୁସନ ମାଜି ପଂଚାୟତ ଘରେ ବିତାଉଛନ୍ତି ଜୀବନ । ସରକାରଙ୍କ ସହାୟତା କହିଲେ ଚଉଳ ଚାଉଳ ଏବଂ ବାର୍ଦ୍ଧକ୍ୟ ଭତା ଏକ ହଜାର ଟଙ୍କା ମିଳୁଛି । ହଟିକା ସାହୁଙ୍କ ବୟସ ୮୫ ବର୍ଷ ବିତି ଯାଇଥିଲେ ମଧ୍ୟ ବାର୍ଦ୍ଧକ୍ୟ ଭତା ୩୫୦୦ ଟଙ୍କା ମିଳୁ ନାହିଁ । ରାଜ୍ୟ ସରକାର ୮୦ ବର୍ଷରୁ ଊର୍ଦ୍ଧ ବୃଦ୍ଧ ବୃଦ୍ଧା ଙ୍କୁ ୩୫୦୦ ଟଙ୍କା ମିଳିବା କଥା କହୁଥିବା ବେଳେ ତାହା ଏଠି ଫେଲ ମାରିଛି । ଏନେଇ ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଗୁହାରି ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ ।

ଗୋପନରେ ଆୟୋଜିତ ହେଲା ତୁମୁଡ଼ିବନ୍ଧ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ

ତୁମୁଡିବନ୍ଧ, ୨୧/୦୬ (ଆ.ପ୍ର) : ଜୁନ ୨୧ତାରିଖ ମିଳିତ ଜାତିସଂଘ ଦ୍ୱାରା ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ସମଗ୍ର ବିଶ୍ୱରେ ପାଳିତ ହୋଇଆସୁଛି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ତୁମୁଡିବନ୍ଧ ବ୍ଲକ ର ୧୧ ଗୋଟି ପଂଚାୟତରେ ଆୟୋଜିତ ହୋଇଯାଇଛି । ଏବର୍ଷର ମୁଖ୍ୟ ବାର୍ତ୍ତା ରହିଛି 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ' । ସମ୍ପ୍ରତି ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଯୋଗାଭ୍ୟାସ ଶରୀରକୁ ସୁସ୍ଥ ଓ ନିରାମୟ ରଖିବା ସହ କାର୍ଯ୍ୟ ସମ୍ପାଦନ ପାଇଁ ଉର୍ଜା ପ୍ରଦାନ କରିଥାଏ । ତୁମୁଡ଼ିବନ୍ଧ ବ୍ଲକର ଏଗାର ଗୋଟି ପଂଚାୟତ ରେ ସମସ୍ତ ସରପଂଚ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଏଡିଓ), ଯୋଗାଣ ସହାୟକ ସମସ୍ତ ଅଧିକାରୀ ଯୋଗ ଦିବସରେ ଯୋଗଦେଇ ପ୍ରାଚୀନ ଭାରତର ପରମ୍ପରା ବୋଲି ଅଭିହିତ କରିଥିଲେ । ଆଜି ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ସମଗ୍ର ବିଶ୍ୱ ତଥା ଭାରତ ବର୍ଷରେ ଏହି ମହାନ ପରମ୍ପରାକୁ ପୁନର୍ଜୀବିତ କରାଯାଇଥିବାରୁ ସ୍ଥାନୀୟ ବିଡିଓ ବନବିହାରୀ ହରପାଲ ଖୁସି ବ୍ୟକ୍ତ କରିଥିଲେ । କିଶୋର କିଶୋରୀ, ଯୁବ ବର୍ଗ ଏବଂ ବରିଷ୍ଠ ନାଗରିକ, ସମସ୍ତେ ଏହି ପାରମ୍ପରିକ ଅଭ୍ୟାସକୁ ନିଜର ଦୈନନ୍ଦିନ ଜୀବନରେ ସାମିଲ କରି ସୁସ୍ଥ ଓ ନିରାମୟ ରହିବା ପାଇଁ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ବନବିହାରୀ ହରପାଲ, ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଅତିରିକ୍ତ ଶିକ୍ଷା ଅଧିକାରୀ, ସହାୟକ ଯନ୍ତ୍ରୀ, ସିଡିପିଓଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇ ଯୋଗ ମନୁଷ୍ୟର ଆତ୍ମାକୁ ପରମାତ୍ମାଙ୍କ ସହ ଯୋଡିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ନିୟମିତ ଯୋଗ ଅଭ୍ୟାସ ଶରୀରକୁ ସୁସ୍ଥ ରଖିବା ସହ ମନ ପ୍ରଫୁଲ୍ଲ ରଖିଥାଏ ବୋଲି ଅତିଥି ମାନେ କହିଥିଲେ । କିନ୍ତୁ ବିଡମ୍ବନାର ବିଷୟ ଯେ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ କେବଳ ବ୍ଲକ କାର୍ଯ୍ୟାଳୟ ଭିତରେ ସୀମିତ ରହିଗଲା । ଯେଉଁ ମାତ୍ରାରେ ପ୍ରଚାର ପ୍ରସାର ହେବା କଥା ସ୍ଥାନୀୟ ବ୍ଲକ ପ୍ରଶାସନ ତାହାର ବ୍ୟତିକ୍ରମ କରିଛି । ଖୋଲା ପଡ଼ିଆରେ ଯୋଗାଭ୍ୟାସ କରି ସାଧାରଣ ଜନତାଙ୍କ ନିକଟରେ ସୁସ୍ଥ ଜୀବନ ଧାରଣ ନିମନ୍ତେ ଯେଉଁ ବାର୍ତ୍ତା ପହଂଚାଇବା କଥା ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି । ବ୍ଲକ କର୍ମଚାରୀ ମିଳିତ ଭାବେ ବର୍ଷା ହେଉପାରେ ବୋଲି ଆକଳନ କରି ନିଜର ସୌଖିନତା ଦୃଷ୍ଟିରୁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି କ୍ଷ ସରକାରଙ୍କ ବୃହତ ଉଦ୍ଦେଶ୍ୟ ପ୍ରତିପାଦନରେ ଅବହେଳା କରିଛି ବ୍ଲକ ପ୍ରଶାସନ ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି । ଅପରପକ୍ଷେ ସାଧାରଣତ ଯୋଗ ନିୟମାବଳୀ ଅନୁସାରେ ପ୍ରଥମେ ପ୍ରାର୍ଥନା ପରେ ପରେ ବିଭିନ୍ନ ଆସନ ଯେପରି କି ତାଡାସନ, ଭୂଜଙ୍ଗାସନ, ତ୍ରିକୋଣାସନ ଏବଂ ଭ୍ରମରୀ, କପାଳ ଭାତି, ଅନୁଲୋମ ବିଲୋମ ପରି ପ୍ରାଣାୟାମ ମୁଦ୍ରା ପ୍ରଶିକ୍ଷକଙ୍କ ନିର୍ଦ୍ଦେଶନାରେ କରାଯାଇଥିଲା । ଖାଲି ନାଁକୁ ଫୋଟୋ ଉଠେଇ ବାକୁ ବ୍ଲକ ପ୍ରଶାସନ ଏହି କାର୍ଯ୍ୟକ୍ରମ କରିଥିଲେ କି ? ବିଭିନ୍ନ ସମୟବିଭିନ୍ନ କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ସରକାରୀ କାର୍ଯ୍ୟକ୍ରମରେ ଏତେ ଅବହେଳିତ ହେବା ଏକ ଦୁଃଖତ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ।

ମହିଳା ମହାବିଦ୍ୟାଳୟରେ ବୃତି ଚୟନ ପରାମର୍ଶ ଭିତିକ ସେମିନାର ଅନୁଷ୍ଠିତ

ଖଣ୍ଡପଡ଼ା, ୨୧/୦୬ (ଆ.ପ୍ର) : ଖଣ୍ଡପଡ଼ା ସହରସ୍ଥିତ ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବୃତି ଚୟନ ଶୀର୍ଷକ ପରାମର୍ଶ ଭିତିକ ସେମିନାର ଶନିବାର ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପରିଚାଳିତ ଉକ୍ତ ଅନଲାଇନ ପାଠ୍ୟକ୍ରମରେ ଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ଆବଶ୍ୟକ ଉପାଦେୟ ପରାମର୍ଶ ଗ୍ରହଣ କରିଥିଲେ । +୨ ପାଠ ପଢା ଶେଷ ପରେ ଉପଯୁକ୍ତ ବୃତି ଚୟନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରାଯାଇଥିଲା । ଶିକ୍ଷାଗତ ଯୋଗ୍ୟତା ଭିତିରେ ଉପଲବ୍ଧ ଭିନ୍ନ ଭିନ୍ନ ବୃତି ଚୟନ କରି ଛାତ୍ରୀମାନେ ସମାଜରେ କିପରି ସ୍ୱାବଲମ୍ବନଶୀଳ ହେବା ସହ ପ୍ରତିଷ୍ଠିତ ହୋଇପାରିବେ, ସେଇ ମହତ ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଅନୁଷ୍ଠାନର ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ଠାରୁ ପ୍ରକାଶ । ପ୍ରକାଶଥାଉକି ସ୍ମାର୍ଟ ଟିଭି ପରଦାରେ ପ୍ରଦର୍ଶିତ ଏଭଳି ଏକ ନିଆରା କାର୍ଯ୍ୟକ୍ରମର ଗୁରୁତ୍ୱକୁ ଛାତ୍ରୀମାନେ ଉପଭୋଗ କରିବା ସହ ବେଶ ହୃଦୟଙ୍ଗମ କରିଥିବା ଜଣାପଡିଛି ।

ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଟାଙ୍ଗୀ ଚୌଦ୍ୱାର, ୨୧/୦୬ (ଆ.ପ୍ର) : ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ସଫା ପଂଚାୟତର ଡାହାଣୀ ଗାଡିଆ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଅଛି । ଏହି ଯୋଗ ଶିବିରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ମାନସ କୁମାର ସାହୁ ଅତିଥି ଭାବେ ଯୋଗଦେଇ ମାନବ ସମାଜରେ ଯୋଗ ର ମହାତ୍ମ୍ୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ ପ୍ରତିଦିନ ସକାଳୁ ଯୋଗ କରିବା ନିରୋଗ ରହିବା, ଯୋଗ ହିଁ ସୁସ୍ଥ ଜୀବନ କହି ସମସ୍ତ ଛାତ୍ର ଛାତ୍ରୀ ଯୋଗାସନ ପ୍ରାଣାୟମ କରିଥିଲେ ପରିଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ କୁନ୍ତଳା ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଆରମ୍ଭ
SEITHO ARAMBHA

କଳାକାର ମାନଙ୍କ ଜୀବନ ସହ ଖେଳୁଛନ୍ତି ଅଣକଳାକାର, ଦୁଇ ବର୍ଷ ପୂର୍ବେ ଜଣେ କଳାକାର ମୃତ ଓ ଜଣେ ନିଖୋଜ

ବଣାଇଁ, ୨୧/୦୬ (ଆ.ପ୍ର) : ଦୁଇ ବର୍ଷ ପୂର୍ବେ ବଣାଇ ଅଂଚଳରୁ ଦେଶର ରାଜଧାନୀ ଦିଲ୍ଲୀ ଏବଂ ହରିୟାଣା ଅଂଚଳକୁ ରଥଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଯାଇଥିବା ବଣାଇ ଅଂଚଳର ସାଂସ୍କୃତିକ କଳାକାରଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ କଳାକାର ଏ ପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ତେବେ ଚଳିତ ବର୍ଷ ୨୩ ତାରିଖ ଦିନ କିଛି ଅଣ କଳାକାରଙ୍କ ନେତୃତ୍ୱରେ ଶତାଧିକ କଳାକାର ମାନଙ୍କୁ ଦିଲ୍ଲୀ ନେବା ପାଇଁ ସଜାଗ ହେଉଥିଲେ ମଧ୍ୟ ପ୍ରଶାସନ ପାଖରେ ଏ ନେଇ କୌଣସି ଖବର ନ ଥିବା ଜଣା ପଡିଛି । ଘଟଣା ଅନୁଯାୟୀ, ଗତ ଦୁଇ ବର୍ଷ ତଳେ ବଣାଇ କଦମ୍ବ କେଶରୀ ସାଂସ୍କୃତିକ କଳା ପରିଷଦର ସଭାପତି ଦଶରଥ ସାହୁ, କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ହରିୟାଣାର ପାନିପଥ କୁ ବଣାଇ ଉପଖଣ୍ଡର ୪ ଗୋଟି ବ୍ଲକରୁ ସମ୍ପ୍ରଦା, ଭାଗବତ, କୀର୍ତ୍ତନ, କିସାନ୍, ଓରାମ, ମୁଣ୍ଡା, ଆଦିବାସୀ ଲୋକନୃତ୍ୟର ୧୭୦ ଜଣ କଳାକାର ମାନେ ଟ୍ରେନ ଯୋଗେ ଦିଲ୍ଲୀ ଯାତ୍ରା କରିଥିଲେ । ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ କିଛି କଳାକାର ବୈଷ୍ଣବୀ ଦେବୀ ଦର୍ଶନ ପାଇଁ ଚାଲି ଯାଇଥିଲେ । ଅନ୍ୟମାନେ ଘରକୁ ଫେରୁଥିବାବେଳେ ଟିକାୟତପାଲି ଥାନା ପିଠାଟୋଳ ପଂଚାୟତ ଅନ୍ତର୍ଗତ ସିନ୍ଦୁରକଳା ଗ୍ରାମର ବୀରେନ ନାୟକ(୫୦)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଦିଲ୍ଲୀ ସ୍ଥିତ ରାମମନୋହରଲୋହିଆ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରା ଯାଇଥିଲା । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ଘରକୁ ମୃତ ବ୍ୟକ୍ତି ଶବ ପଠାଇଥିଲେ । ଏହା ପରେ ସମସ୍ତ କଳାକାର ଘରକୁ ଫେରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ୪ ଜଣ କୁଆଡ଼େ ରହି ଯାଇଥିଲେ । କିନ୍ତୁ ଦୁଇ ଦିନ ପରେ ଦୁଇ ଜଣ ଘରକୁ ଫେରିଥିବା ବେଳେ ପିଠାଟୋଳ ପଂଚାୟତ ସିନ୍ଦୁରକଳା ଗ୍ରାମର ଶୁକ୍ରୁ ନାୟକ ଏବଂ ଗୁରୁଣ୍ଡିଆ ବ୍ଲକ ମଲୁରଡିମା ଗ୍ରାମର ଶଙ୍କର ନାୟକ ଘରକୁ ଫେରି ନଥିଲେ । ଘଟଣାର କିଛି ମାସ ପରେ ଶୁକ୍ରୁ ନାୟକ ଘରକୁ ଫେରିଥିଲେ ମଧ୍ୟ ଆଜି ଯାଏ ଶଙ୍କର ନାୟକ ଘରକୁ ଫେରି ନାହାନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯେ, ସେମାନେ କଳାକାର ମାନଙ୍କୁ କୌଣସି କାର୍ଯ୍ୟକ୍ରମ କରିବା ପାଇଁ ନେଉଥାନ୍ତି ତା ହେଲେ କଳାକାର ମାନଙ୍କ ବ୍ଲକ ସଭାପତି ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ଉପ ଜିଲ୍ଲାପାଳଙ୍କୁ ଅବଗତ କରାଇବା କଥା ନୁହେଁ କି ? ଯଦି ସେମାନେ ନିଜସ୍ୱ ଯୋଗାଯୋଗ କରି ଯିବେ ତା ହେଲେ ପୂର୍ବ ଭଳି କିଛି ଅଘଟଣ ଘଟେ ହେଲେ ଦାୟୀ ହେବ କିଏ ? ହଜି ଯାଇଥିବା କଳାକାର ଙ୍କ ବାବଦରେ ଏ ପର୍ଯ୍ୟନ୍ତ କଣ ପଦକ୍ଷେପ ନିଆ ଯାଇଛି ? ପୋଲିସ କିମ୍ବା ପ୍ରଶାସନକୁ ଏ ବିଷୟରେ କଣ ପାଇଁ ଜଣା ହେଉ ନାହିଁ ? କିନ୍ତୁ ସେତେବେଳେ ଏ ଘଟଣା ସଂପର୍କରେ ପୁଲିସ କିମ୍ବା ଉପଖଣ୍ଡ ପ୍ରଶାସନରେ କୌଣସି ରିପୋର୍ଟ ହୋଇ ନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଏଣୁ ଏଥି ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅଣ କଳାକାର ମାନଙ୍କ ନିଜସ୍ୱ ସ୍ୱାର୍ଥ ପାଇଁ କଳାକାର ମାନଙ୍କ ଜୀବନ ସହ ଖେଳୁଥିବା ଲୋକଙ୍କ ବିରୁଦ୍ଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ବାଣପୁରରେ ଯୋଗ ଦିବସ ପାଳନ

ଚିଲିକା /ବାଣପୁର, ୨୧/୦୬ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ଥିବା ବାଣପୁର ନୋଡାଲ ହାଇ ସ୍କୁଲ, ବାଣପୁରରେ ୧୧ ତମ ଆନ୍ତର୍ଜାତୀୟ ଯୋଗ ଦିବସ ବିଦ୍ୟାଳୟ ପରିସରରେ ପ୍ରାୟ ୪୦୦ ଛାତ୍ର - ଛାତ୍ରୀ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଶ୍ରୀ ଜ୍ଞାନରଞ୍ଜନ ବେହେରା ଓ କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୀମତୀ ଭାରତୀ ସୁନ୍ଦରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ପ୍ରଧାନ ଓ ଶିକ୍ଷକ ପ୍ରତିନିଧି ତଥା ସଭାପତି, ଓଷ୍ଟା, ବାଣପୁର ବ୍ଲକ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ଲାଥଙ୍କ ଉପସ୍ଥିତିରେ ଯୋଗ ମହୋତ୍ସବ ସମିତି, ବାଣପୁର, ସଂଯୋଜକ ତଥା ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ଶ୍ରୀଯୁକ୍ତ ବୈରାଗୀ ଚରଣ ବଳଙ୍କ ଦ୍ୱାରା ଯୋଗାଭ୍ୟାସ ଶିକ୍ଷା ପ୍ରଦାନ କରାଯାଇଥିଲା । ଉକ୍ତ ଯୋଗ ଦିବସ କାର୍ଯ୍ୟକ୍ରମରେ ସୁସ୍ଥ ଜୀବନ ପାଇଁ ଯୋଗାଭ୍ୟାସର ଯଥେଷ୍ଟ ଆବଶ୍ୟକତା ସମ୍ବନ୍ଧରେ ଛାତ୍ର- ଛାତ୍ରୀମାନଙ୍କୁ ଉଦବୋଧନ ଦିଆଯାଇଥିଲା ଓ ନିୟମିତ ଅଭ୍ୟାସ କରିବାକୁ ଉତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହିତ ପରିଚାଳନା କରିବା ନିମନ୍ତେ ବିଦ୍ୟାଳୟର ଶିକ୍ଷକ ଶ୍ରୀ ପ୍ରମୋଦ କୁମାର ବେହେରା, ଶ୍ରୀ ନଳିନୀକାନ୍ତ ବେହେରା, ଶ୍ରୀ ପବିତ୍ର ବାସୁପତି, ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପଲତା ମିଶ୍ର, ଶ୍ରୀମତୀ ସ୍ମିତାଞ୍ଜଳି ମହାପାତ୍ର, ଶ୍ରୀମତୀ ତୃପ୍ତିମୟୀ ଖଣ୍ଡୁଆଳ, ଶ୍ରୀମତୀ ଶିବପ୍ରିୟା ବାରିକ, ସୁଶ୍ରୀ ଶୁଭସ୍ମିତା ସାହୁ, ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।

ବିକାଶ ବାହାନ, ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ବାର୍ତ୍ତାବହ ରଥ

ବଣାଇଁ, ୨୧/୦୬ (ଆ.ପ୍ର) : ବଣାଇଁ ବ୍ଲକ କେନ୍ଦ୍ରିକଳା ପଂଚାୟତ ପରିସରରେ ବିକାଶ ବାହନ ଯାତ୍ରା ରଥକୁ ସରପଂଚ ଉଗ୍ରେସନ କିସାନ ଧୂପ ଦୀପ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଣାଇଁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ସମିତି ସଭ୍ୟା ଲଳିତା ପାତ୍ର, ଏମ ଆଇ ବିଷ୍ଣୁ ଚରଣ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ନନ୍ଦ କିଶୋର ସାହୁ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା, ବିଶ୍ୱ ସିକିଲ ସେଲ ସଚେତନତା, ଆୟୁଷ୍ମାନ ଆରୋଗ୍ୟ ଯୋଜନା, ଅଣ ସଂଗଠିତ ଶ୍ରମିକ ଯୋଜନା, ପିଏମ କିସାନ ଯୋଜନା, ଶ୍ରୀ ଅନ୍ନ ଯୋଜନା, ଡ଼ାଇରିଆ ନିରାକରଣ ଅଭିଯାନ, ସୁଭଦ୍ରା ଯୋଜନା, ରାଜସ୍ୱ ଓ ପରିଚାଳନା ବିଭାଗ ତରଫରୁ ବସୁନ୍ଧରା ଯୋଜନାରେ ବାସହୀନଙ୍କୁ ଜମି ପ୍ରଦାନ କରିବା, ଭିନ୍ନକ୍ଷମ ସାମାଜିକ ଯୋଜନା, ମୁଖ୍ୟମନ୍ତ୍ରୀ ପୁଷ୍ଟି ଯୋଜନା, ଆଦିବାସୀ ବହୁମୁଖୀ ସମବାୟ ଯୋଜନା, କେନ୍ଦ୍ରିକଳା ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆସି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମାଟିରେ ତିଆରି ବିଭିନ୍ନ ବସ୍ତୁ ପ୍ରଦର୍ଶନ କରିବା ଇତ୍ୟାଦି ବିଭିନ୍ନ ଅଧିକାରୀ ମାନେ ଆସି ଜନ ସାଧାରଣଙ୍କୁ ସଚେତନତା କରିଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ, ସିଆରସିସି ମୃତ୍ୟୁଞ୍ଜୟ ପାତ୍ର, ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ବୈକୁଣ୍ଠ ଗରଡିଆ, ପଂଚାୟତ ନିର୍ବାହୀ ଅଧିକାରୀ ଦୀପକ କିସାନ, ସହକାରୀ ଯୋଜନା ଅଧିକାରୀ ବାସୁଦେବ ସାହୁ, ହିସାବ ରକ୍ଷକ ଅଶୋକ ଦାସ, ଶିଶୁ ବିକାଶ ସୁପରଭାଇଜର ଅରୁଣ ବାଳା ମିଶ୍ର, ବ୍ଲକ ଅଧିକାରୀ ଓ କର୍ମଚାରୀ ଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଶେଷରେ ୧୭ ଜଣଙ୍କୁ ରାସନ କାର୍ଡ ଓ ବାସଗୃହ ଯୋଜନାରେ ୧୦ ଜଣ, ୫ଜଣଙ୍କୁ କୃଷି ଋଣ, ୮ ଜଣଙ୍କୁ ଲେବର କାର୍ଡ, ୩ଜଣଙ୍କୁ ମଧୁବାବୁ ପେନସନ, ୧୩ ଜଣଙ୍କୁ ଜବ କାର୍ଡ ପ୍ରଦାନ କରିଥିଲେ ।

ଆଦିବାସୀ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ

ବାଲିଗୁଡା, ୨୧/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ପରିସରରେ ଶନିବାର ସକାଳ ୬ଟାରୁ ସମବେତ ପ୍ରାର୍ଥନା ଗାନ ସହ ହରିତ୍ ଯୋଗ ଦିବସ ପାଳନ ହୋଇ ଯାଇଛି । ଉକ୍ତ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଅଧ୍ୟକ୍ଷ ଲକ୍ଷ୍ମଣ ପାଳ, ଯୁବ ରେଡକ୍ରସ୍ କନ୍ଧମାଳ ଜିଲ୍ଲା ସଂଯୋଜକ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ, କାଉନସେଲର ଦଣ୍ଡପାଣି ଭୂୟାଁ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଅରୁନ୍ଧତୀ ପ୍ରଧାନ, ଅଧିକାରୀ ହମନ୍ ଦିବାକା, ଶୈକ୍ଷିକ ଅଧିକାରୀ ଡ଼.ସୁଶାନ୍ତ କୁମାର ଦାସ, କ୍ରୀଡା ପ୍ରଶିକ୍ଷକ ଗଙ୍ଗାଧର ପଣ୍ଡା, ବାଣିଜ୍ୟ ବିଭାଗ ମୁଖ୍ୟ ସରୋଜ କୁମାର ପାଠୀ ଯୋଗ ପ୍ରଶିକ୍ଷିକା ମିସ୍ ତନୁଜା ପ୍ରମୁଖ ଉପସ୍ଥିତ ରହି ନିୟମିତ ଯୋଗାଭ୍ୟାସ ଦ୍ୱାରା ମାନବଜାତି ସୁସ୍ଥ ରହିବ ମାନସିକ, ଶାରୀରିକ ସ୍ତରରେ ଉନ୍ନତି ଘଟିବା ସହ ମନରେ ଶାନ୍ତି ଫେରିବ । ଆଉ ବିପଦ ପୂର୍ଣ୍ଣ ରୋଗବ୍ୟାଧିରୁ ଦୁରେଇ ରହିବ ଶରୀରର ରୋଗପ୍ରତିଷେଧକ ଶକ୍ତି ବୃଦ୍ଧି ପାଇବ ଏହାଦ୍ୱାରା ସାମାଜିକ ସ୍ତରରେ ଉନ୍ନତି ଆସିବା ସହ ସ୍ଥିର ମନ ସୃଷ୍ଟି ହେବ ଓ ପାଠ ଭଲ ପଢିବାକୁ ଇଚ୍ଛା ବଢିବା ସହ ପାଠ ମନେ ରହିବ ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ମହାବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଛାତ୍ରାବାସ ଓ ଛାତ୍ରୀନିବାସର ଅନ୍ତେବାସୀ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ସାମିଲ ହୋଇ ଶେଷରେ ବୃକ୍ଷ ରୋପଣ କରିଥିଲେ ।

ଯାଜପୁର ଜିଲ୍ଲାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଯାଜପୁର, ୨୧/୦୬ (ଆ.ପ୍ର) : ଆଜି ଏକାଦଶତମ ଆନ୍ତର୍ଜାତୀୟ ଯୋଗଦିବସ ଅବସରରେ ଯାଜପୁର ଜିଲ୍ଲା ସଦର ମହକୁମା ଇଣ୍ଡୋର ଷ୍ଟାଡିୟମ୍ ଠାରେ ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ' ପାଇଁ ଯୋଗ ଟିଏ ଥିମ୍ ଆଧାରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅନ୍ତର୍ଜାତୀୟ ଯୋଗ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଯାଜପୁର ଡ଼ା. ରବୀନ୍ଦ୍ର ନାରାୟଣ ବେହେରା କହିଲେ ଆଜି ସମଗ୍ର ବିଶ୍ୱରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି । ଏହା ଭାରତର ଐତିହ୍ୟ ଓ ପରମ୍ପରା ସହିତ ଜଡ଼ିତ । ବହୁ ପୁରାତନରୁ ଏହି ଯୋଗ ପ୍ରଥା ଚାଲି ଆସୁଛି କିନ୍ତୁ ବାବା ରାମଦେବଙ୍କ ପତଞ୍ଜଳୀ ଯୋଗ ଆସିଲା ପରେ କେବଳ ଭାରତ ବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ଯୋଗ ପରିଚିତ ହୋଇପାରିଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗକୁ ଆନ୍ତର୍ଜାତୀୟ ସ୍ତରରେ ଆଣିବାକୁ ଶତ ଚେଷ୍ଟା କରିଛନ୍ତି । ରୋଗ ହେଲେ ଯୋଗ କରିବା ପ୍ରକ୍ରିୟା ବନ୍ଦ କରି ରୋଗ ନ ହେବା ପାଇଁ ଯୋଗ କରିବା ଆବଶ୍ୟକ ବୋଲି କହିଥିଲେ । ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ନିଜ ପାଇଁ ଦିନକୁ ଅଧ ଘଂଟା ସମୟ ଦିଅନ୍ତୁ । ଯୋଗ କରନ୍ତୁ, ନିଜକୁ ରୋଗ ଠାରୁ ଦୁରେଇ ରଖନ୍ତୁ ଏବଂ ସର୍ବଦା ସୁସ୍ଥ ରୁହନ୍ତୁ ବୋଲି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ପିଲାମାନଙ୍କୁ ଯୋଗ କରିବା ପାଇଁ ଉତ୍ସାହିତ କରିଥିଲେ । ଏହି ଅନ୍ତର୍ଜାତୀୟ ଯୋଗ ଦିବସରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ କହିଲେ ବିଶ୍ୱ ପାଇଁ ଯୋଗ ହେଉଛି ଏକ ଉପହାର । ଯୋଗକୁ କିପରି ସମସ୍ତଙ୍କ ପାଖରେ ପହଂଚାଇବା ଦୈନନ୍ଦିନ ଜୀବନରେ ସମସ୍ତେ କିପରି ଯୋଗ କରିବା ଅଭ୍ୟାସ କରିବେ ଏହାର ବାର୍ତ୍ତା ଦେବା ପାଇଁ ଆଜି ସମଗ୍ର ଦେଶରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି । ସମସ୍ତଙ୍କର ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ନିୟମିତ ଯୋଗ ଅଭ୍ୟାସ କରିବାକୁ ଭୁଲି ଯାଆନ୍ତି କିନ୍ତୁ ଆମକୁ ନିଜ ସ୍ୱାସ୍ଥ୍ୟ ପାଇଁ, ନିଜ ମାନସିକ ଶାନ୍ତି ପାଇଁ ସେହି ବ୍ୟସ୍ତ ବହୁଳ ଜୀବନ ମଧ୍ୟରୁ ନିୟମିତ କିଛି ସମୟ କାଢି ଯୋଗ ଅଭ୍ୟାସ ଏବଂ ବ୍ୟାୟାମ କରିବାକୁ ହେବ ଯାହାଦ୍ୱାରା ଆମେ ନିଜକୁ ସ୍ୱାସ୍ଥ୍ୟ ରଖି ପାରିବା ବୋଲି କହିଥିଲେ । ଏହି ଦିବସ ଅବସରରେ ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା ଯୋଗଦେଇ ସମସ୍ତଙ୍କୁ ନିୟମିତ ଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସବୁଦିନେ ଯୋଗ ଅଭ୍ୟାସ କରି ଶରୀର ଓ ମନକୁ ସୁସ୍ଥ ରଖିବା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା । ପତଞ୍ଜଳି ଯୋଗ ଶିକ୍ଷକ ସୁବାଷ ଚନ୍ଦ୍ର ତ୍ରିପାଠୀ, ମନ୍ମଥ କୁମାର ସାମଲ, କିରଣ କୁମାର ମଲ୍ଲିକ, ଗୋପୀନାଥ ସେଠୀ, ଆନନ୍ଦ ଚନ୍ଦ୍ର ସାହୁ ଉପସ୍ଥିତ ରହି ଯୋଗ ଶିକ୍ଷା ଦେଇଥିଲେ । ଏହି ସାମୂହିକ ଯୋଗାଭ୍ୟାସରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ବେହୁରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ, ବିଦ୍ୟାଳୟ ଏବଂ କଲେଜର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ଯୁଧିଷ୍ଠିର ନାୟକ ସମସ୍ତେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିବା ବ୍ୟକ୍ତ କରି ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଅଘୋଷିତ ବିଦ୍ୟୁତ କାଟର ଆଜି ଦ୍ୱିତୀୟ ଦିନ, କୌଣସି ବିଦ୍ୟୁତ ବିଭାଗର ଅଧିକାରୀଙ୍କ ଦେଖାନାହିଁ

ଚନ୍ଦାହାଣ୍ଡି, ୨୧/୦୬ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ସଦର ସ୍ଥିତ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଅଂଚଳବାସୀମାନେ ସାତଟି ଦାବି ନେଇ ଏକ ପ୍ରତୀକାତ୍ମକ ଗଣଧାରଣାରେ ବସିଥିବାର ଦ୍ୱିତୀୟ ଦିନ କିନ୍ତୁ କୌଣସି ବିଦ୍ୟୁତ ବିଭାଗର ଅଧିକାରୀଙ୍କ ଦେଖା ଦର୍ଶନ ନାହିଁ । ବିଦ୍ୟୁତ ବିଭାଗର ଅବହେଳା ଓ ସେବାରେ ତ୍ରୁଟି ନେଇ ଅସନ୍ତୋଷ ପ୍ରକାଶ କରି ଚନ୍ଦାହାଣ୍ଡି ଅଂଚଳର ଶତାଧିକ ବାସିନ୍ଦା ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଆନ୍ଦୋଳନକାରୀମାନେ ଜଣାଇଛନ୍ତି ଯେ, ବିଦ୍ୟୁତ ବିଭାଗରୁ ସୁଚାରୁ ବିଦ୍ୟୁତ ଯୋଗାଣ, ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ସ୍ମାର୍ଟ ମିଟର ସମସ୍ୟାର ସମାଧାନ, ଝରିଗାଁ ବ୍ଲକ ରୁ ଚନ୍ଦା ହାଣ୍ଡି ପର୍ଯ୍ୟନ୍ତ ଏକ୍ସ ୪ ବିଦ୍ୟୁତ ଖୁଂଟ, ପ୍ରତି ପଂଚାୟତକୁ ଗୋଟିଏ ଗୋଟିଏ ଫିଟର,ବିଦ୍ୟୁତ ବିଲରେ ଅନିୟମିତତା ଦୂରୀକରଣ, ନିୟମିତ ମରାମତି ଓ ରକ୍ଷଣାବେକ୍ଷଣ, ଗ୍ରାମାଂଚଳରେ ବିଦ୍ୟୁତ ସଂଯୋଗର ବିସ୍ତାର ଏବଂ ସ୍ଥାନୀୟ ଅଭିଯୋଗର ତୁରନ୍ତ ସମାଧାନ ଆଦି ଦାବି ପୂରଣ ନହେବା ପର୍ଯ୍ୟନ୍ତ ସେମାନେ ପ୍ରତିବାଦ ଜାରି ରଖିବେ ବୋଲି କହିଛନ୍ତି । ଆନ୍ଦୋଳନକାରୀଙ୍କ ନେତୃତ୍ୱ ନେଉଥିବା ଜଣେ ସ୍ଥାନୀୟ ନେତା ସେସମଲ ହରପାଳ କହିଛନ୍ତି, 'ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଆମ ଅଂଚଳରେ ନିୟମିତ ବିଦ୍ୟୁତ ସମସ୍ୟା ଦେଖାଦେଉଛି । ଆମର ଦାବିଗୁଡ଼ିକ ସମ୍ପର୍କରେ ବାରମ୍ବାର ଅଭିଯୋଗ କରାଯାଇଛି, କିନ୍ତୁ କୌଣସି ସମାଧାନ ହୋଇନାହିଁ । ଏଣୁ ଆମେ ଆଜି ଦୁଇଦିନ ହେଲା ଏହି ଗଣଧାରଣାରେ ବସିଛୁ । ଅତି ଦୁର୍ଭାଗ୍ୟ ର କଥା ଯେ ଏବେ ପର୍ଯ୍ୟନ୍ତ ବିଦ୍ୟୁତ ବିଭାଗ ର କୌଣସି ଉପରସ୍ଥ ଅଧିକାରୀଙ୍କ ଦେଖା ନାହିଁ ବୋଲି କହିଛନ୍ତି. ସେମାନେ ଆହୁରି ଚେତାବନୀ ଦେଇଛନ୍ତି ଯେ, ଯଦି ତୁରନ୍ତ ଦାବି ପୂରଣ ନ ହୁଏ, ତେବେ ଆଗାମୀ ଦିନରେ ଆହୁରି ଅଧିକ ଲୋକଙ୍କୁ ଏକତ୍ରିତ କରି ଆନ୍ଦୋଳନକୁ ତୀବ୍ରତର କରାଯିବ । ଏହି ପ୍ରତିବାଦରେ ଯୁବକ ଓ ବୟସ୍କମାନେ ମଧ୍ୟ ସାମିଲ ହୋଇଛନ୍ତି, ଯାହା ଅଂଚଳରେ ବିଦ୍ୟୁତ ସମସ୍ୟାର ଗମ୍ଭୀରତାକୁ ପ୍ରତିଫଳିତ କରୁଛି ।ଆଜିର ଏହି ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦର ଦ୍ୱିତୀୟ ଦିନ ର ଗଣଧାରଣା ଆନ୍ଦୋଳନ ରେ ଶେଷମଲ ହରପାଲ,ଗୌରହରୀ ନାୟକ, ଅକାଳୁ ଜାନି, ଯୁଗେଶ୍ୱର ନାଗ, ପୁରୁଷୋତମ ବାଘ, ପ୍ରେମଚାନ୍ଦ ଗୋପାଳ, ଉମ୍ବରୁ ହରିଣା, ଜଗନ୍ନାଥ ଡ଼ଙ୍ଗରି, ମତିଲାଲ ହଂସ, ନଳିନ ଡ଼ଙ୍ଗରି, କେଶବ ନାୟକ, କର୍ଣ୍ଣ ମାଝୀ, ରାକେଶ କୁମାର ନାଗ ଯାଦବ ଗୋପାଳ, ଭିକେଶ ହରପାଳ, ବୈକୁଣ୍ଠ ନାଗ, ନାଗେଶ୍ୱର ହରପାଳ, ଦିଲୀପ ସାହୁ ସହିତ ଅନେକ ଚନ୍ଦାହାଣ୍ଡି ଅଂଚଳ ବାସୀ ଦାବିନେଇ ଆଜିର ଦ୍ୱିତୀୟ ଦିନର ଗଣଧାରଣାରେ ବସିଥିଲେ ।

ବିଶ୍ୱ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୫ପାଳନ ଓ ସମ୍ମାନପତ୍ର ପ୍ରଦାନ

ଧାମନଗର, ୨୧/୦୬ (ଆ.ପ୍ର) : ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଆନୁକୂଲ୍ୟରେ ସମଗ୍ର ବିଶ୍ୱରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି । ସୂଚନା ଅନୁଯାୟୀ ୨୦୧୪ ମସିହାରେ ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ପରି ଏକ ଅନନ୍ୟ ଭାରତୀୟ ପରମ୍ପରାକୁ ସମସ୍ତେ ଆପଣେଇବା ଲାଗି ଏକ ପ୍ରସ୍ତାବ ଦେଇଥିଲେ । ତା' ପରେ ଯୋଗର ଉପକାରିତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ର ଜୁନ୍ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିବା ପାଇଁ ସହମତି ପ୍ରକାଶ କରିଥିଲେ । ସେହିଦିନ ଠାରୁ ୨୧ ଜୁନ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଓ ସମ୍ମାନପତ୍ର ପ୍ରଦାନ କରାଯାଉଛି । ଶନିବାର ସକାଳ ୭ଟା ସମୟରେ ଧାମନଗର ଏନ ଏ ସି ତରଫରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି । ଏଥିରେ ଯୋଗଗୁରୁ ସୁଶ୍ରୀ ସଙ୍ଗୀତା ତୃପ୍ତି ଓ ଗିତାରାଣୀ ବେହେରା ଉପସ୍ଥିତ ସମସ୍ତଙ୍କୁ ଯୋଗ ପ୍ରଶିକ୍ଷଣ ଦେଇଥିଲେ ।ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏଥିରେ ଅତିଥି ଭାବେ ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଚ୍ଚକାନି କାବରି, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, କୈଳାସ ଚନ୍ଦ୍ର ମହାପାତ୍ର, କାଉନସିଲର ସ୍ୱାଧିନ ସନ୍ଦିତ ଦାସ, ଉତମ ମହାନ୍ତି, ବିଜେପି ନେତା ବିଜୟ କୁମାର ରାମ,ପ୍ରଶାନ୍ତ ପରିଡ଼ାଙ୍କ ସମେତ ବହୁ କର୍ମକର୍ତା ଯୋଗ ଦେଇଥିବା ବେଳେ ଏନଏସି କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଧାମନଗର ପଂଚାୟତ ସମିତି ପକ୍ଷରୁ ବ୍ଲକ ଅନ୍ତର୍ଗତ ପଧାନୀ ପଂଚାୟତ ଠାରେ ବିଡ଼ିଓ ବନବିହାରି ଦିଦାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପ୍ରଧାଣ, ସାଂସଦ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସ୍ଥାନୀୟ ଅଂଚଳର ବିଭିନ୍ନ ପଂଚାୟତରୁ ଛାତ୍ରଛାତ୍ରୀ ଓ ଯୁବକ, ସମାଜସେବୀ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ଡିପିଓ ନୃସିଂହ ଚରଣ ଦତ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।। ସେହିପରି ଖଡିମାହାରା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ସୂର୍ଯ୍ୟନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନ ରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା ।ଯୋଗ ପ୍ରଶିକ୍ଷକ ଭରତ ଚନ୍ଦ୍ର ବାରିକ ଉପସ୍ଥିତ ଡାକ୍ତର, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀ ଓ ଜନସାଧାରଣଙ୍କୁ ଯୋଗ ପ୍ରଶିକ୍ଷଣ ଦେଇ ପ୍ରତ୍ୟହ ଯୋଗଭ୍ୟାସ କରିବା ପାଇଁ ପରାମର୍ଶ ଦେଇଥିଲେ । ଧାମନଗର ମହାବିଦ୍ୟାଳୟ ପରିସରରେ ଦଶମ ବିଶ୍ୱ ଯୋଗ ଦିବସ ପାଳନ ଉପଲକ୍ଷେ ଏକ ବିଶାଳ ସମୂହ ଯୋଗଭ୍ୟାସ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଯୋଗ ଶିବିରରେମହାବିଦ୍ୟାଳୟର +୨ ଓ +୩ ର ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ପ୍ରମୁଖ ଯୋଗ ଯୋଗଦେଇ ଯୋଗ ମାଧ୍ୟମରେ କିପରି ଛାତ୍ରଛାତ୍ରୀ ମାନଙ୍କ ନିରୋଗୀ ଓ ସୁସ୍ଥ ଜୀବନ ଯାପନ ସମ୍ଭବ ହୋଇପାରିବ ସେଥିପାଇଁ ଏକ ସମୂହ ଶପଥ ପାଠ ଗ୍ରହଣ କରିବା ସହ ଯୋଗ ପ୍ରଶିକ୍ଷଣ ଦିଆଯାଇଛି । 'ନିୟମିତ ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ' ଏହି ଅବସରରେ ଧାମନଗର ଆଦର୍ଶ ବିଦ୍ୟାଳୟ ବ୍ଲକ ଓ ଏନ ଏ ସି ଅଂଚଳ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଆନ୍ତର୍ଜାତୀୟ ଯୋଗ ଦିବସ ମହାଆଡମ୍ବରେ ପାଳିତ ହୋଇଯାଇଛି ।

ବଣାଇଁରେ ଏକ ପୃଥିବୀ,ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ

ବଣାଇଁ,୨୧/୦୬(ଆ.ପ୍ର): ବିଶ୍ୱରେ ଆଜି ପାଳିତ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ । ଯୋଗ, ଭାରତର ଏକ ପ୍ରାଚୀନ ସଂସ୍କୃତି । ଏହା ମନ, ଶରୀର ଓ ଆତ୍ମାର ମିଳନ କରିଥାଏ । ଯୋଗ ହିଁ ଏକମାତ୍ର ମାଧ୍ୟମ ଯାହା ମନକୁ ଶାନ୍ତ କରିଥାଏ । ଦୁନିଆକୁ ଆମର ଏହି ପ୍ରାଚୀନ କଳା ଓ ଏହାର ସୁଫଳ ସମ୍ପର୍କରେ ଅବଗତ କରାଇବା ପାଇଁ ଆମ ଦେଶର ନେତୃତ୍ୱରେ ପୁରା ବିଶ୍ୱ ପାଳନ କରୁଛି ଯୋଗ ଦିବସ । ଏଥର ଯୋଗ ଦିବସର ଥିମ ରହିଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' । ଦେଶର ବିଭିନ୍ନ ସ୍ଥାନରେ ଏନେଇ ଆୟୋଜନ ହୋଇଛି ବିଭିନ୍ନ କାର୍ଯ୍ୟକ୍ରମ । ନେତାମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ସମସ୍ତେ ଯୋଗ କରୁଛନ୍ତି । ପ୍ରତିବର୍ଷ ଜୁନ ୨୧ରେ ପାଳିତ ହେଉଛି ଏହି ଦିବସ । ୨୦୧୫ରୁ ଆଜିର ଦିନରେ ଏହା ପାଳିତ ହୋଇ ଆସୁଛି । ଆଜି ପାଳିତ ହେଉଛି ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ । ଜାତିସଂଘରେ ସେପ୍ଟେମ୍ବର ୨୦୧୪ରେ ଯୋଗ ଦିବସ ପ୍ରସ୍ତାବ ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଡିସେମ୍ବର ୨୦୧୪ରେ ଜୁନ ୨୧ରେ ଯୋଗ ଦିବସ ପାଳନ ଲାଗି ଜାତିସଂଘ ନିଷ୍ପତି ନେଇଥିଲା । ସେତେବେଳେ ଜାତିସଂଘର ନିଷ୍ପତିକୁ ୧୭୭ ଦେଶ ସମର୍ଥନ ଜଣାଇଥିଲେ । ଏହାକୁ ନେଇ ବଣାଇ ହକି ପଡିଆ ଠାରେ ଆନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବରେ ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଯୋଗ ଦେଇ ଦ୍ୱୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡା, ସହକାରୀ କୃଷି ଅଧିକାରୀ ସଲିନି ମହାନ୍ତି, ପଂଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଲତା କିସାନ, ସୁନ୍ଦର ଗଡ଼ ସରପଂଚ ସଙ୍ଘ ସଭାପତି ଉଗ୍ରେସନ କିସାନ, ବଣାଇ ସରପଂଚ ନମିତା ନାଗ, ବରିଷ୍ଠ ବିଜେପି କର୍ମକର୍ତା, ସିପିଆଇଏମ ବରିଷ୍ଠ କର୍ମକର୍ତା, ଏସଏଚଜି ମହିଳା, ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ର ଛାତ୍ରୀ ପ୍ରମୁଖ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ । ଯୋଗ ପ୍ରଶିକ୍ଷକ ଭାବରେ ବୃନ୍ଦାବନ ସାହୁ, ଚୂଡ଼ାମଣି ନାୟକ ଯୋଗ ଦେଇ ବିଭିନ୍ନ ପ୍ରକାର ଯୋଗାସନ ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ । ବ୍ରହ୍ମକୁମାରୀ ସଂଚାଳିକା ଯୋଗ ମାଧ୍ୟରେ ମନର ଶାନ୍ତି ପାଇଁ ବ୍ୟକ୍ତବ୍ୟରେ ପ୍ରକାଶ କରିଥିଲେ । ସେହିପରି ବଣାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ମଧ୍ୟ ଆନ୍ତର୍ଜାତିକ ଯୋଗ ଦିବସ ପ୍ରଧାନ ଶିକ୍ଷକ କାଶୀନାଥ ବେହେରାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ପ୍ରଶିକ୍ଷକ ଭାବରେ ଶିକ୍ଷକ ଚନ୍ଦ୍ର ଶେଖର ପାତ୍ର ଯୋଗ ଦେଇ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ମାନଙ୍କୁ ଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯୋଗାଭ୍ୟାସ କରାଇଥିଲେ ।

ମହା ଆଡ଼ମ୍ବରରେ ବନ୍ଧ ଛକରେ ଠାକୁରାଣୀଙ୍କୁ ବରଣ



ଜି.ଉଦୟଗିରି, ୨୧/୦୬ (ଆ.ପ୍ର) : ଜି.ଉଦୟଗିରି ଠାରେ ଚାଲିଥିବା ଠାକୁରାଣୀ ଯାତ୍ରା ଶେଷ ପର୍ଯ୍ୟାୟରେ ପହଂଚିଥିବା ବେଳେ ସ୍ଥାନୀୟ ବନ୍ଧଛକ ଶ୍ୟାମାକାଳୀ ପୂଜା କମିଟି ତରଫରୁ ଶୁକ୍ରବାର ପଂଚ ଠାକୁରାଣୀଙ୍କୁ ବରଣ କରାଯାଇଥିଲା । ବିଭିନ୍ନ ପଟୁଆର ସହ ମାଁଙ୍କ ଘଟ ଅସ୍ଥାୟୀ ମଣ୍ଡପରୁ ବାହାରି ବନ୍ଧଛକ ଶ୍ୟାମାକାଳୀ ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରାଯାଇ କନବାଗିରି ଗ୍ରାମ ରାଧାକୃଷ୍ଣ ମଠକୁ ଯାଇ ଗ୍ରାମବାସୀଙ୍କୁ ଦର୍ଶନ ଦେଇଥିଲେ । ମାଁଙ୍କ ଘଟ ଆଗମନ ଓ ପୂଜାର୍ଚ୍ଚନା କୁ ଦୃଷ୍ଟିରେ ରଖି ବନ୍ଧ ଛକରେ ବିଭିନ୍ନ ଦେବାଦେବୀଙ୍କ କଳାକୃତି ତିଆରି କରାଯାଇଥିବା ବେଳେ ମାତୃକୃପା କେନେରାଲ ଷ୍ଟୋର ସୌଜନ୍ୟରେ ସବିସ୍ଥୋ ବିସ୍କୁଟ୍ କମ୍ପାନୀର ବିସ୍କୁଟ ଓ ଚିପ୍ସ ବଂଟନ କାର୍ଯ୍ୟକ୍ରମରେ ଶିବସାହୁ, ଅଜିତସାହୁ ପ୍ରମୁଖ ସହଯୋଗ କରିଥିଲେ । ଆୟୋଜକଙ୍କ ତରଫରୁ ମଧ୍ୟ ରାତ୍ରୀରେ ମାଙ୍କ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଶନିବାର ଦିନ ମଧ୍ୟ ବନ୍ଧଛକ ସ୍ଥିତ ମାନସ ରଞ୍ଜନ ଦାସ ପଂଚ ଠାକୁରାଣୀ ଙ୍କୁ ବରଣ କରିନେଇଥିବା ବେଳେ ବନ୍ଧଛକ ବାସିନ୍ଦା ମାଙ୍କୁ ଦୁଇ ଦିନ ଧରି ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବା ପରେ ଶ୍ରୀରାମ ପଦା ଯାଇଥିଲେ । ବିରାଟ ଶୋଭାଯାତ୍ରାରେ ମାଁ ଙ୍କ ଘଟ ସହର ପରିକ୍ରମା କରି ଅସ୍ଥାୟୀ ମଣ୍ଡପ କୁ ଫେରିଥିଲେ । ମାଁ ବଡ଼ରାଉଳ ଦେବୀଙ୍କ ଠାକୁରାଣୀ ଯାତ୍ରା ଶୃଙ୍ଖଳିତ ଭାବେ ଚାଲିଥିବା ବେଳେ ଶନିବାର ଯାତ୍ରା କମିଟି ତରଫରୁ ସନ୍ଧ୍ୟା ବେଳେ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ପ୍ରଶାସନ ସମସ୍ତ ସହଯୋଗ କରୁଥିବାରୁ କମିଟି ପକ୍ଷରୁ ପୋଲିସ ବିଭାଗ କୁ ଧନ୍ୟବାଦ ଦେଇଛନ୍ତି କମିଟି ସଭାପତି ଚିତରଞ୍ଜନ ସାହୁ ।

ସେଇଠୁ ଆରମ୍ଭ
SEITHO ARAMBHA
ରବିବାର, ୨୨ ଜୁନ,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

୪୭୧ରେ ଅଟକିଲା ଭାରତର ପ୍ରଥମ ଇନିଂସ

ଲିଡ୍ସ,୨୧/୦୬(ନ୍ୟୁ.ଏ):ପ୍ରଥମ ଦିନରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତୀୟ ବ୍ୟାଟର ଦ୍ୱିତୀୟ ଦିନ ଖେଳରେ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଛି । ଏକଦା ୪୩୦ ରନରେ ୩ ୱିକେଟ୍ ହରାଇ ବିଶାଳ ସ୍କୋର ଆଡ଼କୁ ମୁହାଁଇଥିବା ଭାରତ ୪୭୧ ରନରେ ଅଲଆଉଟ୍ ହୋଇଛି । ଅର୍ଥାତ ଦଳ ଅବଶିଷ୍ଟ ୪୧ ରନରେ ୭ ୱିକେଟ୍ ହରାଇଛି । ଦ୍ୱିତୀୟ ଦିନରେ ଋଷଭ ପନ୍ତ ୧୩୪ ରନର ଶତକୀୟ ଇନିଂସ ଖେଳିଥିବା ବେଳେ ଅଧିନାୟକ ଶୁଭମନ ଗିଲ୍ ସର୍ବାଧିକ ୧୪୭ ରନ କରିଛନ୍ତି । ଓପନର ଜୟସ୍ୱାଲ ୧୦୧ ରନର ଶତକୀୟ ଇନିଂସ ଖେଳିଛନ୍ତି । ଭାରତ ପ୍ରଥମ ଦିନର ଅସମାପ୍ତ ଖେଳ ୩୫୯/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା । ଆଶା କରାଯାଉଥିଲା ଦଳ ଅନ୍ତତଃ ୫୦୦ ସ୍କୋର କରିବ । ଦ୍ୱିତୀୟ ଦିନର ପ୍ରଥମ ସେସନରେ ୧୨୭ ରନ କରି ଅପରାଜିତ ଥିବା ଅଧିନାୟକ ଶୁଭମନ ଗିଲ୍ ଓ ଋଷଭ ପନ୍ତ ଭଲ ବ୍ୟାଟିଂ କରିଥିଲେ । ଉଭୟ ଆଜି ଚତୁର୍ଥ ୱିକେଟ୍‌ରେ ୭୧ ରନ ଯୋଡ଼ିଥିଲେ । ତେବେ ୪୩୦ ରନ ସ୍କୋରରେ ଭାରତ ଚତୁର୍ଥ ୱିକେଟ୍ ହରାଇଥିଲା । ଗିଲ୍ ୧୪୭ ରନ କରି ଆଉଟ୍ ହୋଇଥିଲେ । ଏହା ପୂର୍ବରୁ ଗିଲ୍ ଓ ପନ୍ତ ଚତୁର୍ଥ ୱିକେଟ୍ ଭାଗିଦାରୀରେ ୨୦୯ ରନ ଯୋଡ଼ିଥିଲେ । ଅନ୍ୟପଟେ ପନ୍ତ ଟେଷ୍ଟ କ୍ୟାରିୟରରେ ସପ୍ତମ ଶତକ ହାସଲ କରିଥିଲେ । ଗିଲ୍‌ଙ୍କ ପରେ ୮ ବର୍ଷ ପରେ ଟେଷ୍ଟ କ୍ରିକେଟ୍‌ରେ ପଦାର୍ପଣ କରିଥିବା କରୁଣ ନାୟର ଖାତା ଖୋଲି ପାରି ନଥିଲେ । ଶତକ ପରେ ଦ୍ରୁତ ବ୍ୟାଟିଂ କରୁଥିବା ପନ୍ତ ଏଲବିଡବ୍ଲ୍ୟୁ ହୋଇଥିଲେ । ସେ ୧୭୮ ବଲରେ ୧୨ ଚୌକା ଓ ୬ ଛକା ସହ ୧୩୪ ରନର ଦମଦାର ଇନିଂସ ଖେଳିଥିଲେ । ଏହା ପରେ ଅନ୍ୟ କୌଣସି ବ୍ୟାଟର କ୍ରିଜରେ ତିଷ୍ଠି ପାରି ନ ଥିଲେ । ଶାର୍ଦ୍ଦୁଳ ଠାକୁର ୧ ରନ, ବୁମରା ୦, ରବିନ୍ଦ୍ର ଜାଡ଼େଜା ୧୧ ରନ ଓ ପ୍ରସିଦ୍ଧ କୃଷ୍ଣା ୧ ରନ କରି ଆଉଟ୍ ହୋଇଥିଲେ । ଏକଦା ୪୩୦ ରନରେ ୩ ୱିକେଟ୍ ହରାଇ ବେଶ ମଜବୁତ ସ୍ଥିତିରେ ଥିବା ଭାରତ ଶେଷ ୭ ୱିକେଟ୍ ମାତ୍ର ୪୧ ରନରେ ହରାଇ ୪୭୧ ରନରେ ଅଲଆଉଟ୍ ହୋଇଛି । ବୋଲିଂରେ ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ ଷ୍ଟୋକ୍ସ ୪ ଓ ଜୋଶ ଟଙ୍ଗ ୪ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ବ୍ରାୟଡନ କର୍ସ ଓ ଶୋଏବ ବସିର ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି । ଏହା ପୂର୍ବରୁ ପ୍ରଥମ ଦିନରେ ଯଶସ୍ୱୀ ଜୟସ୍ୱାଲ ୧୦୧ ରନର ଇନିଂସ ଖେଳିଥିବା ବେଳେ କେଏଲ ରାହୁଲ ୪୨ ରନ କରିଛନ୍ତି । ଟେଷ୍ଟ ପଦାର୍ପଣ କରିଥିବା ସାଇ ସୁଦର୍ଶନ ଖାତା ଖୋଲି ପାରି ନ ଥିଲେ । ଲିଡ୍ସରେ ଖେଳାଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ଋଷଭ ପନ୍ତଙ୍କ ବ୍ୟାଟ୍ ଗର୍ଜି ଉଠିଛି । ପନ୍ତ ଦମଦାର ବ୍ୟାଟିଂ କରି ଶତକ ଅର୍ଜନ କରିଛନ୍ତି । ଶତକ ହାସଲ କରିବା ସହ ପନ୍ତ ଏକ ଐତିହାସିକ ରେକର୍ଡ ନିଜ ନାଁରେ କରିଛନ୍ତି । ସେ ଟେଷ୍ଟରେ ଭାରତୀୟ ୱିକେଟ୍ କିପର ଭାବେ ସର୍ବାଧିକ ଶତକ ହାସଲ କରିଛନ୍ତି । ଏହା ତାଙ୍କର ଟେଷ୍ଟ କ୍ୟାରିୟରର ସପ୍ତମ ଟେଷ୍ଟ ଶତକ । ପନ୍ତଙ୍କ ଶତକ ବଳରେ ଭାରତ ଦ୍ୱିତୀୟ ଦିନରେ ନିଜର ସ୍ଥିତି ଆହୁରି ମଜବୁତ କରିଛି । ଏହା ପୂର୍ବରୁ ପନ୍ତ ଓ ଧୋନୀ ୬ ଶତକ ସହ ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ଥିଲେ । ତେବେ ଲିଡ୍ସ ଟେଷ୍ଟରେ ଶତକ ଅର୍ଜନ କରି ପନ୍ତ ଧୋନୀଙ୍କ ବଡ଼ ରେକର୍ଡ ଭାଙ୍ଗିଛନ୍ତି । ଆଉ ଭାରତର ଟେଷ୍ଟ ୱିକେଟ୍ କିପର ବ୍ୟାଟର ଭାବେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ କରିଛନ୍ତି । ଧୋନୀ ୯୦ ଟେଷ୍ଟରେ ୬ ଶତକ ହାସଲ କରିଥିବା ବେଳେ ପନ୍ତ ମାତ୍ର ୪୪ ଟେଷ୍ଟରେ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି । ୨୭ ବର୍ଷୀୟ ପନ୍ତ ଛକା ମାରି ଲଗାତାର ଦ୍ୱିତୀୟ ଥର ଟେଷ୍ଟରେ ଶତକ ପୂରଣ କରିଛନ୍ତି । ବଡ଼ କଥା ସେ ତିନି ଥର ଇଂଲଣ୍ଡର ସ୍ପିନ ବୋଲରଙ୍କ ବିପକ୍ଷରେ ଛକା ମାରି ଏହି କାରନାମା କରିଛନ୍ତି । ସେ ଲିଡ୍ସରେ ସ୍ପିନର ଶୋଏବ ବସିରଙ୍କ ବଲରେ ଛକା ମାରି ଶତକ ପୂରଣ କରିଥିଲେ । ଏହା ପୂର୍ବରୁ ଆଦିଲ ରସିଦ ଓ ଜୋ ରୁଟଙ୍କ ବଲରେ ଛକା ମାରି ପନ୍ତ ଶତକ ପୂରଣ କରିଥିଲେ । ହିଟ୍‌ମ୍ୟାନ୍ ରୋହିତ ଶର୍ମା ମଧ୍ୟ ତିନି ଥର ଏହି କମାଲ କରିଛନ୍ତି । ଭାରତ ପାଇଁ ସଚିନ ତେନ୍ଦୁଲକର ଛକା ମାରି ସର୍ବାଧିକ ୬ ଶତକ ହାସଲ କରିଛନ୍ତି ।

ଅଧିନାୟକ ଭାବେ କୋହଲିଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ନୂଆଦିଲ୍ଲୀ,୨୧/୦୬(ନ୍ୟୁ.ଏ):'ପ୍ରିନ୍ସ' ନାମରେ ଜଣାଶୁଣା ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ ଗିଲ୍ । ବିରାଟ 'କିଙ୍ଗ୍' କୋହଲିଙ୍କ ବଡ଼ ରେକର୍ଡ ଭାଙ୍ଗିଛନ୍ତି । ଗିଲ୍ ହେଡିଙ୍ଗଲିରେ ତାଙ୍କ ଅଧିନାୟକତ୍ୱ ଡେବ୍ୟୁରେ ମାରିଛନ୍ତି ଐତିହାସିକ ଶତକ । ଶୁକ୍ରବାର ଗିଲ୍ ଅଧିନାୟକ ଭାବରେ ପ୍ରଥମ ଥର ପାଇଁ ବ୍ୟାଟିଂ କରିବାକୁ ପଡ଼ିଆକୁ ଆସିଥିଲେ । ଗିଲ୍ ଉପରେ ବହୁତ ଚାପ ଥିଲା । ଅଧିନାୟକ ହେବା ପରେ କିଛି ଲୋକ ତାଙ୍କୁ ସମାଲୋଚନା ମଧ୍ୟ କରିଥିଲେ । ଗିଲ୍ ତାଙ୍କ ବ୍ୟାଟ୍ ଜରିଆରେ ସମାଲୋଚକଙ୍କୁ ଦେଇଛନ୍ତି ଜବାବ । ଗିଲ୍ ସେହି ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ, ଯେଉଁ ନମ୍ବରରେ କୋହଲି ଦୀର୍ଘ ସମୟ ଧରି ବ୍ୟାଟିଂ କରୁଥିଲେ । କୋହଲିଙ୍କ ଅବସର ପରେ ଗିଲ୍ ଏବେ ଚତୁର୍ଥ ନମ୍ବରରେ ବ୍ୟାଟିଂ କରିବେ । କ୍ରିଜ୍‌କୁ ଆସିବା ମାତ୍ରେ ଗିଲ୍ ଗୋଟିଏ ପରେ ଗୋଟିଏ ମହାନ ସଟ୍ ମାରିବା ଆରମ୍ଭ କରିଥିଲେ । ଗିଲ୍ ତାଙ୍କ ଉପରେ କୌଣସି ଚାପ ପଡ଼ିବାକୁ ଦେଇ ନଥିଲେ । ଗିଲ୍ ଦ୍ରୁତ କ୍ରମରେ ଚୌକା ମାରିବା ଆରମ୍ଭ କରିଥିଲେ । ଗିଲ୍ ଏପର୍ଯ୍ୟନ୍ତ ତାଙ୍କର ଶତକୀୟ ଇନିଂସରେ ୧୬ଟି ଚୌକା ଏବଂ ଗୋଟିଏ ଛକା ମାରିଛନ୍ତି । ଗିଲ୍ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୧୨୭ ରନ୍ କରିଛନ୍ତି । ଶନିବାର ଏହି ଇନିଂସକୁ ବଡ଼ ଇନିଂସରେ ପରିଣତ କରିବାକୁ ଚେଷ୍ଟା କରିବେ ସେ । ଏହି ଶତକ ସହିତ ସେ ଏବେ ଟେଷ୍ଟ ଅଧିନାୟକତ୍ୱ ଡେବ୍ୟୁରେ ଶତକ ମାରିଥିବା ସବୁଠାରୁ ଯୁବ ଖେଳାଳି ହୋଇସାରିଛନ୍ତି । ଗିଲ୍ ୨୫ ବର୍ଷ ୨୮୫ ଦିନ ବୟସରେ ଏହି ସଫଳତା ହାସଲ କରିଛନ୍ତି । ଏହି ସମୟ ମଧ୍ୟରେ ଗିଲ୍ କୋହଲିଙ୍କୁ ପଛରେ ପକାଇ ଦେଇଥିଲେ । କୋହଲି ୨୬ ବର୍ଷ ୩୪ ଦିନ ବୟସରେ ତାଙ୍କର ଟେଷ୍ଟ ଅଧିନାୟକତ୍ୱ ଡେବ୍ୟୁରେ ଶତକ ହାସଲ କରିଥିଲେ । ସେ ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହି ସଫଳତା ହାସଲ କରିଥିଲେ ।

ଇସ୍ରାଏଲ-ଇରାନ ଯୁଦ୍ଧକୁ ନେଇ ଭାରତର ବୈଦେଶିକ ନୀତି ଉପରେ ବର୍ଷିଲେ ସୋନିଆ ଗାନ୍ଧୀ

ନୂଆଦିଲ୍ଲୀ,୨୧/୦୬(ନ୍ୟୁ.ଏ):ଇରାନ ଭାରତର ପୁରୁଣା ବନ୍ଧୁ । ଗଭୀର ସମ୍ପର୍କ ରହିଛି । ଜମ୍ମୁ ଏବଂ କଶ୍ମୀର ସମେତ ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତକୁ ସମର୍ଥନ କରିବାର ଇରାନର ଇତିହାସ ରହିଛି । ୧୯୯୪ ମସିହାରେ କାଶ୍ମୀର ପ୍ରସଙ୍ଗରେ ଜାତିସଂଘ ମାନବାଧିକାର କମିଶନରେ ଭାରତକୁ ସମାଲୋଚନା କରୁଥିବା ଏକ ପ୍ରସ୍ତାବକୁ ରୋକିବାରେ ସାହାଯ୍ୟ କରିଥିଲା ଇରାନ । ଏହା କହିଛନ୍ତି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ । ସୋନିଆ ଗାନ୍ଧୀଙ୍କ ଇଂରାଜୀ ଖବରକାଗଜରେ ପ୍ରକାଶିତ ଲେଖାକୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଦ୍ୱାରେ ସେୟାର କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ସୋନିଆ ଗାନ୍ଧୀ ଲେଖିଛନ୍ତି ଯେ ଭାରତ ଏବଂ ଇସ୍ରାଏଲ ମଧ୍ୟ ସାମ୍ପ୍ରତିକ ଦଶନ୍ଧିରେ ରଣନୈତିକ ସମ୍ପର୍କ ବିକଶିତ କରିଛନ୍ତି । ଏହି ପରିସ୍ଥିତି ଆମ ଦେଶକୁ ଉତ୍ତେଜନା ହ୍ରାସ କରିବା ଏବଂ ଶାନ୍ତି ପାଇଁ ଏକ ସେତୁ ଭାବରେ କାର୍ଯ୍ୟ କରିବା ପାଇଁ ଏକ ନୈତିକ ଦାୟିତ୍ୱ ଏବଂ କୂଟନୈତିକ ସୁବିଧା ପ୍ରଦାନ କରେ । ଲକ୍ଷ ଲକ୍ଷ ଭାରତୀୟ ନାଗରିକ ସମଗ୍ର ପଶ୍ଚିମ ଏସିଆରେ ବାସ କରୁଛନ୍ତି ଏବଂ କାର୍ଯ୍ୟ କରୁଛନ୍ତି, ଯାହା ଏହି ଅଂଚଳରେ ଶାନ୍ତିକୁ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସ୍ୱାର୍ଥର ପ୍ରସଙ୍ଗ କରିଥାଏ । ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମୋଦୀ ସରକାରଙ୍କ ନୀତିକୁ ସମାଲୋଚନା କରିଛନ୍ତି । କହିଛନ୍ତି ଯେ ଏହି ମାନବିକ ବିପର୍ଯ୍ୟୟର ସାମ୍ନାରେ ମୋଦି ସରକାର ଦୁଇ-ରାଷ୍ଟ୍ର ମଧ୍ୟରେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ନୀତିଗତ ପ୍ରତିବଦ୍ଧତାକୁ ପରିତ୍ୟାଗ କରିଛନ୍ତି । ପାଲେଷ୍ଟାଇନ ଯେପରି ପାରସ୍ପରିକ ସୁରକ୍ଷା ଏବଂ ସମ୍ମାନରେ ଇସ୍ରାଏଲ ସହିତ କାନ୍ଧ ମିଳାଇ ରହିପାରିବ, ତାହା ଚିନ୍ତା କରିବା ଉଚିତ । କଂଗ୍ରେସ ନେତ୍ରୀ କହିଛନ୍ତି ଯେ ଗାଜାରେ ହୋଇଥିବା ଧ୍ୱଂସାବଶେଷ ଏବଂ ବର୍ତ୍ତମାନ ଇରାନ ବିରୁଦ୍ଧରେ ଉତ୍ତେଜନାର ବୃଦ୍ଧି ଉପରେ ଭାରତର ନୀରବତା ଆମର ନୈତିକ ଏବଂ କୂଟନୈତିକ ପରମ୍ପରା ନୁହେଁ । ଏପର୍ଯ୍ୟନ୍ତ ବହୁତ ଡେରି ହୋଇନାହିଁ । ଭାରତକୁ ସ୍ପଷ୍ଟ ଭାବରେ କହିବା, ଦାୟିତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବା ଏବଂ ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ କରିବା ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଉପଲବ୍ଧ ପ୍ରତ୍ୟେକ କୂଟନୈତିକ ଚ୍ୟାନେଲ ବ୍ୟବହାର କରିବା ଉଚିତ ।

ଏୟାର ଇଣ୍ଡିଆ ଉପରେ ଡିଜିସିଏର କଡ଼ା କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୨୧/୦୬(ନ୍ୟୁ.ଏ):ଅହମଦାବାଦ ବିମାନ ଦୁର୍ଘଟଣା ପରେ ଆକ୍ସନ ମୁଡ୍‌ରେ ଡିଜିସିଏ । ଏୟାର ଇଣ୍ଡିଆ ବିରୋଧରେ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ । କଠୋର ଆଭିମୁଖ୍ୟ ସ୍ୱରୂପ କ୍ରୁ ସିଡ୍ୟୁଲିଂ ବିଭାଗର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ବହିଷ୍କାର କରିବାକୁ ନିର୍ଦ୍ଦେଶ ଦେଇଛି । ବିମାନ ସୁରକ୍ଷା ପ୍ରୋଟୋକଲର ଉଲ୍ଲଂଘନ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏମାନେ ହେଲେ ମଧ୍ୟରେ ଚୁରା ସିଂହ (ଡିଭିଜନାଲ ଭାଇସ୍ ପ୍ରେସିଡେଣ୍ଟ), ପିଙ୍କି ମିତ୍ତଲ (ମୁଖ୍ୟ ପରିଚାଳକ- କ୍ରୁ ସିଡ୍ୟୁଲିଂ) ଏବଂ ପାୟଲ ଆରୋରା (କ୍ରୁ ସିଡ୍ୟୁଲିଂ- ପ୍ଲାନିଂ) ଅନ୍ତର୍ଭୁକ୍ତ । DGCA ସ୍ପଷ୍ଟ କରିଛି ଯେ ଏହି ଅଧିକାରୀମାନଙ୍କୁ ସିଡ୍ୟୁଲିଂ ଦାୟିତ୍ୱରୁ ତୁରନ୍ତ ବହିଷ୍କାର କରାଯିବ ।

ଟ୍ରମ୍ପଙ୍କୁ ପାକିସ୍ତାନର ଖୋଲାଖୋଲି ସମର୍ଥନ

ନୂଆଦିଲ୍ଲୀ,୨୧/୦୬(ନ୍ୟୁ.ଏ):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅଜବ ଦାବି । ବିଶ୍ୱର ଅନେକ ମୋର୍ଚ୍ଚାରେ ଯୁଦ୍ଧ ବନ୍ଦ୍ କରିବାରେ ତାଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ଏହାରି ଭିତରେ ପାକିସ୍ତାନ ସରକାର ୨୦୨୬ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମକୁ ଅନୁଷ୍ଠାନିକ ଭାବେ ପ୍ରସ୍ତାବ ଦେଇଛନ୍ତି । ପାକିସ୍ତାନ ଏକ ବିବୃତ୍ତିରେ କହିଛି ଯେ ୨୦୨୫ ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସମୟରେ ଟ୍ରମ୍ପଙ୍କ ଭୂମିକା ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ନିର୍ଣ୍ଣାୟକ କୂଟନୈତିକ ହସ୍ତକ୍ଷେପ ଓ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ଯୋଗୁଁ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ପ୍ରସ୍ତାବ କରିବାକୁ ନିଷ୍ପତ୍ତି ନିଆଯାଇଛି । ପାକିସ୍ତାନ ଭାରତ ସହିତ ଯୁଦ୍ଧବିରତି ଆଣିବା ପାଇଁ ଟ୍ରମ୍ପଙ୍କ ହସ୍ତକ୍ଷେପକୁ ପ୍ରଶଂସା କରିଛି । ବିବୃତ୍ତିରେ କୁହାଯାଇଛି ଯେ ଟ୍ରମ୍ପଙ୍କ ପ୍ରୟାସ ଯୋଗୁଁ ଏକ ଯୁଦ୍ଧବିରତି ହୋଇଥିଲା, ଯାହା ଯୁଦ୍ଧର ଏକ ବଡ଼ ବିପଦକୁ ଏଡାଇ ଦେଇଥିଲା । ସେ ଏହି ପୁରସ୍କାରର ପ୍ରକୃତ ଯୋଗ୍ୟ । ତେବେ ଟ୍ରମ୍ପଙ୍କୁ ଲାଗୁନି କି ସେ ନୋବେଲ ଶାନ୍ତି ପୁରସ୍କାର ଜିତିପାରିବେ । ଟ୍ରମ୍ପ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ ମୁଁ ଏହା କହି ଖୁସି ଯେ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସହିତ, ଆମେ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଓ ରୱାଣ୍ଡା ଗଣରାଜ୍ୟ ମଧ୍ୟରେ ଏକ ଡିଲ୍ ହୋଇଛି । ଉଭୟଙ୍କ ମଧ୍ୟରେ ଯୁଦ୍ଧ ଦଶନ୍ଧି ଧରି ରକ୍ତପାତ ପାଇଁ ଜଣାଶୁଣା । ଏହା ଆଫ୍ରିକା ପାଇଁ ଏକ ମହାନ ଦିନ ଓ ବିଶ୍ୱ ପାଇଁ ବି ମହାନ ଦିନ । କିନ୍ତୁ ଏଥିପାଇଁ ମୁଁ ନୋବେଲ ଶାନ୍ତି ପୁରସ୍କାର ପାଇବି ନାହିଁ । ସେ କହିଛନ୍ତି ଯେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରିବା ପାଇଁ ମୁଁ ନୋବେଲ ପୁରସ୍କାର ପାଇବି ନାହିଁ । ସର୍ବିଆ ଓ କୋସୋଭୋ ମଧ୍ୟରେ ଯୁଦ୍ଧ ବନ୍ଦ କରିବା ପାଇଁ ମୁଁ ନୋବେଲ ଶାନ୍ତି ପୁରସ୍କାର ପାଇବି ନାହିଁ । ଇଜିପ୍ଟ ଏବଂ ଇଥିଓପିଆ ମଧ୍ୟରେ ଶାନ୍ତି

ପୁନଃସ୍ଥାପନ ପାଇଁ ମୁଁ ନୋବେଲ ପୁରସ୍କାର ପାଇବି ନାହିଁ । ନୋବେଲ ଶାନ୍ତି ପୁରସ୍କାର ପାଇବା ନେଇ ଚାଲିଥିବା ଜଳ୍ପନାକଳ୍ପନା ମଧ୍ୟରେ ନୀରବତା ଭାଙ୍ଗିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଯାହା ହେଉନା କାହିଁକି, ମୁଁ ନୋବେଲ ଶାନ୍ତି ପୁରସ୍କାର ପାଇବି ନାହିଁ । ଟ୍ରମ୍ପ ଆହୁରି କହିଛନ୍ତି ଯେ ସେ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଏବଂ ରୱାଣ୍ଡା ମଧ୍ୟରେ ଚୁକ୍ତି ବିଷୟରେ କଥା ହୋଇଥିଲେ । ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିଲେ । ସର୍ବିଆ ଏବଂ କୋସୋଭୋ ମଧ୍ୟରେ ଯୁଦ୍ଧ ବନ୍ଦ କରିଥିଲେ । ଟ୍ରମ୍ପ ଇଜିପ୍ଟ ଏବଂ ଇଥିଓପିଆ ମଧ୍ୟରେ ଶାନ୍ତି ବଜାୟ ରଖିବା ବିଷୟରେ ମଧ୍ୟ କଥା ହୋଇଥିଲେ । ଟ୍ରମ୍ପ 'ଆବ୍ରାହମ ଚୁକ୍ତି' ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ଏହା ମଧ୍ୟପ୍ରାଚ୍ୟରେ ଘଟିଥିଲା । ସେ କହିଥିଲେ ଯେ ଯଦି ସବୁକିଛି ଠିକ୍ ରହେ, ତେବେ ଆହୁରି ଅନେକ ଦେଶ ଏଥିରେ ସ୍ୱାକ୍ଷର କରିବେ । ଏହା ମଧ୍ୟପ୍ରାଚ୍ୟକୁ ଏକ କରିବ । ସେ କହିଛନ୍ତି ଯେ 'ଯୁଗ'ରେ ଏହା ପ୍ରଥମ ଥର ପାଇଁ ଘଟିବ । ଟ୍ରମ୍ପ ଆହୁରି କହିଛନ୍ତି ଯେ ତାଙ୍କୁ ରୁଷ-ୟୁକ୍ରେନ ଏବଂ ଇସ୍ରାଏଲ-ଇରାନ ମାମଲାରେ ମଧ୍ୟ ନୋବେଲ ପୁରସ୍କାର ମିଳିବ ନାହିଁ । ଯାହା ହେଉନା କାହିଁକି, ତାଙ୍କୁ ପୁରସ୍କାର ମିଳିବ ନାହିଁ । ଟ୍ରମ୍ପ କହିଛନ୍ତି ଯେ ଲୋକମାନେ ଜାଣନ୍ତି ଏବଂ ତାଙ୍କ ପାଇଁ ଏହା ଯଥେଷ୍ଟ । ସେ ଲୋକଙ୍କ ମତାମତ ବିଷୟରେ ଚିନ୍ତା କରନ୍ତି । ତାଙ୍କୁ ନୋବେଲ ପୁରସ୍କାର ମିଳୁ କି ନ ମିଳୁ, ଲୋକଙ୍କ ସମର୍ଥନ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ।

୨୦୨୪ ଲୋକସଭା ନିର୍ବାଚନ ଜିତିବା ପାଇଁ ବିଜେପି କରିଛି ବିପୁଳ ବ୍ୟୟ: ଏଡିଆର

ନୂଆଦିଲ୍ଲୀ,୨୧/୦୬(ନ୍ୟୁ.ଏ):ବିଜେପି ୨୦୨୪ ଲୋକସଭା ନିର୍ବାଚନ ଜିତିବା ପାଇଁ ପାଖାପାଖି ୧୪୯୪ କୋଟି ଟଙ୍କା ଖର୍ଚ୍ଚ କରିଛି । ଯାହା ମୋଟ ନିର୍ବାଚନ ଖର୍ଚ୍ଚର ୪୪.୫୬% ବୋଲି କୁହାଯାଇଛି । ନିର୍ବାଚନ ସଂସ୍କାର ପାଇଁ କାର୍ଯ୍ୟ କରୁଥିବା 'ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍' (ଏଡିଆର) ଶୁକ୍ରବାର ଏହି ସୂଚନା ଦେଇଛି । ବିଜେପି ପଛକୁ ୬୨୦ କୋଟି ଟଙ୍କା ବ୍ୟୟ ସହ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି । କଂଗ୍ରେସ ମୋଟ ନିର୍ବାଚନ ଖର୍ଚ୍ଚର ୧୮.୫% ବ୍ୟୟ କରିଛି । ଗତ ଲୋକସଭା ନିର୍ବାଚନରେ ରାଜନୈତିକ ଦଳମାନଙ୍କ ବ୍ୟୟ ସମୀକ୍ଷା କରିଛି ଏଡିଆର । ଏଥିରେ ୩୨ଟି ଜାତୀୟ ଓ ଆଂଚଳିକ ଦଳଙ୍କ ବ୍ୟୟ ବିଶ୍ଳେଷଣ କରାଯାଇଛି । ଏହି ପାର୍ଟିମାନେ ୧୬ ମାର୍ଚ୍ଚରୁ ୬ଜୁନ ୨୦୨୪ ମଧ୍ୟରେ ଲୋକସଭା ତଥା ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡିଶା ଏବଂ ସିକ୍କିମରେ ଏକସଙ୍ଗରେ ହୋଇଥିବା ବିଧାନସଭା ନିର୍ବାଚନ ପାଇଁ ମୋଟ ୩୩୫୨.୮୧ କୋଟି ଟଙ୍କା ବ୍ୟୟ କରିଛନ୍ତି । ଏହି ବ୍ୟୟରେ ଜାତୀୟ ଦଳଙ୍କ ଅଂଶ ୨୨୦୪ କୋଟି ଟଙ୍କା ଅର୍ଥାତ ୬୫.୭୫%ରୁ ଅଧିକ ରହିଛି । ରିପୋର୍ଟରେ କୁହାଯାଇଛି ଯେ ଏକତ୍ର ହୋଇଥିବା ମୋଟ ରାଶିରେ ଜାତୀୟ ଦଳମାନେ ୬୯୩୦.୨୪୬ କୋଟି ଟଙ୍କା ଅର୍ଥାତ ୯୩.୦୮% ସଂଗ୍ରହ କରିଥିବା ବେଳେ ଆଂଚଳିକ ଦଳମାନଙ୍କୁ ୫୧୫.୩୨ କୋଟି ଟଙ୍କା ଅର୍ଥାତ ୬.୯୨% ମିଳିଥିଲା । ଏହି ବିଶ୍ଳେଷଣ ବାଧ୍ୟତାମୂଳକ ବ୍ୟୟ ବିବରଣୀ ଆଧାରିତ, ଯାହା ରାଜନୈତିକ ଦଳକୁ ସାଧାରଣ ନିର୍ବାଚନର ୯୦ ଦିନ ମଧ୍ୟରେ ଓ ବିଧାନସଭା ନିର୍ବାଚନର ୭୫ ଦିନ ମଧ୍ୟରେ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ ହୋଇଥାଏ । ତେବେ ଏହି ବିବରଣୀ ଦାଖଲ କରିବାରେ ରାଜନୈତିକ ଦଳମାନେ ବେଶ୍ ବିଳମ୍ବ କରିଥିବା ଏଡିଆର କହିଛନ୍ତି । ରିପୋର୍ଟ ଅନୁସାରେ ଆମ ଆଦମୀ ପାର୍ଟି (ଆପ)ର ବ୍ୟୟ ବିବରଣୀ ୧୬୮ ଦିନ ବିଳମ୍ବରେ ମିଳିଥିବା ବେଳେ ବିଜେପିର ବ୍ୟୟ ବିବରଣୀ ୧୩୯ ଦିନରୁ ୧୫୪ ଦିନ ବିଳମ୍ବରେ ମିଳିଥିଲା । ଏଡିଆର ଅନୁସାରେ କେବଳ କଂଗ୍ରେସ ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକସଭା ଓ ବିଧାନସଭା ନିର୍ବାଚନର ଏକ ସମନ୍ୱିତ ବ୍ୟୟ ରିପୋର୍ଟ ଦାଖଲ କରିଥିଲା । ବ୍ୟୟ ସୂଚୀରେ ନିର୍ବାଚନ ପ୍ରଚାର ଶୀର୍ଷ ସ୍ଥାନରେ ଥିବା ବେଳେ ଏଥି ପାଇଁ ପାର୍ଟିମାନେ ୨୦୦୮ କୋଟି ଟଙ୍କା ବ୍ୟୟ କରିଛନ୍ତି, ଯାହା ସେମାନଙ୍କ ମୋଟ ଘୋଷିତ ବ୍ୟୟର ୫୩%ରୁ ଅଧିକ ଥିଲା । ଏହା ପଛକୁ ଯାତ୍ରାବ୍ୟୟ ୭୯୫ କୋଟି ଟଙ୍କା ଦର୍ଶାଇଛନ୍ତି । ପ୍ରାର୍ଥୀମାନେ ଏକକାଳୀନ ପେଠ ରୂପେ ୪୦୨ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ପାର୍ଟିମାନେ ଡିଜିଟାଲ ମାଧ୍ୟମରେ ନିର୍ବାଚନ ପ୍ରଚାର ନିମନ୍ତେ ୧୩୨ କୋଟି ଟଙ୍କା ବ୍ୟୟ କରିଛନ୍ତି । ୩୨ଟି ରାଜନୈତିକ ଦଳଙ୍କ ଦ୍ୱାରା ନିର୍ବାଚନ ପ୍ରଚାର ପାଇଁ କରାଯାଇଥିବା ମୋଟ ଖର୍ଚ୍ଚରୁ ଜାତୀୟ ଦଳଙ୍କ ଦ୍ୱାରା ୧୫୧୧.୩୦ କୋଟି ଅର୍ଥାତ ୭୫.୨୫ ପ୍ରତିଶତ ବ୍ୟୟ କରିଥିବା ବେଳେ ଆଂଚଳିକ ଦଳଙ୍କ ଦ୍ୱାରା ୪୯୬.୯୯ କୋଟି ଟଙ୍କା ଅର୍ଥାତ ୨୪.୭୫% ଖର୍ଚ୍ଚ କରାଯାଇଛି ।

'ମତଦାନ କେନ୍ଦ୍ରର ଫୁଟେଜ୍ ଜାରି କରିବା ଭୋଟରଙ୍କ ଗୋପନୀୟତାର ଉଲ୍ଲଂଘନ': ଇସିଆଇ

ନୂଆଦିଲ୍ଲୀ,୨୧/୦୬(ନ୍ୟୁ.ଏ):ମତଦାନ କେନ୍ଦ୍ରର ୱେବକାଷ୍ଟିଂ ଫୁଟେଜ ସାର୍ବଜନୀନ ଦାବି ଭିତରେ ନିର୍ବାଚନ ଆୟୋଗ ବଡ଼ ବୟାନ ଦେଇଛନ୍ତି । ନିର୍ବାଚନ ଆୟୋଗର ଅଧିକାରୀ ଶନିବାର କହିଛନ୍ତି, ଏପରି ପଦକ୍ଷେପ ମତଦାତାଙ୍କ ଗୋପନୀୟତା ଓ ସୁରକ୍ଷା ସମ୍ବନ୍ଧିତ ଚିନ୍ତାର ଉଲ୍ଲଂଘନ କରିବ । ସେ କହିଛନ୍ତି ଯେ ଏପରି ଦାବି ସେମାନଙ୍କ ଧାରଣା ପାଇଁ ଠିକ୍, ଯାହା ଭୋଟର-ଅନୁକୂଳ ପରି ମନେହୁଏ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାର ସୁରକ୍ଷା ପାଇଁ ଉପଯୁକ୍ତ, କିନ୍ତୁ ବାସ୍ତବରେ ଏହାର ଲକ୍ଷ୍ୟ ଠିକ୍ ବିପରୀତ ଉଦ୍ଦେଶ୍ୟ ହାସଲ କରିବା । ଅଧିକାରୀମାନେ ଦାବି କରିଛନ୍ତି, ଯାହାକୁ ଯୁକ୍ତିଯୁକ୍ତ ଦାବି ଭାବେ ଉପସ୍ଥାପନ କରାଯାଉଛି, ତାହା ବାସ୍ତବରେ ମତଦାତାଙ୍କ ଗୋପନୀୟତା ଓ ସୁରକ୍ଷା ଚିନ୍ତାର ଉଲ୍ଲଂଘନ ଅଟେ । ଏହା ଜନପ୍ରତିନିଧିତ୍ୱ ଅଧିନିୟମ ୧୯୫୦ ଓ ୧୯୫୧ରେ ନିର୍ଦ୍ଧାରିତ ଆଇନ ସ୍ଥିତି ଓ ଶୀର୍ଷ କୋର୍ଟଙ୍କ ନିର୍ଦ୍ଦେଶର ସମ୍ପୂର୍ଣ୍ଣ ବିରୋଧୀ । ସେ ଜୋର ଦେଇ କହିଛନ୍ତି ଯେ ଫୁଟେଜ୍ ସେୟାର କରିବା ଦ୍ୱାରା ମତଦାତା ଓ ମତଦାତା ନଥିବା ଲୋକ ଅସାମାଜିକ ବ୍ୟକ୍ତିଙ୍କ ଟାର୍ଗେଟକୁ ଆସିପାରନ୍ତି । ଏହାଦ୍ୱାରା ଯେକୌଣସି ଗୋଷ୍ଠୀ କିମ୍ବା ବ୍ୟକ୍ତି ପାଇଁ ମତଦାତାଙ୍କୁ ଚିହ୍ନଟ କରିବା ସହଜ ହେବ । ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ପରିଣାମ ଘୋଷଣାର ୪୫ ଦିନ ପରେ କୌଣସି ବି ନିର୍ବାଚନକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ । ଏଥିପାଇଁ ଏହି ଅବଧି ପରେ ଅଧିକ ସମୟ ଯାଏ ରଖିବା ଦ୍ୱାରା ଭୁଲ ଓ ଦୁର୍ଭାଗ୍ୟପୂର୍ଣ୍ଣ ଖବର ପ୍ରଚାର କରିବା ସାମଗ୍ରୀ ରୂପେ ଏହାକୁ ଦୁରୁପଯୋଗ କରାଯାଇପାରେ । ସେ କହିଛନ୍ତି ଯେ ଯଦି ୪୫ ଦିନ ଭିତରେ ନିର୍ବାଚନ ଉପରେ ଯାଚିକା ଦାଖଲ କରାଯାଏ, ତେବେ ସିସିଟିଭି ଫୁଟେଜକୁ ସୁରକ୍ଷିତ ରଖାଯାଏ । ଏବଂ ଆବଶ୍ୟକ ସମୟରେ ଏହାକୁ ନ୍ୟାୟାଳୟରେ ଉପଲବ୍ଧ କରାଯାଇଥାଏ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das